୬ ଅବସରରୁ ଫେରି କଲେ ବିଶ୍ୱ ରେକର୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୮୨ ● ୧୦ ନଭେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-282 ● 10th November 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ନୂଆପଡ଼ା ଉପନିର୍ବାଚନ: ପ୍ରଚାର ଶେଷ

## ୪୭ଟି ସମ୍ବେଦନଶୀଳ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ୯।୧୧
ନ୍ୟୁଜ୍ ବ୍ୟୁରୋ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର ରବିବାର ଅପରାହ୍ନରେ ଶେଷ ହୋଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ସୂଚନା ଦେଇଛନ୍ତି ଯେ ସନ୍ଧ୍ୟା ୪ଟାଠୁ ୪୮ ଘଣ୍ଟିଆ ମୌନ ଅବଧି ଆରମ୍ଭ ହୋଇଛି । ସେ କହିଛନ୍ତି, ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ଯେଉଁମାନେ ନୂଆପଡ଼ାରେ ପ୍ରଚାର କରୁଥିଲେ, ସମୟସୀମା ପୂର୍ବରୁ ମହକୁମା ଛାଡ଼ି ଯାଇଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୧୧ରେ ହେବାକୁ ଥିବା ଭୋଟିଂ ପାଇଁ ସମସ୍ତ ପ୍ରୟୋଜନୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ଭୋଟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇପାରିବ । ସମସ୍ତ ଭୋଟ କେନ୍ଦ୍ରରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି ଏବଂ ସେଗୁଡ଼ିକ ମଧ୍ୟରୁ ୪୭ଟି ବୁଥ୍‌କୁ ସମ୍ବେଦନଶୀଳ ଘୋଷଣା କରାଯାଇଛି । ସେ ଏହା ମଧ୍ୟ କହିଛନ୍ତି ଯେ ଅଞ୍ଚଳରେ ଶାନ୍ତିଶୃଙ୍ଖଳାପୂର୍ଣ୍ଣ ଭାବେ ନିୟନ୍ତ୍ରଣ ରହିଛି ।



ମୌନ ଅବଧି ଅବସରରେ ବ୍ୟକ୍ତିଗତ ଭାବେ ଘରେ ଘରେ ଯାଇ ମତଦାତାଙ୍କ ସହ ଯୋଗାଯୋଗ କରିପାରିବେ, କିନ୍ତୁ ସମୂହ ପ୍ରଚାର କିମ୍ବା ଜନସଭା ସଂପୂର୍ଣ୍ଣ ନିଷିଦ୍ଧ ରହିବ । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ରାଜନୈତିକ କାର୍ଯ୍ୟକଳାପ ରାତି ୧୦ଟା ପୂର୍ବରୁ ଶେଷ ହେବା ଆବଶ୍ୟକ ଏବଂ କୌଣସି କାର୍ଯ୍ୟକଳାପ ଅନ୍ୟମାନଙ୍କ ସୁରକ୍ଷାକୁ ବିପଦରେ ପକାଇବା ଉଚିତ୍ ନୁହେଁ ।

୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ । ଏନେଇ ରବିବାର ଅପରାହ୍ନ ୪ଟାରୁ ନୂଆପଡ଼ାରେ ନିରବ (ପୃଷ୍ଠା ୭ରେ)

## ସୋମବାର ସନ୍ଧ୍ୟା ସୁଦ୍ଧା ପୋଲିଂ ବୁଥ୍‌ରେ ପହଞ୍ଚିବେ ଅଧିକାରୀ

ଭୁବନେଶ୍ୱର, ୯।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍. ଗୋପାଳନ ରବିବାର ନୂଆପଡ଼ା ଉପନିର୍ବାଚନକୁ ନେଇ ବଡ଼ ସୂଚନା ଦେଇଛନ୍ତି । ନୂଆପଡ଼ାରେ ଅପରାହ୍ନ ୪ରୁ ନୀରବ ଅବଧି ଆରମ୍ଭ ହୋଇଯାଇଥିବା ସିଇଓ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।

ଏପରିକି ଅପରାହ୍ନ ୪ଟା ସୁଦ୍ଧା ଅନ୍ୟ ଜିଲ୍ଲାରୁ ନୂଆପଡ଼ା ଆସିଥିବା ନେତା ଏବଂ କର୍ମୀଙ୍କୁ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି ପୋଲିଂ ପାର୍ଟି ସୋମବାର ବାହାରି ସନ୍ଧ୍ୟା ସୁଦ୍ଧା ପୋଲିଂ ବୁଥ୍‌ରେ ପହଞ୍ଚିବେ । ନୂଆପଡ଼ା ନିର୍ବାଚନ ମଣ୍ଡଳୀର ପ୍ରତିଟି ବୁଥ୍‌ରେ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ।



ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବାନେଇ ସିଇଓ ଆଶାବାଦୀ ଥିବା ସୂଚନା ଦେଇଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏହି ଉପନିର୍ବାଚନରେ ବିଜେପି, କଂଗ୍ରେସ ଓ ବିଜେଡି ମଧ୍ୟରେ ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଲକ୍ଷ୍ୟ କରାଯାଇଛି ।

## ନୂଆପଡାରେ ଲୋକମାନଙ୍କର ମତ ସ୍ପଷ୍ଟ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୯।୧୧ : ନ୍ୟୁଜ୍ ବ୍ୟୁରୋ

ନୂଆପଡ଼ା ନିର୍ବାଚନ ମାହୋଲ ସମ୍ପୂର୍ଣ୍ଣ ରୂପେ ସ୍ୱଷ୍ଟ । ଲୋକଙ୍କ ମତ ବି ସ୍ୱଷ୍ଟ । ଜୟ ଢୋଲକିଆଙ୍କ ସପକ୍ଷରେ ବାତାବରଣ ଅଛି । ଲୋକଙ୍କ ବିପୁଳ ଜନ ସମର୍ଥନ ଅଛି । ଆମ ମୁଖ୍ୟମନ୍ତ୍ରୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ସେଠାରେ ପ୍ରଚାର ର ମଙ୍ଗ ଧରିଥିଲେ । ଲୋକେ ସମର୍ଥନ ଦେଇଛନ୍ତି । ପ୍ରତିଫଳନ ନଭେମ୍ବର ୧୪ ରେ ହେବ । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ।

ସେ କହିଛନ୍ତି ଯେ, ନବୀନ ବାବୁ ୨ ଥର ଯାନ୍ତୁ କି ୫ ଥର ନୂଆପଡ଼ା ଯାନ୍ତୁ ତା'ର କୌଣସି ପ୍ରଭାବ ପଡିବନି । ବିଜେଡ଼ି ନେତା ସେଠି ଯେଉଁ ସଭା ସମିତି କରୁଛନ୍ତି ସେଥିରେ ନୂଆପଡ଼ାବାସୀଙ୍କ ସମ୍ପୃକ୍ତି କେତେ ତାହା ସମସ୍ତେ ଜାଣିଛନ୍ତି । ବେଇମାନି ଶବ୍ଦ ବ୍ୟବହାର ପ୍ରସଙ୍ଗରେ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ବିଜେଡ଼ି ଇତିହାସ ଖୋଲିବାକୁ ଚାହୁଁନାହିଁ । ଆହୁରି ଲଜ୍ଜିତ ହେବେ । ନବୀନ ବାବୁଙ୍କ ପାଇଁ ଯିଏ ବି ବିଶ୍ୱାସ ଘାତକତାର ସ୍କ୍ରିପ୍ଟ ଲେଖିଛି ଓ ଧରେଇଛି ସିଏ ନିଜେ ବୋଧେ ତାଙ୍କ ଇତିହାସ ଭୁଲିଯାଉଛନ୍ତି ଯେ ସେମାନେ କେମିତି ବିଶ୍ୱାସ ଘାତକ କରିଥିଲେ ।

## ଉତ୍ତରାଖଣ୍ଡର ବାଗେଶ୍ୱରରେ ୩.୬ ତୀବ୍ରତାର ଭୂମିକମ୍ପ

ଡେରାଡୁନ୍, ୯।୧୧

ରବିବାର ଅପରାହ୍ନରେ ଉତ୍ତରାଖଣ୍ଡର ବାଗେଶ୍ୱର ଜିଲ୍ଲାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଅପରାହ୍ନ ୨ଟା ୪୦ ମିନିଟ୍ ୦୪ ସେକେଣ୍ଡ (ଭାରତୀୟ ମାନକ ସମୟ) ରେ ଭୂମିକମ୍ପ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ରେକର୍ଡ କରାଯାଇଛି । ଭୂମିକମ୍ପର କେନ୍ଦ୍ରସ୍ଥଳ ବାଗେଶ୍ୱର ଅଞ୍ଚଳରେ ୩୦.୦୨ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୯.୯୫ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା । ଏହାର ଗଭୀରତା ୧୦ କିଲୋମିଟର ଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ କହିଛି ଯେ ଏହି ସମୟରେ କୌଣସି କ୍ଷୟକ୍ଷତି କିମ୍ବା ଜନଜୀବନ କ୍ଷତିର ରିପୋର୍ଟ ହୋଇନାହିଁ ।

### ଆଜିର ମୁଖ୍ୟ ଖବର

- ଆନ୍ଧ୍ର ପ୍ରଦେଶ ସରକାର ରାସ୍ତା ମରାମତି ଓ ନିର୍ମାଣ ପାଇଁ ୧,୦୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପ ଆହ୍ୱାନ କରିଛି ।
- ବଲାଙ୍ଗୀର ଜିଲ୍ଲାରେ ତେଲ ଚୋରି ଘଟଣାରେ ୧୫୦ ଟନ ଜବତ, ଛଅ ଜଣ ଗିରଫ ।
- କଟକରେ ୪୮ ଘଣ୍ଟା ପରେ ଇଣ୍ଟରନେଟ ସେବା ପୁନଃ ଚାଲୁ ।
- ସରକାର ମାରିଟାଇମ ବ୍ୟବସାୟ ପାଇଁ ୧୮,୦୦୦ କୋଟି ଟଙ୍କା ନିବେଶ କରିଛି, ହଜାର ନୂଆ ଚାକିରି ନିର୍ମାଣ ସୂଚନା ।
- ରାଜ୍ୟ ମନ୍ତ୍ରିମଣ୍ଡଳ ୧,୧୧୩ କୋଟି ଟଙ୍କାର ଜୀବ ପ୍ରଯୁକ୍ତି ଯୋଜନା ଅନୁମୋଦନ କରିଛି, ନବୀନ ଗବେଷଣାକୁ ପ୍ରୋତ୍ସାହନ ମିଳିବ ।
- ଓଡ଼ିଶା ଖଣି ନିଗମ ୭୦ ବର୍ଷ ପୂର୍ତ୍ତି ପାଳନ କଲା । ୨୩,୬୦୦ କୋଟି ଟଙ୍କା ଟର୍ଣ୍ଣଓଭର ସହ ସଫଳତା ହାସଲ କଲା ।
- ଓଡ଼ିଶା ଦିଲ୍ଲୀରେ ଆୟୋଜିତ ଜିଓସ୍ମାର୍ଟ ଭାରତ ସମ୍ମେଳନରେ ଅଂଶଗ୍ରହଣ କରିବ ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୦୨ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୮୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୧୫୨ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୬୫ (+୦)

### ଏକାଳ ପଖାଳ



ପ୍ରଚାର ପ୍ରଚାର ବନ୍ଦ ଏବେ
ଚାଲିବ ଅନ୍ଧାରି ବିଜେ
ଫୁସୁରୁ ଫାସୁରୁ ଅକୁହା କଥା
ଧୀରେ କି କାନରେ ବାଜେ
ଜନତା ତୁମେ ତ ନିଜେ
ହିସାବ ନିକାଶ ଠିକ୍ ସେ କରିବ
ଯିଏ ଯେତେ ପଛେ ଗେଞ୍ଜେ ।

## ସାରା ଦେଶରେ କାର୍ଯ୍ୟକାରୀ ହେଉଛି ନୂତନ ଅପରାଧିକ ଆଇନ : କେନ୍ଦ୍ର ଗୃହ ସଚିବ

ନୂଆଦିଲ୍ଲୀ, ୯।୧୧

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏବଂ ଭୋପାଳର ଜାତୀୟ ନ୍ୟାୟିକ ଏକାଡେମୀ ଭୋପାଳରେ ତିନୋଟି ନୂତନ ଅପରାଧିକ ଆଇନ ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜନ କରିଥିଲେ । ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୧୨୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁଥିରେ ଅପରାଧିକ ନ୍ୟାୟ ବ୍ୟବସ୍ଥାର ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନ୍ୟାୟପାଳିକା, ଅଭିଯୋଜନ ଏବଂ ପୋଲିସ ସାମିଲ ଥିଲେ । ବିଶେଷଜ୍ଞମାନଙ୍କୁ ଶିକ୍ଷା ଅନୁଷ୍ଠାନ ଏବଂ ସେବା ପ୍ରଦାନ କରୁଥିବା ବରିଷ୍ଠ ଅଭ୍ୟାସକାରୀଙ୍କ ମଧ୍ୟରୁ ଚୟନ କରାଯାଇଥିଲା ।

ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ପ୍ରମାଣ ଆଧାରିତ ଅପରାଧିକ ନ୍ୟାୟ ବ୍ୟବସ୍ଥା ନିର୍ମାଣ କରୁଛନ୍ତି । ଶ୍ରୀ ମୋହନ କହିଥିଲେ ଯେ, କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଦେଶ ଦ୍ରୁତ ନ୍ୟାୟର ଏକ ନୂତନ ଯୁଗ ଆରମ୍ଭ କରିଛି । ସେ ଦୋହରାଇଥିଲେ ଯେ ନୂତନ ଅପରାଧିକ ଆଇନର ଉଦ୍ଦେଶ୍ୟ ହେଉଛି ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଉପନିବେଶବାଦ ମୁକ୍ତ କରିବା ଏବଂ ଏହାକୁ ଅଧିକ ପୀଡ଼ିତ-କୈନ୍ଦ୍ରିକ ତଥା ପ୍ରଯୁକ୍ତିବିଦ୍ୟା-ସକ୍ଷମ କରିବା । ସେ ଭୋପାଳର ଜାତୀୟ ନ୍ୟାୟିକ ଏକାଡେମୀରୁ ଏହି ଆଇନଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏକ ପ୍ରମୁଖ ସଂସ୍ଥାଗତ ଅବଦାନକୁ ପ୍ରଶଂସା କରିଥିଲେ, ଯାହା ନୂତନ ଢାଞ୍ଚା ଅଧୀନରେ ପ୍ରବର୍ତ୍ତିତ ପ୍ରମୁଖ ବୈଷୟିକ ନବସୃଜନ ପାଇଁ ମଡେଲ ନିୟମ/ମାନକ ପରିଚାଳନା ପ୍ରକ୍ରିୟା ପ୍ରସ୍ତୁତ କରିଛି । ଏଥିରେ ଇ-ସାକ୍ଷୀ (ଇଲେକ୍ଟ୍ରୋନିକ୍ ପ୍ରମାଣ), ଇ-ସମନ (ଡିଜିଟାଲ୍ ଜାରି ଏବଂ ଆଇନଗତ ନୋଟିସ୍ ବିତରଣ), ଗୋଷ୍ଠୀ ସେବା (ଏକ ବିକଳ୍ପ ଦଣ୍ଡ ବ୍ୟବସ୍ଥା ଭାବରେ) ଏବଂ ନ୍ୟାୟ ଶ୍ରୁତି (ସୁଲଭ ନ୍ୟାୟ ପ୍ରଦାନ ପାଇଁ ଅଡିଓ-ଭିଜୁଆଲ୍ ସିଷ୍ଟମ୍) ଅନ୍ତର୍ଭୁକ୍ତ ।

କେନ୍ଦ୍ର ଗୃହ ସଚିବ କହିଛନ୍ତି, ଜ୍ଞାନକୌଶଳ ନୂତନ ଅପରାଧିକ ଆଇନର ଆଧାର ଗଠନ କରେ, (ପୃଷ୍ଠା ୭ରେ)

## ପାକିସ୍ତାନକୁ କଡ଼ା ଚେତାବନୀ ଦେଲେ ରାଜନାଥ

ନୂଆଦିଲ୍ଲୀ, ୯।୧୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ଗୁପ୍ତ ଭାବରେ ଗ୍ରାଉଣ୍ଡ ଲେବଲରେ ପରମାଣୁ ପରୀକ୍ଷଣ କରୁଛି । ସିବିଏସ୍ ନେଟୱାର୍କ ସହିତ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ ଅନେକ ଦେଶ ପରମାଣୁ ଅସ୍ତ୍ର ପରୀକ୍ଷଣ ଜାରି ରଖିଛନ୍ତି, ଯେତେବେଳେ ଆମେରିକା ସଂଯମତା ଅବଲମ୍ବନ କରୁଛି । ଏହି ବିବୃତ୍ତି କେବଳ ଦକ୍ଷିଣ ଏସିଆର ସୁରକ୍ଷା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇନାହିଁ ବରଂ ଭାରତ ଏବଂ ପାକିସ୍ତାନର ପରମାଣୁ ନୀତି ଉପରେ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଧ୍ୟାନ ମଧ୍ୟ କେନ୍ଦ୍ରିତ କରିଛି । ତଥାପି ପାକିସ୍ତାନ (ପୃଷ୍ଠା ୭ରେ)



## ଆଜି ଓଡ଼ିଶା ଆସୁଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ

ନୂଆଦିଲ୍ଲୀ, ୯।୧୧

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୋମବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ ସମୟରେ ସେ ରାଜ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ ।

କାର୍ଯ୍ୟସୂଚୀ ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ସୋମବାର ସକାଳେ ପାଟନାରୁ ଯାତ୍ରା କରିବେ ଏବଂ ପୂର୍ବାହ୍ନ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବେ । ଏହା ପରେ, ସେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ 'ମାଣ୍ଡିଆ ଦିବସ (ମିଲେଟ୍ ଡେ')' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେବେ । ଏହି ଅବସରରେ, ସେ ଓଡ଼ିଶା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ମିଲେଟ୍ସ (ଶ୍ରୀ ଅନ୍ନ) ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଉପଯୋଗକୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିବେ । ଏହି କାର୍ଯ୍ୟକ୍ରମରେ କୃଷକଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଉପକରଣ ଭାବରେ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ମଧ୍ୟ କରାଯିବ । ଉଦ୍‌ଘାଟନ ପରେ, କେନ୍ଦ୍ରମନ୍ତ୍ରୀ (ପୃଷ୍ଠା ୭ରେ)

## ସହରାଞ୍ଚଳ ପରିବହନ କ୍ଷେତ୍ରରେ ଓଡ଼ିଶାର 'ଆମ ବସ୍' ଓ 'ଆମ ଇ-ରାଇଡ୍' ପାଇଁ ସ୍ୱତନ୍ତ୍ର ପୁରସ୍କାର

ନୂଆଦିଲ୍ଲୀ, ୯।୧୧

ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟ ମାନ୍ୟତା ହାସଲ କରିଛି । ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି), ଭୁବନେଶ୍ୱରକୁ ଏହାର ଫ୍ଲାଗସିପ୍ ପଦକ୍ଷେପ 'ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପ୍ଫ' ବର୍ଗରେ 'ଆମ୍ ବସ୍ ଏବଂ ଆମ୍ ଇ-ରାଇଡ୍' ପାଇଁ 'ସହରାଞ୍ଚଳ ପରିବହନରେ ସ୍ୱତନ୍ତ୍ର ପୁରସ୍କାର' ପ୍ରଦାନ କରାଯାଇଛି ।

ରବିବାର ଗୁରୁଗ୍ରାମରେ ଅନୁଷ୍ଠିତ ଅର୍ବାନ



ମୋବିଲିଟି ଇଣ୍ଡିଆ (ୟୁଏମଆଇ) ସମ୍ମିଳନୀ ୨୦୨୫ ର ଉଦ୍‌ଯାପନୀ ଅଧିବେଶନରେ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଥିଲେ । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ (ପୃଷ୍ଠା ୭ରେ)

## ଆସନ୍ତା ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

ଭୁବନେଶ୍ୱର, ୯।୧୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୩ରେ ବାଲେଶ୍ୱର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜୟନ୍ତୀ ଏକତା ଦୌଡ଼ରେ ସେ ସାମିଲ ହେବେ । ଏହି ଅବସରରେ ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଏକତା ପାଇଁ ବିରାଟ ଗଣଦୌଡ଼ ଅନୁଷ୍ଠିତ ହେବ । ତେବେ ନୀଳଗିରି ପରେ ଭୋଗରାଇ ଓ ବାଲେଶ୍ୱର ସହରରେ ମଧ୍ୟ ଗଣଦୌଡ଼ ଅନୁଷ୍ଠିତ ହେବ ବୋଲି ରବିବାର ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

## ଦିଲ୍ଲୀ ପ୍ରଦୂଷଣ ସ୍ଥିତି ସାଂଘାତିକ



ନୂଆଦିଲ୍ଲୀ, ୯।୧୧

ଦିଲ୍ଲୀର ବାୟୁମଣ୍ଡଳ ଦିନକୁ ଦିନ ଖରାପ ହେବାରେ ଲାଗିଛି । ସହରର ଏକ୍ୟୁଆଇ (ବାୟୁ ମାନ ସୂଚକାଙ୍କ) ୪୦୦ ଅତିକ୍ରମ କରିଥିବାବେଳେ ପ୍ରଦୂଷଣ ସ୍ଥିତି ସାଂଘାତିକ ବର୍ଗରେ ପ୍ରବେଶ କରିଛି । ଦିଲ୍ଲୀର ଏକାଧିକ ଅଞ୍ଚଳକୁ ରେଡ୍ ଜୋନ ଘୋଷଣା କରାଯାଇଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ରିପୋର୍ଟ ଅନୁଯାୟୀ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହର ଭାବେ ମାନ୍ୟତାଲାଭ କରିଛି । ଦିଲ୍ଲୀର ଅଲୀପୁରରେ ଏକ୍ୟୁଆଇ ୪୦୪ ରେକର୍ଡ କରାଯାଇଥିବା ବେଳେ ଆଇଟିଓରେ ୪୦୨, ନେହେରୁ ନଗରରେ ୪୦୬, ବିବେକ ବିହାରରେ ୪୧୧, ଓ୍ୱାଜିରପୁରରେ ୪୨୦ ଓ ବୁରାରିରେ ୪୧୮ ରେକର୍ଡ କରାଯାଇଛି ।

ଏନସିଆର (ନ୍ୟାସନାଲ କ୍ୟାପିଟାଲ ରିଜିଅନ) ମଧ୍ୟ ପ୍ରଦୂଷଣ ବଳୟରୁ ବର୍ତ୍ତି ପାରୁନାହିଁ । ନୋଏଡାରେ ଏକ୍ୟୁଆଇ ୩୫୪ ରେକର୍ଡ କରାଯାଇଥିବାବେଳେ ଗ୍ରେଟର ନୋଏଡାରେ ୩୩୬, ଗାଜିଆବାଦରେ ୩୩୯ ରହିଥିଲା । ଆଗାମୀ କିଛି ଦିନ ଦିଲ୍ଲୀର ଆକାଶ ଅତ୍ୟନ୍ତ ଖରାପ ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଦୀପାବଳି ପରଠାରୁ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି (ପୃଷ୍ଠା ୭ରେ)

## ଶୀତରେ ଥରୁଛି ମୈଦଲପୁର ନିଆଁର ସାହାରା ନେଉଛନ୍ତି ଲୋକେ

ନବରଙ୍ଗପୁର, ୯।୧୧
ନ୍ୟୁଜ୍ ବ୍ୟୁରୋ

ଶୀତରେ ଥରୁଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଅଞ୍ଚଳ । ଅପରାହ୍ନ ୪ଟା ପରେ ଘରୁ ଗୋଡ଼ କାଢ଼ିବାକୁ ଇଚ୍ଛା ହେଉ ନାହିଁ । ବାହାରକୁ ଯିବା ପାଇଁ ଜାଡ଼ ମନା କରୁଛି । ସକାଳ ୯ଟା ଯାଏ ସମାନ ଅବସ୍ଥା ଲାଗିରହୁଛି । ପ୍ରବଳ ଶୀତରେ ଥରୁଛି ମୈଦଲପୁର । ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି ଶୀତର ପ୍ରକୋପ । ପ୍ରବଳ ଥଣ୍ଡାରେ ଲୋକେ ବାହାରକୁ ଯିବା କଷ୍ଟକର ହୋଇପଡ଼ିଥିବା ବେଳେ ବଣଜଙ୍ଗଲ ଘେରା ଗାଁଗୁଡ଼ିକରେ ଅଧିକ ଥଣ୍ଡା ହେଉଥିବା



ଲୋକମାନେ ଅନୁଭବ କରୁଛନ୍ତି । ଦିନରେ ବି ଦୃଶ୍ୟମାନ ହେଉନାହିଁ ସୂର୍ଯ୍ୟ । ମୈଦଲପୁର ଅଞ୍ଚଳର ଆଦିବାସୀଙ୍କ (ପୃଷ୍ଠା ୭ରେ)





# ରାସ୍ତାରେ ବୁଲୁଛି ଜଙ୍ଗଲୀ ଦନ୍ତା : ପଥଚାରୀ ଭୟଭୀତ

**କଲ୍ୟାଣସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଲାଞ୍ଜିଗଡ଼ ସୀମାନ୍ତ କନାକାଡୁ ଗାଁରେ ହାତୀ-ମଣିଷ ଲଢ଼େଇରେ ଜଣେ ନାବାଳକକୁ ଜଙ୍ଗଲୀ ଦନ୍ତା ଶୁଣ୍ଢରେ କଚାଡ଼ି ମାରିବା ପରେ ବି ଶାନ୍ତ ହୋଇନି । ଲାଞ୍ଜିଗଡ଼ ଓ କଲ୍ୟାଣସିଂହପୁର ଜଙ୍ଗଲ ରାସ୍ତାରେ ଘୁରି ବୁଲୁଛି ଦାନ୍ତା ହାତୀ। ପ୍ରତିଦିନ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଥିବା ପଥଚାରୀ ଏବେ କୋକୁଆ ଭୟରେ ଅଛନ୍ତି । ଯାତାୟାତ ସମୟରେ ପଥଚାରୀ ହାବୁଡ଼ରେ ପଡ଼ିଲେ ଘଉଡ଼ାଇ ଆଣୁଥିବା ଦେଖିବାକୁ ମିଳିଛି ।

କଲ୍ୟାଣସିଂହପୁରରୁ ଲାଞ୍ଜିଗଡ଼, ବିଜେପୁର, ବିଶ୍ୱନାଥପୁର ଦେଇ ପ୍ରତିଦିନ କଳାହାଣ୍ଡିକୁ ଅନେକ ଲୋକ ଦିନରାତି ଚଳପ୍ରଚଳ କରୁଛନ୍ତି । ଏବେ ସମସ୍ତଙ୍କୁ ହାତୀ ଭୟ ରହିଛି, ଯାହା ଫଳରେ ଆଉ କାହାର ଜୀବନ ଚାଲି ନ ଯାଉ ଏଥିପାଇଁ ବନଖଣ୍ଡ ଏଥିପ୍ରତି ସାବଧାନ ହୋଇ ଅନ୍ୟତ୍ର ଘଉଡାଇବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ରାୟଗଡ଼ା, କଳାହାଣ୍ଡି ଜିଲ୍ଲା ସିମାନ୍ତ ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ବିଜେପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସଲପକନା ଆମଗୁଡା ନିକଟ ଜଙ୍ଗଲରେ ଘୁରି ବୁଲୁଛି ଏକ ଟିକିଆ ଦନ୍ତାହାତୀ। ସନ୍ଧ୍ୟା ସମୟରେ ବିଜେପୁର ଲାଞ୍ଜିଗଡ଼ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଦନ୍ତା ହାତୀ ବୁଲୁଥିବା ବେଳେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବା ପାଇଁ ଭୟଭୀତ ହେଉଛନ୍ତି । ସୂଚନା ଅନୁସାରେ, ବିଜେପୁର ସେକ୍ସନ ସଲପକନା ଆମଗୁଡା ନିକଟ ଜଙ୍ଗଲରେ ଏକ ଟିକିଆ ଦନ୍ତାହାତୀ ଘୁରି ବୁଲୁଥିବା ବେଳେ ଲୋକେ ବିଜେପୁରଠାରୁ ଲାଞ୍ଜିଗଡ ଯିବା ପାଇଁ ଭୟଭୀତ ହୋଇ ପଡିଛନ୍ତି । ପ୍ରେ କିଛି ଦିନ ତଳେ କୁମଖାଲ ପଞ୍ଚାୟତ କାତେଲବାୟୁ ଗାଁର ଜଣେ ୧୮ବର୍ଷିୟ ଯୁବକ ଜଙ୍ଗଲକୁ ନିଜ ଗାଈ ଚରାଇବାକୁ ଯାଇଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ପଡ଼ି ତାଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଲାଞ୍ଜିଗଡ଼ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବାରମ୍ବାର ଘଟୁଥିବା ବେଳେ ବର୍ଷ ତମାମ ପରିଶ୍ରମ କରି ଧାନ, ମାଣ୍ଡିଆ, କାନ୍ଦୁଲ, କଦଳୀ, ହଳଦୀ ଓ ବିଭିନ୍ନ ଫସଲ ନଷ୍ଟ କରିବା ସମେତ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି । ଏଥିପାଇଁ ସନ୍ଧ୍ୟା ହେଲେ ଅଞ୍ଚଳବାସୀ ହାତୀ ଭୟରେ ଥରୁଛନ୍ତି । ଉକ୍ତ ଅଞ୍ଚଳରେ ରାତି ନ ହଉଣୁ ବିଜୁଳିକାଟ ଯୋଗୁ ଲୋକେ ଆହୁରି ଭୟଭୀତ ହେଉଥିବା ବେଳେ ବିଜୁଳି ଆଲୁଅ ନ ଥିବାରୁ ମଧ୍ୟ ହାତୀ ଗାଁ ମୁହାଁ ହୋଇ ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ତେବେ ବନବିଭାଗ ଏଥିପ୍ରତି ସଜାଗ ରହି ଲୋକ ଓ ଫସଲ କେମିତି ସୁରକ୍ଷିତ ରହିବ ସେନେଇ ଧ୍ୟାନ ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ପ୍ରତିକାର ବାହାର କରି ରାୟଗଡ଼ା, କଳାହାଣ୍ଡି ଜିଲ୍ଲାରେ ରହିଆସୁଥିବା ହାତୀ ପଲକୁ ଘଉଡାଇବା ବ୍ୟବସ୍ଥା କରାଯାଉ, ନଚେତ ପୁନର୍ବାର ଯଦି ଆଉ କାହାର ଜୀବନ ଚାଲିଯିବ ତାହାହେଲେ ଏଥିପାଇଁ କାର୍ଯ୍ୟରତ ବନବିଭାଗ ଅଧିକାରୀମାନେ ଦାୟୀ ରହିବେ ବୋଲି ଅଞ୍ଚଳବାସୀମାନେ ଅଭିଯୋଗ କରିଛନ୍ତି ।

# ମାଲକାନାଗିରିରେ ନକଲି ଜାତିଗତ ପ୍ରମାଣକାରୀଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ କଲା ବିଏସପି

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ନକଲି ଜାତିଗତ ପ୍ରମାଣକାରୀଙ୍କ ସଂଖ୍ୟା ବଢୁଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏନେଇ ବହୁଜନ ସମାଜବାଦୀ ପାର୍ଟି ମାଲକାନଗିରି ଜିଲ୍ଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରାଯାଇଛି । ଜିଲ୍ଲାର ଅନେକ ଅଣଆଦିବାସୀ ଲୋକେ ନକଲି ଜାତିଗତ ପ୍ରମାଣ ପତ୍ର କରି ଅନେକ ପଦ ପଦବୀରେ ଥିବା ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି । ଜିଲ୍ଲା ବହୁଜନ ସମାଜବାଦୀ ପାର୍ଟିର ସଭାପତି ଜରା ଶବର ମାଢିଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲୁ ବାପାଙ୍କ ଜମି ପଟ୍ଟାରେ ସାଧାରଣ ବର୍ଗ ଦର୍ଶାଯାଇଥିବା ବେଳେ କିପରି ଜଣେ ଅଣ ଆଦିବାସୀ ମହିଳା ଆଦିବାସୀ ପ୍ରମାଣପତ୍ର ପାଇଲେ। ତାଙ୍କୁ ଏହି ଜାଲ ଜାତିଗତ ପ୍ରମାଣ ଦେଲା କିଏ ବୋଲି ପ୍ରଶ୍ନ କରିଛନ୍ତି । ସେ ଖୋଦ୍ ଜାଲ୍ ଜାତିଗତ ପ୍ରମାଣ ପତ୍ର ଦାଖଲ କରି ସମ୍ବିଧାନର ଶପଥ ନେଇ ଏକ ସାମ୍ବିଧାନିକ ପଦବୀରେ ଦୀର୍ଘ ବର୍ଷ ଧରି ରହିଛନ୍ତି । ଏହିଭଳି ପୂର୍ବରୁ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଅନେକ ଅଣ ଆଦିବାସୀ ବ୍ୟକ୍ତି ବିଭିନ୍ନ ସରକାରୀ ପଦବୀ ଏବଂ ରାଜନୈତିକ ପଦ ପଦବୀ ହାତେଇ ଥିବା ନଜୀର ରହିଛି ବୋଲି ଶ୍ରୀ ମାଢି ଅଭିଯୋଗ କରିଛନ୍ତି । ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି । ଅପର ପକ୍ଷରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀଙ୍କୁ ଆମେ ଏସମ୍ପର୍କରେ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ସେ କୌଣସି ନକଲି ଜାତିଗତ ସାର୍ଟିଫିକେଟ ଦାଖଲ କରି ସରକାରୀ ଫାଇଦା ନେଇ ନାହାନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ମୂଳକ ଭାବେ ତାଙ୍କୁ ବଦନାମ କରାଯାଉଛି ବୋଲି କହିଛନ୍ତି ।

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର କାର୍ଯ୍ୟାଳୟ ଉଦ୍‌ଘାଟିତ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ମା' ତାରିଣୀ ମନ୍ଦିର ନିକଟରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଛି । ଲୋକମାନେ ମାଗଣା ବିଜୁଳି କିପରି ପାଇବେ ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଥି ନିମନ୍ତେ କ'ଣ କ'ଣ ସୁବିଧା ସୁଯୋଗ ରହିଛି ସେ ସମ୍ପର୍କରେ ଅବଗତ କରାଯାଇଥିଲା । ଅତିଥିଭାବେ ଯାଜପୁର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ରଂଜିତା ରାଉତ, ବରିଷ୍ଠ ସମ୍ବାଦିକ ସୁବାସ ଧଳ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍ଘାଟନ କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ପ୍ରୀତମ ରାଉତ, ପାଣିକୋଇଲି ବ୍ରାଞ୍ଚ ମ୍ୟାନେଜର ଗୌରାଙ୍ଗ ଚରଣ ମହୀ, ସହଯୋଗୀ ପ୍ରମୋଦ ପାତ୍ର, କାହ୍ନୁ ଚରଣ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଲେଖବାବା ମାନଙ୍କ ମନ୍ତ୍ର ଧ୍ୱନୀରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ପାଣିକୋଇଲିର କାର୍ଯ୍ୟରତ ସମ୍ବାଦିକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

# ଅନନ୍ତ ବାସୁଦେବ ମନ୍ଦିର କମିଟିର ତୃତୀୟ ବାର୍ଷିକ ପୂଜ୍ୟପୂଜା ସମାରୋହ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ କାଚରାସାହି ନହଣକୂଳ ଗ୍ରାମରେ ବିଜେ ପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତୃତୀୟ ବାର୍ଷିକ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରେ ମାସେ ବ୍ୟାପୀ ପବିତ୍ର କାର୍ତ୍ତିକ ପୂଜା ହୋମ ଯଜ୍ଞ ପରେ ପବିତ୍ର ପୂର୍ଣ୍ଣିମାରେ ଏହା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ତରଫରୁ ଗୁରୁପଜନ ସହିତ ଗ୍ରାମ୍ୟ ସଂସ୍କୃତି ପରମ୍ପରା ବଜାୟ ରଖିବାକୁ ପୂଜ୍ୟପୂଜା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ ମୃତ୍ୟୁଞ୍ଜୟ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷକ ମନୋଜ କୁମାର ବାରିକ ସ୍ୱାଗତ ଭାଷଣ ଓ ଶିକ୍ଷକ ମନୋଜ କୁମାର ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ବାସ୍ତୁବିତ ଡ. ଚିନ୍ତାମଣି ପାଢ଼ୀ, ଅବସର ପ୍ରାପ୍ତ ଶିକ୍ଷକ ଚିନ୍ତାମଣି ରାଉଳ,ଶରତ କୁମାର ବାଇ, କଳ୍ପତରୁ ରାଉତ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ଦୈତାରୀ ବାରିକ ପ୍ରମୁଖଙ୍କୁ କମିଟି ତରଫରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ତରଫରୁ ସୂର୍ଯ୍ୟମଣି ରାଉତ, ପ୍ରଦୀପ କୁମାର ସାହୁ, ବିପିନ ବାରିକ, ତ୍ରିନାଥ ମହାନ୍ତି, ସୁକାନ୍ତ ବାରିକ, ନରେଶ କୁମାର ପୃଷ୍ଟି, ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ଚିନ୍ତାମଣି ମହାରଣା, କୃଷ୍ଣଚନ୍ଦ୍ର ଜେନା, ଖଗେଶ୍ୱର ନାୟକ, ସୋମନାଥ ବାରିକ, ତପନ ବାରିକ, ଦୀପ୍ତି ବାରିକ, ଚିନ୍ମୟ ରାଉଳ, ବାବୁଲି ମହାନ୍ତି ପ୍ରଶାନ୍ତ ସାହୁ, କାଳନ୍ଦୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ ରଥକୁ ସ୍ୱାଗତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଥାନା ଅନ୍ତର୍ଗତ ଫାଣ୍ଡି ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରଥକୁ ପୂଜାର୍ଚ୍ଚନା କଲାପରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ, ଫାଣ୍ଡିର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନ ସାଧାରଣ ସ୍ୱାଗତ କରିଥିଲେ। ଏହା ପରେ ଜହ୍ନାପଙ୍କ ଓ ନାରାୟଣ ନଗର ଗ୍ରାମ ପରିକ୍ରମା କରିଥିଲା। ଫାଣ୍ଡିର ସମସ୍ତ ଅଧିକାରୀ ଓ ଜନ ସାଧାରଣ ଉପସ୍ଥିତ ରହି ସ୍ୱାଗତ କରିବା ପରେ ପରିକ୍ରମା କରାଯାଇଥିଲା। ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଓଡ଼ିଶା ପୋଲିସ୍ ତଥା ରାଜ୍ୟସରକାରଙ୍କ ପକ୍ଷରୁ ଜନ ସାଧାରଣମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରୁଛି ।

# ପଦନା ଗ୍ରାମରେ ଅସୁରକ୍ଷିତ ବିଦ୍ୟୁତ ଟ୍ରାନ୍ସଫର୍ମର

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଘସିପୁରା ବ୍ଲକର ପଦନା ଗ୍ରାମରେ ଅସୁରକ୍ଷିତ ବିଦ୍ୟୁତ ଟ୍ରାନ୍ସଫର୍ମର ଜନଜୀବନ ଏବଂ ପଶୁଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିଛି । ଆନନ୍ଦପୁର ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ରାମଚନ୍ଦ୍ରପୁର ସର୍କଲରେ ଅବସ୍ଥିତ ଏହି ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ଉପେକ୍ଷିତ ଅବସ୍ଥାରେ ରହିଛି । ଟ୍ରାନ୍ସଫର୍ମର ଚାରିପାଖରେ କୌଣସି ସୁରକ୍ଷା ବାଡ଼ ନଥିବାବେଳେ ସେଠାରେ ଅନାବନା ଗଛ ଓ ଲତା ମାଡ଼ିଯାଇଛି । ଫଳସ୍ୱରୂପ ଘାସ ଖୋଜୁଥିବା ଗାଈ, ଗୋରୁ ଆଦି ପଶୁମାନେ ଅଜାଣତରେ ଟ୍ରାନ୍ସଫର୍ମର ପାଖକୁ ଚାଲିଯାଉଛନ୍ତି, ଯାହା ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହେବାର ସମ୍ଭାବନା ରହିଛି । ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗକୁ ସମ୍ବନ୍ଧରେ ଅବଗତ କରାଇ ସାରିଲେଣି, କିନ୍ତୁ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନିଆଯାଇ ନାହିଁ । ଟାଟା ପାୱାର କମ୍ପାନୀ ଅନ୍ୟାନ୍ୟ ସ୍ଥାନରେ ଥିବା ଟ୍ରାନ୍ସଫର୍ମରଗୁଡ଼ିକରେ ସୁରକ୍ଷା ବାଡ଼ ଲଗାଇଥିବା ବେଳେ ଏହି ଟ୍ରାନ୍ସଫର୍ମର ଏଥିରୁ ବଞ୍ଚିତ ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ଆନନ୍ଦପୁର ବିଦ୍ୟୁତ ଡିଭିଜନର ଅଧିକାରୀଙ୍କ ତରଫରୁ ତୁରନ୍ତ ଏହି ଦିଗରେ ହସ୍ତକ୍ଷେପ କରି ଜନସାଧାରଣଙ୍କ ଏବଂ ନିରୀହ ପଶୁଙ୍କ ଜୀବନ ରକ୍ଷା କରିବାକୁ ଦାବି କରାଯାଇଛି ।

# ସ୍ୱେଚ୍ଛାକୃତ ଭାବେ ୩୧ ୟୁନିଟ୍ ରକ୍ତଦାନ



**ବରଗଡ, ନ୍ୟୁଜ୍‌ବ୍ୟୁରୋ**

ଅତାବିରା ବ୍ଲକ ଗୋଡ଼ଭଗା ଗୋଲକନଗର ଠାରେ ମା' ମାହେଶ୍ୱରୀ ସେନା ଓ ଶ୍ରୀରାମ ମଠ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମା' ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇ ଡୁମାଲ ପରିଷଦ ପତ୍ରାପାଲି କେନ୍ଦ୍ର ସଭାପତି ଭୁବନେଶ୍ୱର ମହାକୁର, କଳାମାଟି ସରପଞ୍ଚ ସୁଷମା ସାହୁ, ସ୍ପନ୍ଦନ କ୍ଲବର ସଭାପତି ବାଲକୃଷ୍ଣ ସାହୁ, ମା' ମାହେଶ୍ୱରୀ ସେନାର ସଦସ୍ୟା ସଂଯୁକ୍ତା ପ୍ରଧାନ ଓ କୋଶଲ ସଂଗ୍ରାମୀ ସୁଧୀର ପଣ୍ଡାଙ୍କ ଦ୍ୱାରା ଫିତାକାଟି ଶୁଭାରମ୍ଭ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଟେକ୍ନିସିଏନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରରେ ୨୮ଜଣ ପୁରୁଷ ଓ ୦୩ଜଣ ମହିଳାଙ୍କ ସମେତ ସର୍ବମୋଟ ୩୧ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରରେ ମା' ମାହେଶ୍ୱରୀ ସେନାର ସଦସ୍ୟ ଓ ଶ୍ରୀରାମ ମଠ କମିଟି ସଦସ୍ୟବୃନ୍ଦ, ଲାୟନ୍ସ କ୍ଲବର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

# ଦୁଇ ବର୍ଷ ନ ଯାଉଣୁ ରାସ୍ତାରୁ ହଜିଗଲାଣି ପିଚୁ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**



ଦୁଇ ବର୍ଷ ନ ଯାଉଣୁ ଦୁଇ କୋଟି ଟଙ୍କାର ରାସ୍ତା ଖରାପ। ମାତ୍ର ରାସ୍ତା କାମ ଆରମ୍ଭ ହେବାର ଦୁଇ ମାସ ମଧ୍ୟରେ ନୂତନ ଭାବେ ହୋଇଥିବା ରାସ୍ତା କେଉଁଠି ତ ଦବି ଯାଇଛି ଆଉ କେଉଁଠି ଫାଟି ଆଁ କଲାଣି । ଏପରି ଦେଖିବାକୁ ମିଳିଛି କୋଲାବ ଜଳସେଚନ ବିଭାଗର ମୁଖ୍ୟ କେନାଲ ରାସ୍ତାର ଅବସ୍ଥା ଜୟପୁର ସହର ଗାନ୍ଧି ଛକ କେନାଲ ରାସ୍ତା ଠାରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ନିମ୍ନ ମାନର କାମ ହୋଇଥିବା କଥା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଏହି ରାସ୍ତାର ଚିତ୍ର ।

କୋଲାବ ଜଳସେଚନ ବିଭାଗ ପକ୍ଷରୁ କାପେକ୍ସ ଫଣ୍ଡରୁ ଧନପୁର ଡିଷ୍ଟ୍ରିବ୍ୟୁଟର ରେ ଥିବା ସମସ୍ତ କେନାଲ ରାସ୍ତା ଅର୍ଥାତ ୩୫ କିମି ତିଆରି ପାଇଁ ୧୮ କୋଟି ଟଙ୍କା ଆସିଥିଲା । ସେଥିମଧ୍ୟରୁ ଜୟପୁର ସହରର ଗାନ୍ଧି ଛକ ଠାରୁ ମୁଖ୍ୟ କେନାଲ ରାସ୍ତା ପ୍ରାୟ ଦୁଇ କୋଟି ଟଙ୍କାରେ ନୂତନ ଭାବେ ରାସ୍ତା ତିଆରି ହୋଇଥିଲା । ରାସ୍ତାଟି ତିଆରି ହେବାରୁ ମାତ୍ର ଦୁଇ ମାସ ମଧ୍ୟରେ ବହୁ ସ୍ଥାନରେ ଗାତ ହେବା ସହିତ ଫାଟି ଗଲାଣି । କେଉଁଠି କେଉଁଠି ଦବି ଯାଇଛି ରାସ୍ତା । ଯାହାକୁ ନେଇ ସାଧାରଣ ଲୋକେ ଏହାକୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି । ଏହି ରାସ୍ତାଟି ସହରର ବାଇପାସ୍ ରାସ୍ତା ଭାବରେ ବ୍ୟବହାର କରୁଥିବା ବେଳେ ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ସହ ବହୁ ଗାଡ଼ି ଯିବା ଆସିବା କରିଥାଏ । କିନ୍ତୁ ନିମ୍ନମାନର କାମ ହେବା ଯୋଗୁଁ ରାସ୍ତାଟି ଏବେ ଖରାପ ହୋଇଯାଇଥିବା କହିଛନ୍ତି । ବର୍ଷା ଆସିବା ପୁର୍ବରୁ ରାସ୍ତାର ଏବସ୍ଥା ଏପରି ହୋଇଥିବା ବେଳେ ବର୍ଷା ଅଧିକ ହେଲେ ରାସ୍ତା ଶଂପୁର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଥିବା ବେଳେ ଟ୍ରାଫିକକୁ ଆଡ଼େଇ ଯାଉଥିବା ଗାଡିଚାଳକ ଓ ଯାତ୍ରୀ ବି ନାକେଦମ । କୋଲାବ ଜଳସେଚନା ବିଭାଗର ଓଡ଼ିଶା କନଷ୍ଟ୍ରାକ୍ସନ କମ୍ପାନୀ ମାଧ୍ୟମରେ ରାସ୍ତା କାମ ଜୟପୁରର ମୁଖ୍ୟ କେନାଲ ରାସ୍ତାରେ ୨ କିମି ୯୦୦ ମିଟର ରାସ୍ତା ତିଆରି କରାଯାଇଛି । ଏଥିପାଇ ଖର୍ଚ୍ଚ ହୋଇଛି ପ୍ରାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା । କିନ୍ତୁ ରାସ୍ତାଟି ତିଆରି ହେବା ପରେ ଏହି ରାସ୍ତାରେ ବହୁ ଭାରି ଯାନ ଯିବା ଆସିବା କରୁଥିବା ଯୋଗୁଁ ରାସ୍ତାଟି ଫାଟି ଯାଇଥିବାର ଅନୁମାନ କରାଯାଉଛି । ସବୁଠାରୁ ବଡ଼କଥା କି କିଛିଦିନ ପୂର୍ବରୁ ରାସ୍ତାରେ ଭାରିଯାନ ଲଗାଇବା ପାଇଁ ହାଇଟ ବେରିଆର ବି ଲଗାଯାଇଥିଲା କିନ୍ତୁ ସେସବୁ ବର୍ତ୍ତମାନ ଗାଏବ ତେବେ ସବୁଠାରୁ ବଡ଼ କଥା କି ଯଦି ରାସ୍ତା ନିର୍ମାଣ କାର୍ଯ୍ୟ ଯଦି ଜଳସେଚନ ବିଭାଗର ତେବେ ରାସ୍ତାର ରକ୍ଷଣା ବେକ୍ଷଣା ଦାୟିତ୍ୱ କାହାର, ଯଦି ରାସ୍ତାରେ ଭାରିଯାନ ଯାଇ ଏମିତି ହେଉଛି ତା'ହେଲେ ତାହାର ବିକଳ୍ପ ଦାୟିତ୍ୱ କାହାର, ବଡ଼ କଥା କି ରାସ୍ତାର ମାନ କେତେ ଉନ୍ନତ ମାନର ନୁହେଁ ଯେ ମାତ୍ର ୨ଟା ବର୍ଷ ଭିତରେ ରାସ୍ତାର ଅବସ୍ଥା ସଂପୂର୍ଣ୍ଣ ଭାବେ ଖରାପ । ବର୍ତ୍ତମାନ ଏହି ଘଟଣାକୁ ନେଇ ଜୟପୁର ଉପ ଜିଲ୍ଲାପାଳଙ୍କୁ ପଚାରିବାରୁ ସେ ଏହି ଘଟଣା ଉପରେ ତଦନ୍ତ କରି ଏହାର ରିପୋର୍ଟ ନେବା ସହ ଯଦି ନିମ୍ନ ମାନର କାମ ହୋଇଥାଏ ତେବେ ଏହା ଉପରେ ନିହାତି ଭାବରେ ଆକ୍ସନ ନିଆଯିବ ବୋଲି କହିଛନ୍ତି ।

# ନିଳାଚଳ ସାରସ୍ୱତ ସଂଘ ଚୌଦ୍ୱାର ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ନିଳାଚଳ ସାରସ୍ୱତ ସଂଘ ଚୌଦ୍ୱାର ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘର ଚୌଦ୍ୱାର ଶାଖା ସଭାପତି ଡା. ବିଚିତ୍ରାନନ୍ଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଥର୍ମାଲ ରୋଡ଼ସ୍ଥିତ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ଦିବ୍ୟ ଜୀବନ ସଂଘର ସନ୍ୟାସୀ ଶିବ ଚିଦାନନ୍ଦ ସରସ୍ୱତୀ, କେନ୍ଦ୍ର ସଂଘର ପୂର୍ବତନ ସମ୍ପାଦକ ଗଗନ କୁମାର ଦାଶ, ଯୋବ୍ର ସଂଘ ସଭାପତି ଚୌଧୁରୀ ରବିନ୍ଦ୍ର ଦାଶ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ନୀତି ଆଦର୍ଶ ଓ ପ୍ରେରଣା ସମ୍ପର୍କରେ ଆଲୋଚନା କରି ଏକ ସୁସ୍ଥ ସମାଜ ଓ ପାରିବାରିକ ଜୀବନ ଯାପନ ପାଇଁ ଶ୍ରୀଶ୍ରୀ ଠାକୁରଙ୍କ ଆଦର୍ଶ ଓ ନୀତି ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସଂଘର ମୁଖପତ୍ର 'ନିତ୍ୟଲୋକ' ଉନ୍ମୋଚିତ ହୋଇଥିଲା । ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସ୍ତୋତ ବନ୍ଦନା, ଆଲୋଚନା ଚକ୍ର, ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆଳତୀ, ଭାବ ବିନିମୟ, ଆଧାତ୍ମିକ ଆଲୋଚନା ସହିତ ପ୍ରସାଦ ବଣ୍ଟନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଚୌଦ୍ୱାର ଶାଖାର ସମସ୍ତ ପ୍ରତିଷ୍ଠାତା ସଦସ୍ୟ ଗୁରୁଭାଇ ଓ ମା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ବୃନ୍ଦାବନ ନାୟକ, ରଶ୍ମିରଞ୍ଜନ ଶର୍ମା, ମହିଳା ସଭାପତି ପ୍ରଭାରାଣୀ ବଳ, ମନୋରମା ସ୍ୱାଇଁଙ୍କ ସମେତ ସମସ୍ତ ଗୁରୁଭାଇ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବଲାଙ୍ଗୀରରେ ଦିନକୁ ଦିନ ବିଗୁଡୁଛି ଆଇନଶୃଙ୍ଖଳା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**




ବଲାଙ୍ଗୀର ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଧୀରେ ଧୀରେ ହୁଗୁଳା ହେବାରେ ଲାଗିଛି । ସହରରେ ଅସାମାଜିକ ତତ୍ତ୍ୱ, ନିଶାଖୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି । ଖାଲି ସହର ନୁହେଁ ଏବେ ଗାଁ ଗାଁରେ ଅଶାନ୍ତି ଓ ଉତ୍ତେଜନା ବଢ଼ିବାରେ ଲାଗିଲାଣି । ବଲାଙ୍ଗୀର ସହରରେ ଡ୍ରଗ୍ସ ଓ କଫ୍‌ସିରପ କାରବାର ବହୁ ମାତ୍ରାରେ ଚାଲିଛି । ପୋଲିସ କିଛି ସ୍ଥାନରେ ଚଢ଼ଉ କରି ନିଶା ବେପାରୀଙ୍କୁ ଗିରଫ କରି ବିଶେଷକରି କଫ୍‌ସିରପ ଓ ଗଞ୍ଜେଇ ଜବତ କରୁଥିବା ଦେଖାଯାଉଥିଲେ ମଧ୍ୟ ଏହା ହାତୀର ଦେଖାଇବା ଦାନ୍ତ ଭଳି ଚର୍ଚ୍ଚା ହେଉଛି । ଯେତେ ମାତ୍ରାରେ କଫ୍‌ସିରପ ଏବଂ ନିଶା କାରବାର ହେଉଛି ତା'ର ୧୦ ପ୍ରତିଶତ ପୋଲିସ କାର୍ଯ୍ୟାନୁଷ୍ଠାନ ପରିଧିକୁ ଆସିପାରୁଥିବା ଚର୍ଚ୍ଚାର ବିଷୟ ହୋଇଛି । ନିକଟରେ ରେଳବାଇ ପୋଲିସ ଭୁବନେଶ୍ୱରରୁ ବଲାଙ୍ଗୀର ଚାଲାଣ ହେଉଥିବା ପ୍ରାୟ ୫୯୨ ବୋତଲ କଫ୍‌ସିରପ ଜବତ କରିଥିଲା । ଏଥିରେ ଅଭିଯୁକ୍ତ ରାଜା ଜେନାଙ୍କୁ ଗିରଫ କରାଯାଇଥିଲା । ପ୍ରାୟ ପ୍ରତିଦିନ ସହରକୁ କଫ୍‌ସିରପ ଚାଲାଣ ହେଉଥିଲେ ମଧ୍ୟ ପୋଲିସ କେବଳ ଅଳ୍ପ ପରିମାଣର କଫ୍‌ସିରପ ଜବତ କରୁଥିବା ଅଭିଯୋଗ ହେଉଛି । କଫ୍‌ସିରପ ସେବନକାରୀମାନେ ବିଭିନ୍ନ ସମୟରେ ସହରର ବିଭିନ୍ନ ସ୍ଥାନରେ ଅଶାନ୍ତି ସୃଷ୍ଟି କରୁଥିବାରୁ ସହରର ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ସହରରେ ସ୍ପିଡ୍ ବାଇକ୍‌ରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି । ସେମାନେ ଖୋଲାଖୋଲି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି ।

ଏହାଛଡ଼ା ଗତ କିଛି ଦିନ ହେଲା ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଗାଁରେ ଅଶାନ୍ତ ପରିସ୍ଥିତି ସାମ୍ନାକୁ ଆସିଛି । ଦେଓଗାଁ ଥାନାର ଦେଓଗାଁରେ କିଛିଦିନ ହେଲା ଅଶାନ୍ତି ଲାଗି ରହିଛି । ଗତ ଅକ୍ଟୋବର ୧୩ ତାରିଖ ଦିନ ଦେଓଗାଁରେ କେତେଜଣ ଅସାମାଜିକ ତତ୍ତ୍ୱ ବନ୍ଧୁକ ଓ ମାରଣାସ୍ତ୍ର ଧରି ବିଭିନ୍ନ ଲୋକଙ୍କୁ ଧମକ ଚମକ ଦେଇ ଭୟଭୀତ କରିଥିଲେ । ଏହାର ପ୍ରତିବାଦରେ ଦେଓଗାଁର ଲୋକେ ଦୋକାନ ବଜାର ବନ୍ଦ କରି ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ । ଏହି ଘଟଣାରେ ପୋଲିସ ପଶ୍ଚିମବଙ୍ଗରୁ ଆସି ସେଠାରେ ରହି ବ୍ୟବସାୟୀ କରୁଥିବା ଜଣେ ବ୍ୟକ୍ତିଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା । ସେମାନେ ଗତ ୨୨ ତାରିଖ ଦିନ ଜାମିନରେ ବାହାରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରାୟ ୪୦ରୁ ୫୦ ଜଣ ଲୋକ ସଂଘବଦ୍ଧ ଭାବେ ଗତ ୨ ତାରିଖ ଦିନ ସମ୍ପୃକ୍ତ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା । ଏଥିରେ ବ୍ୟବସାୟୀଙ୍କ ଘର, ବାଇକ୍ ଏବଂ କପଡ଼ା ଦୋକାନ ପୋଡ଼ି ଯାଇଥିଲା । ସେହି ଘଟଣାକୁ ନେଇ ଦେଓଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଛି । ପୋଲିସ ଇତିମଧ୍ୟରେ ୧୨ ଜଣଙ୍କୁ ଗିରଫ କରିଛି । ଏଥିରେ ସମ୍ପୃକ୍ତ ଥିବା ଅନେକଙ୍କୁ ଗିରଫ କରାଯିବ ବୋଲି ସଦର ଏସଡିପିଓ କହିଛନ୍ତି । ଦେଓଗାଁ ଅଶାନ୍ତି ଏବେ ସାମାନ୍ୟ ଶାନ୍ତ ପଡିଥିଲେ ମଧ୍ୟ ସେଠାରେ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ । ଅନ୍ୟପକ୍ଷରେ ଗତ ୧ ତାରିଖ ଦିନ ପୁଇଁନ୍ତଲା ଥାନାର ଆଟଗାଁରେ ଗୋଷ୍ଠୀ ସଂଘର୍ଷ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କେତେଜଣ ବ୍ୟକ୍ତି ପୋଲିସ ଗାଡ଼ିର କାଚ ଭାଙ୍ଗି ଦେଇଥିଲେ । ଏଠାରେ ଲୋକେ ଦୀର୍ଘ ସମୟ ଧରି ପୋଲିସ ଓ ଗାଡିକୁ ଅଟକାଇ ରଖିଥିଲେ । ପୋଲିସ ଉଭୟ ପକ୍ଷରୁ ମାମଲା ରୁଜୁ କରି ଶାନ୍ତି କମିଟି ଗଠନ କରି ପରିସ୍ଥିତିକୁ ଶାନ୍ତ କରିବାକୁ ଷ୍ଟୋ କରିଛି । ତେବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ଏବଂ ପୋଲିସର କ୍ରମାଗତ ଅବହେଳାରୁ ଏଭଳି ଅଶାନ୍ତି ସୃଷ୍ଟି ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି । ଏ ଦିଗରେ ପୋଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅଶାନ୍ତି ବୃଦ୍ଧି ପାଉଛି । ଗତ କିଛି ସପ୍ତାହ ହେଲା ଶାନ୍ତିପୂର୍ଣ୍ଣ ଦେଓଗାଁରେ ଅଶାନ୍ତି ଲାଗି ରହିଥିବାରୁ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଘଟଣାକୁ ନିନ୍ଦା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର । ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଥିବାରୁ ପୋଲିସ ଏ କ୍ଷେତ୍ରରେ ଅଧିକ ଯନତ୍ୱାନ ହେବା ଆବଶ୍ୟକ ବୋଲି କହିଛନ୍ତି । ସେଠାରେ ଯାହା କିଛି ଘଟଣା ଘଟିଯାଇଛି ତା'ର ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ଏବଂ ଏହି ଘଟଣାରେ ନିରୀହ ଲୋକଙ୍କୁ ପୋଲିସ ଗିରଫ ନ କରି ପ୍ରକୃତ ଦୋଷୀକୁ ଗିରଫ କରୁ ବୋଲି ବୁଧବାର ଏକ ପ୍ରେସ ବିବୃତିରେ କହିଛନ୍ତି ।

ସେ ଆହୁରି କହିଛନ୍ତି, ସ୍ଥାନୀୟ ପୋଲିସ ଆଇଆଇସି ବିନା ତଦନ୍ତରେ ନିରୀହ ଲୋକଙ୍କୁ ଉଠାଇ ଆଣୁଥିବାରୁ ଦେଓଗାଁ ଅଞ୍ଚଳରେ ଏବେ କୋକୁଆ ଭୟ ଦେଖାଦେଇଛି । ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏପରିକି କାର୍ତ୍ତିକ ପୂର୍ଣ୍ଣମୀ ଦିନ ମଧ୍ୟ ଲୋକେ ମନ୍ଦିର ଦର୍ଶନ କରିବାକୁ ଭୟ କରିଛନ୍ତି । ଲୋକଙ୍କ ମନରେ ଥିବା ଭୟକୁ ଦୂର କରିବା ପାଇଁ ପୋଲିସ ଶୀଘ୍ର ପଦକ୍ଷେପ ନେଉ ବୋଲି ସେ କହିଛନ୍ତି । ଗତ ମାସ ୧୩ ତାରିଖ ଦିନ କେତେଜଣ ସଂଖ୍ୟାଲଘୁ ଯୁବକ ଦେଓଗାଁ ଅଞ୍ଚଳରେ ଖଣ୍ଡା ତଥା ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରିଥିଲେ । ଏହା ଯେପରି ଆଗକୁ ଉଗ୍ର ରୂପ ନ ନିଏ ସେଦିଗରେ ପୋଲିସ ଯତ୍ନବାନ ହେଉ ଏବଂ ଉଚିତ୍ ପଦକ୍ଷେପ ଗ୍ରହଣ କରୁ ବୋଲି ମିଶ୍ର କହିଛନ୍ତି । ଜିଲା ଆରକ୍ଷୀ ଅଧୀକ୍ଷକ ଯେତେଶୀଘ୍ର ସମ୍ଭବ ଏହି ଘଟଣାରେ ହସ୍ତକ୍ଷେପ କରି ଦେଓଗାଁ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଶାନ୍ତି କମିଟି ଗଠନ କରନ୍ତୁ ବୋଲି ମିଶ୍ର ପରାମର୍ଶ ଦେଇଛନ୍ତି । ଏହାଛଡ଼ା ପୋଲିସ ଏଫଆଇଆରରେ ଯେଉଁ ଲୋକଙ୍କ ନାଁ ନାହିଁ ସେମାନଙ୍କୁ ଗିରଫ ନ କରିବାକୁ ମିଶ୍ର କହିଛନ୍ତି ।

# ବିଶିଷ୍ଟ ଶିକ୍ଷକ ପଦ୍ମନାଭ ରାୟ ସମ୍ବର୍ଦ୍ଧିତ



**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ଶଙ୍ଖଚିଲା ଖମଣସ୍ଥ ଠାକୁରେଶ୍ୱର ମନ୍ଦିର କମିଟି ତରଫରୁ ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ରାୟ ରାଜ୍ୟ ବୃତ୍ତିରେ ଯଦିଓ ଅଞ୍ଚଳରେ ଜଣେ ଶିକ୍ଷକ ଭାବେ ସୁନାମ ଅର୍ଜନ କରନ୍ତି କିନ୍ତୁ ନିଶାରେ ଜଣେ ଆଧାତ୍ମିକ ସଙ୍ଗଠକ ଭାବେ ଅଞ୍ଚଳରେ ବେଶି ଜଣାଶୁଣା । ତାଙ୍କର ଉଦ୍ୟମପାଇଁ ଖମଣର ବିଲପଶି ମଧ୍ୟରେ କେଉଁ ଆବାହନ କାଳରୁ ପାତାଳଫୁଟା ମହାଦେବ ଭାବେ ପୂଜା ପାଇ ଆସୁଥିଲେ । ମାତ୍ର ତାହା ଲୋକ ଲୋଚନକୁ ଆସୁନଥିଲା । କିନ୍ତୁ ଶିକ୍ଷକ ପଦ୍ମନାଭ ରାୟ ଠାକୁରଙ୍କୁ ବେଳେବେଳେ ଯାଇ ପୂଜା କରିଥାଆନ୍ତି । ତେଣୁ ଏହି ପୂଜା କରିବା ସମୟରେ ସେ ଠାକୁରଙ୍କ ଠାରୁ କିଛି ସାନିଧ ପାଇ ନିଜ ଆତ୍ମସନ୍ତୋଷ ଲାଭ କରିବାପରେ ନିଜେ ଅଞ୍ଚଳର ବିଭିନ୍ନ ଈଶ୍ୱରବିଶ୍ୱାସୀ ମୁରବୀ ଓ ଯୁବକ ମାନଙ୍କର ସହାୟତା ନେଇ ଗ୍ରାମେ ଗ୍ରାମେ ଠାକୁରଙ୍କ ମହିମା ପ୍ରସାରିତ କରିବା ସହ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଉତ୍ସାହିତ କରି ବହୁ ସରକାରୀ ଓ ବେସରକାରୀ ସାହାଯ୍ୟ ସହଯୋଗ ମାଧ୍ୟମରେ ଆଜି ଅନୁଷ୍ଠାନଟି ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିପାରିଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ଏ ପରିଣତ ବୟସ ୮୯ ବର୍ଷ ବୟସରେ ତାଙ୍କର ସମର୍ପିତ ମନୋଭାବ ପାଇଁ ଉପଢୌକନ ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଜୟନ୍ତୀ ଦଳେଇ ଓ ମୁଖ୍ୟ ବକ୍ତା ଭାବେ ଖମଣ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ରାଉତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମାଜସେବୀ ଅକ୍ଷୟ କୁମାର ଜେନା ସମସ୍ତଙ୍କୁ ସ୍ୱାଗତ କରିଥିଲା ବେଳେ ଶିକ୍ଷକ ତଥା କମିଟିର ଆବାହକ ଦେବବ୍ରତ ସାହୁ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଶିବ ପ୍ରସାଦ ବେହେରା, ବିଷ୍ଣୁ ଚରଣ ସାହୁ, ନୀଳମଣି ସାହୁ, ଦୁର୍ଯୋଧନ ସାହୁ, ବାଇଧର ବେହେରା, ମଧୁସୂଦନ ସାହୁ, ଗଦାଧର ମଲିକ, ନନ୍ଦ କିଶୋର ମହାକୁଡ଼, ମହେନ୍ଦ୍ର ସାହୁ ଓ ପିତାମ୍ବର ବେହେରା ପ୍ରମୁଖ ସାରଙ୍କ ଗୁଣଗାନ କରିଥିଲେ । ଶେଷରେ ରମାକାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।





# ଗାଁ ନିକଟରେ ଅଛି ଟ୍ରାନ୍ସଫରମର : ଘରକୁ ନାହିଁ ବିଦ୍ୟୁତ୍ ସଂଯୋଗ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ଆଜିର ଦିନରେ ବିଦ୍ୟୁତ ସେବା ଏକ ନିତାନ୍ତ ଅପରିହାର୍ଯ୍ୟ ହୋଇଥିବା ବେଳେ ଏବେବି ବର୍ଷବର୍ଷ ଧରି ବିନା ଆଲୁଅରେ ଜୀବନ କାଟୁଛନ୍ତି ଗଜପତିଜିଲ୍ଲା ରା ଉଦୟଗିରି ବ୍ଲକର ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ତରଭଙ୍ଗ ଗ୍ରାମବସୀ। ଗାଁ ନିକଟ ଦେଇ ଯାଇଛି ୧୧ କେଭି ବିଦ୍ୟୁତ୍ ସରବରାହ। ନିକଟରେ ଏକ ଟ୍ରାନ୍ସଫରମର ମଧ୍ୟ ରହିଛି। କିନ୍ତୁ ଆଜି ଯାଏଁ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ ଯନ୍ତ୍ରୀ ଗ୍ରାମବାସୀଙ୍କୁ ଏକ ଲକ୍ଷ ଟଙ୍କା ଦାବି କରୁଥିବା ବେଳେ ଟଙ୍କା ଦେଇ ନପାରିବାରୁ ବିଦ୍ୟୁତ ସଂଯୋଗ କରାଯାଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅର୍ଥ ଯୋଗାଡ଼ କରିବା ସମ୍ଭବପର ହୋଇ ପାରୁନଥିବାରୁ ଏଯାଏଁ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ଜିଲ୍ଲା ସଦରମହକୁମା ଠାରୁ ୧୧୦ ଓ ବ୍ଲକ ସଦରମହକୁମା ଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଦୁର୍ଗମ ଅଞ୍ଚଳ ପାହାଡ଼ ଜଙ୍ଗଲ ଘେରା ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି କିନ୍ତୁ ଏଯାଏଁ ଗାଁକୁ ବିଦ୍ୟୁତ୍ ସଂଯୋଗ ନଥିବାରୁ ସନ୍ଧ୍ୟା ହେଲେ ଘନ ଅନ୍ଧାରରେ ଅଭିଶପ୍ତ ଜୀବନ କାଟୁଛନ୍ତି। ବିଦ୍ୟୁତ୍ ସଂଯୋଗ ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ଗ୍ରାମବାସୀ। ସରକାରଙ୍କ ପକ୍ଷରୁ ଗାଁରେ ପାଣି ଟାଙ୍କି ବସିଛି। କିନ୍ତୁ ପାଣି ଉଠାଇବା ମୋଟରକୁ ବିଦ୍ୟୁତ ସଂଯୋଗ ହୋଇନି। ସ୍ମାର୍ଟ ସ୍କୁଲରେ ରୁପାନ୍ତର ହୋଇଛି ଏଠାକାର ଉଚ୍ଚ ବିଦ୍ୟାଳୟ କିନ୍ତୁ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ନଥିବାରୁ ଏଲଇଡି ଟିଭି ମାଧ୍ୟମରେ ପିଲାଙ୍କ ପାଠପଢିବା ସ୍ୱପ୍ନ ଅଧୁରା ରହିଯାଇଛି। ସରକାରଙ୍କ ପକ୍ଷରୁ କିଛି ବର୍ଷ ପୂର୍ବେ ସୋଲାର ପ୍ୟାନେଲ ମାଧ୍ୟମରେ ଗ୍ରାମର ସମସ୍ତ ଘରକୁ ଆଲୁଅ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ଗୋଟିଏ ବର୍ଷ ପରେ ନଷ୍ଟ ହୋଇଗଲା। ତାହା ଏବେବି ସେହିଭଳି ଖରାପ ହୋଇ ପଡ଼ିରହିଛି। କେହି ସେଥିପ୍ରତି ଦୃଷ୍ଟି ନଦେବାରୁ ଆଉ ଆଲୁଅ ନପାଇପାରି ବର୍ଷ ବର୍ଷ ଧରି ଅନ୍ଧାରରେ ଜୀବନ କାଟୁଛନ୍ତି। ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ଓ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୈଣସି ସୁଫଳ ମିଳୁ ନଥିବାରୁ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ସରପଞ୍ଚଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଜଣାଇଛନ୍ତି। ତେବେ ଯଥା ଶୀଘ୍ର ବିଦ୍ୟୁତ୍ ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଫାଲ୍ଗୁନୀ ମାଝୀ। ତେବେ ସରକାରଙ୍କ ଏତେ ସବୁ ବ୍ୟବସ୍ଥା ଥାଇ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଗୋଟିଏ ଗାଁରେ ଅବ୍ୟବସ୍ଥା ଓ ସମସ୍ୟା ସମ୍ପର୍କରେ କିଭଳି କାହାର ନଜର ଆସୁନି ଆଉ ଗୁହାରି କଲେବି ସମାଧାନ ପାଇଁ ପଦକ୍ଷେପ ନିଆଯାଉନି ତାହା ହେଲେ ଏହି ପଞ୍ଚାୟତରାଜ ବ୍ୟବସ୍ଥା କାହାପାଇଁ ବୋଲି ପ୍ରଶ୍ନ କରିଛନ୍ତି।

# କଳିଙ୍ଗନଗର ଅଞ୍ଚଳରେ ପୁଷ୍ଟି ସାଧନ ଓ ଅଞ୍ଚଳବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ କରୁଛି ଟାଟାଷ୍ଟିଲ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଅନେକ କାର୍ଯ୍ୟକ୍ରମମାନ ହାତକୁ ନେଇଛି। କୁପୋଷଣ ଏବଂ ଅପପୁଷ୍ଟି ସ୍ଥିତିରେ ଅଧିକ ସୁଧାର ପାଇଁ ମଧ୍ୟ ଏହା ଅନେକ ପଦକ୍ଷେପ ଗ୍ରହଣ କରିଛି। ଏନେଇ ଟିଏସଏଫ ସ୍ଥାନୀୟ ପ୍ରଶାସନ ସହିତ ମିଳିତ ଭାବେ ୨୦୨୩ ମସିହାରେ ପ୍ରୋଜେକ୍ଟ ପୋଷଣ ଆରମ୍ଭ କରିଥିଲା, ଯାହା ଯାଜପୁର ଜିଲ୍ଲାର ଦାନଗଦି ଓ ସୁକିନ୍ଦା ଏବଂ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକ୍ ରେ ପୁଷ୍ଟିକର ଖାଦ୍ୟ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳବାସୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦଳ ସହ ସମନ୍ୱୟ ରକ୍ଷା କରି, ପ୍ରୋଜେକ୍ଟ ପୋଷଣ ସରକାରୀ



ପ୍ରୟାସଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନେକ ପଦ୍ଧତି ଅନୁସରଣ କରୁଛି। କୁପୋଷଣ ପ୍ରତିରୋଧ ପରିଚାଳନା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି, ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ସଶକ୍ତ କରିବା, ପୁଷ୍ଟିକର ଖାଦ୍ୟ ଏବଂ ସୁସ୍ଥ ଜୀବନ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ପୋଷଣ ପ୍ରକଳ୍ପ ଅଧୀନରେ ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ୩୭,୦୦୦ରୁ ଅଧିକ ମହିଳା ଓ କିଶୋରୀମାନେ ପୋଷଣ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯେଉଁଥିରେ ପାଞ୍ଚ ବର୍ଷରୁ କମ ବୟସର ପ୍ରାୟ ୧୯,୦୦୦ରୁ ଅଧିକ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୭୦୦ରୁ ଅଧିକ ଶିଶୁଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ ସଠିକ୍ ପୋଷଣ ପ୍ରଦାନ କରାଯାଇ ସେମାନଙ୍କ ଗତିବିଧିରେ ଉନ୍ନତି ଅଣାଯାଇପାରିଛି। ଏଥି ସମେତ ରକ୍ତହୀନତା ନିରାକରଣ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଯେଉଁଥିରେ ୧୬,୦୦୦ରୁ ଅଧିକ ମହିଳା ଏବଂ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬,୦୦୦ ଜଣଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଯିବା ସହିତ ପୁଷ୍ଟିକର ଖାଦ୍ୟ ପରାମର୍ଶ ଏବଂ ଆଇରନ ସପ୍ଲିମେଣ୍ଟ ଆଦି ପ୍ରଦାନ କରାଯାଇଛି। ପୋଷଣ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପ୍ରତ୍ୟକ ପରିବାରକୁ ନିଜେ ତାଜା ସବୁଜ ପନିପରିବା ଚାଷ କରିବା ପାଇଁ ଉତ୍ସାହିତ କରାଯିବା। ଏହା ଓଡ଼ିଶାର ଉପଜୀବିକା ଓ ଖାଦ୍ୟ ବିବିଧତା କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିଛି। ଏହି ପ୍ରକଳ୍ପ ମାଧ୍ୟମରେ ବର୍ତ୍ତମାନ ୬,୦୦୦ରୁ ଅଧିକ ପରିବାର ନିଜ ନିଜ ଘରେ ପାରିବ ବଗିଚା ସ୍ଥାପନ କରିଛନ୍ତି, ଯାହା ସେମାନଙ୍କ ପରିବାରର ପୋଷଣ ଯୁକ୍ତ ଓ ପୁଷ୍ଟିକର ଖାଦ୍ୟ ଆବଶ୍ୟକତାକୁ ଅନେକ ମାତ୍ରାରେ ପୂରଣ କରିପାରୁଛି। ମୁଁ ପୋଷଣ ପ୍ରକଳ୍ପ ପାଇଁ କୃତଜ୍ଞ। ଟିଏସଏଫ ଟିମ୍ ମୋ ଶିଶୁର ଅପପୁଷ୍ଟି ଅବସ୍ଥା ଚିହ୍ନଟ କରି, ନ୍ୟୁଟ୍ରିଶନ୍ ରିହାବିଲିଟେସନ୍ ସେଣ୍ଟର୍ (ଏନଆରସି)କୁ ପଠାଇଥିଲେ ଏବଂ ଭଲ ଭାବରେ କିପରି ଶିଶୁର ଯତ୍ନ ନିଆଯିବ ସେହି ବିଷୟରେ ଶିକ୍ଷା ଦେଇଥିଲେ। ଆଜି ମୋ ଶିଶୁଟି ସୁସ୍ଥ ଅଛି ଏବଂ ଆମେ ପିତାମାତା ଭାବରେ ସେମାନଙ୍କ ସହାୟତା ପାଇଁ ହୃଦୟରୁ କୃତଜ୍ଞ, ବୋଲି ଦାନଗଦି ଅଞ୍ଚଳର ଜଣେ ମହିଳା ତଥା ଶିଶୁର ମାତା ଶ୍ରୀମତୀ ମଞ୍ଜୁ ତାମସୋୟ କହିଛନ୍ତି। ଟାଟା ଷ୍ଟିଲ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘସ୍ଥାୟୀ ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ପ୍ରୟାସ ଦ୍ୱାରା ରାଜ୍ୟର ପ୍ରଚଳିତ ସ୍ୱାସ୍ଥ୍ୟ ସେବାକୁ ସହଯୋଗ କରି ସ୍ଥାନୀୟ କ୍ଷମତାରେ ବୃଦ୍ଧି ଆସିପାରିଛି।

# ମଠବ୍ରହ୍ମପୁର ନିକଟରେ ବାଇକ ଦୁର୍ଘଟଣା : ଦୁଇ ମୃତ

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଆସିକା ଭୁବନେଶ୍ୱର ରାଜ୍ୟ ରାଜପଥ ମଠ ବ୍ରହ୍ମପୁର ନିକଟରେ ମୋଟସାଇକଲ ଦୁର୍ଘଟଣା ରେ ଦୁଇଜଣ ମୃତ୍ୟବରଣ କରିଥିବା ଜଣାପଡ଼ିଛି ! ସୂଚନା ପ୍ରକାରେ ରବିବାର ଭୋର ସମୟରେ ବେଗୁନିଆପଡା ବ୍ଲକ ଦିଗାପଡା ପଞ୍ଚାୟତ ଜଗନ୍ନାଥ ପୁର ଛଟିନାର ଗୁରା ସେଠୀଙ୍କ ପୁଅ କାଶୀନାଥ ସେଠୀ ମଠବ୍ରହ୍ମପୁର ରାସ୍ତାରେ ପ୍ରତିଦିନ ଭଳି ପ୍ରାତଭ୍ରମଣ ରେ ଯାଉଥିବା ବେଳେ ପଛପଟ ରାସ୍ତାରୁ ପୋଲସରା ବ୍ଲକ ରାଣୀପଡ଼ା ଗ୍ରାମର ମିଟୁ ପରିଡା ବାଇକରେ ଆସି କାଶୀନାଥ ଙ୍କୁ ଧକ୍କା ଦେଇ ଛିଞ୍ଚାଡି ହୋଇ ପଡିଥିଲା। ସ୍ଥାନୀୟ ଲୋକଙ୍କ ସହାୟତା ରେ କାଶୀନାଥ ଙ୍କୁ କୋଦଳା ମେଡିକାଲ ଓ ମିଟୁଙ୍କୁ ପୋଲସରା ମେଡିକାଲ କୁ ନିଆଯାଇଥିଲା। ତେବେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ କୋଦଳା ପୋଲିସ ମେଡିକାଲ ରେ ପହଞ୍ଚି କବିସୂର୍ଯ୍ୟନଗର ପୋଲିସକୁ ଖବର ଦେବା ପରେ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ଶବ ବ୍ୟବଛେଦ ନିମନ୍ତେ ପଠାଇଛନ୍ତି। ଘଟଣାରୁ ପ୍ରକାଶ ମିଟୁ ପରିଡା ବେଗୁନିଆପଡା ବ୍ଲକ ଉସ୍ତାଳୀ ଗ୍ରାମରେ ହେଉଥିବା ମହାଭାରତ ନାଟକ ରେ ଦୁଃଶାସନ ଭୂମିକାରେ ଅଭିନୟ କରି ସକାଳୁ ସକାଳୁ ଗ୍ରାମକୁ ଫେରୁ ଥିଲା। ନାଟକ ରେ ଅଭିନୟ କରୁଥିବାରୁ ରାତି ଅନିଦ୍ରା ଯୋଗୁଁ ଏହି ଦୃଘଟଣା ହୋଇଥାଇ ପରେ ବୋଲି ଆଲୋଚନା ହେଉଛି।

## ଛୁରାମାଡ ଘଟଣା : ଗେମ୍ ଖେଳି ଟଙ୍କା ହରାଇ ଥିବା ଯୁବକ

# ନିଜେ ଛୁରୀ ଭୁସି ରକ୍ଷା ପାଇବା ପାଇଁ ନାଟକ ରଚନା କରିଥିଲା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ଉପକଣ୍ଠ କୋରେଇ ଥାନା ଅନ୍ତର୍ଗତ ଫାୟାର ଷ୍ଟେସନ ଗୋଲେଇ ଛକ ନିକଟରେ ଗତ ୬ ତାରିଖ ଗୁରୁବାର ଦିନ ଜଣେ ଯୁବକଙ୍କୁ ଛୁରା ମାଡ଼ କରି ୨ ଜଣ ଦୁର୍ବୃତ୍ତ ୫୦ ହଜାର ଟଙ୍କା ଲୁଟି ନେଇଥିବା ଘଟଣା ନାଟକୀୟ ମୋଡ଼ ନେଇଛି। ନିଜ ପିଉସା ବ୍ୟାଙ୍କରେ ଡିପୋଜିଟ ପାଇଁ ଦେଇଥିବା ଟଙ୍କାକୁ ଅନ୍‌ଲାଇନ ଗେମ୍‌ରେ ହାରି ଯିବା ଫଳରେ ଯୁବକ ଜଣକ ନିଜେ ନିଜ ଦେହକୁ ଛୁରୀରେ ଆଘାତ କରି ଏଭଳି ନାଟକ ରଚିଥିବା କୋରେଇ ଥାନାଧିକାରୀ ରାକେଶ



ତ୍ରିପାଠୀ ସୂଚନା ଦେଇଛନ୍ତି। ଏନେଇ ଉକ୍ତ ଯୁବକ ପୋଲିସ ନିକଟରେ ସବୁ କଥା ସ୍ୱୀକାର କରିଛି। ସୂଚନା ଅନୁଯାଇ କୋରେଇ ବ୍ଲକ ଅନ୍ତର୍ଗତ ଜଇଁତଳ ଗ୍ରାମର ଦୁର୍ଯ୍ୟଧନ ସାହୁଙ୍କ ପୁଅ ରୋହିତ କୁମାର ସାହୁ ଗୁରୁବାର ଅପରାହ୍ନରେ ୫୦ ହଜାର ଟଙ୍କା ଧରି ବ୍ୟାଙ୍କକୁ ଡିପୋଜିଟ କରିବାକୁ ଆସୁଥିଲେ। ଘରୁ ଆସିବା ବାଟରେ ଫାୟାର ଷ୍ଟେସନ ଗୋଲେଇ ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇ ଛୁରି ଦେଖାଇ ଟଙ୍କା ମାଗିଥିଲେ ବୋଲି ଯୁବକ ଜଣଙ୍କ କହିଥିଲେ। ସେ ଟଙ୍କା ନ ଦେବାରୁ ତାଙ୍କୁ ଛୁରା ମାଡ଼ କରିଥିଲେ ଏବଂ ବ୍ୟାଗରେ ଥିବା ଟଙ୍କାକୁ ଲୁଟିନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ରୋହିତଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଯାଜପୁରରୋଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ପରିବାର ବର୍ଗଙ୍କ ତରଫରୁ କୋରାଇ ଥାନାରେ ଏକ ଏତଲା ଦାୟର କରାଯାଇଥିଲା। କୋରେଇ ଥାନା ଅଧିକାରି ରାକେଶ ତ୍ରିପାଠୀ ଏହାକୁ ଗୁରୁତ୍ୱ ଦେଇ ତଦନ୍ତ କରିଥିଲେ ଘଟଣାଟି ପୋଲିସକୁ ସଂନ୍ଦେହ ହେବାରୁ ରୋହିତକୁ ଜେରା କରିବାରୁ ସତ୍ୟ ଘଟଣା ପୋଲିସ ନିକଟରେ ସିକ୍ୱାରକରି ଥିଲା। ଏହି ଅପବାଦରୁ ରକ୍ଷା କରିବା ପାଇଁ ଛୁରୀ କିଣି ନିଜ ଦେହରେ ଛୁରୀ ମାରି ଚୋରି ଅଭିନୟ କରିଥିଲା। ଏତେ କମ୍ ବୟସ ପିଲାରେ ମିଛ ଅଭିନୟ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛି।

# ଅନୁଗୁଳରେ ପର୍ଯ୍ୟଟନ ପଛୁଆ: ବିକଶିତ ହେବ ଦ୍ୱିତୀୟ ଚିଲିକା

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଆକାଶକୁ ଛୁଉଁଥିବା ଭଳି ପାହାଡ଼। ଘଞ୍ଚ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ। ତା’ ସାଙ୍ଗକୁ ସାତକୋଶିଆ ଗଣ୍ଡ। ଏମିତି ମନଲୋଭା ପ୍ରାକୃତିକ ପରିବେଶରେ ଖୁନ୍ଦି ହୋଇ ରହିଛି ଅନୁଗୁଳରେ କିନ୍ତୁ ପର୍ଯ୍ୟଟକଙ୍କ ପାଦ ଆଶାଜନକ ଭାବେ ପଡୁନି। ଅନ୍ୟପକ୍ଷରେ ଚଳିତବର୍ଷ ଏପର୍ଯ୍ୟନ୍ତ ଏଠାରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଇନି। ଅନୁଗୁଳରେ ସାତକୋଶିଆ ଗଣ୍ଡ ସହ ଟିକରପଡ଼ା, ଶୈଳଶ୍ରୀକ୍ଷେତ୍ର, ପାଳଲହଡ଼ାରେ ଦ୍ୱିତୀୟ ଚିଲିକା, ତାଳଚେର ହିଙ୍ଗୁଳା ମନ୍ଦିର, ଆଠମଲ୍ଲିକର ଦେଉଳଝରୀ ମନ୍ଦିର ଓ ବିନିକେୟୀ ପୀଠ ରହିଛି। ଏପଟେ ରେଙ୍ଗାଳି ଜଳଭଣ୍ଡାର, ଡେରେଜାଙ୍ଗ ଜଳଭଣ୍ଡାର, ତାଳଚେର ରାଜବାଟୀ ପରି ଏକାଧିକ ପର୍ଯ୍ୟଟନସ୍ଥଳୀ ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ହେଲେ ଏସବୁ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ବିକାଶ ହୋଇପାରିନି। ସହର ଉପକଣ୍ଠରେ ଥିବା ଡେରେଜାଙ୍ଗ ଜଳଭଣ୍ଡାର ଏକଦା ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ପାଲଟିଥିଲା। ଏବେ ଏତେ ଅବ୍ୟବସ୍ଥା ଯେ ଲୋକେ ମୁହଁ ମୋଡୁଛନ୍ତି। ସେହିପରି ଟିକରପଡ଼ାରେ ଥିବା ବିଭିନ୍ନ କ୍ରୀଡ଼ା ସାମଗ୍ରୀ ନଷ୍ଟ ହୋଇଗଲାଣି। ଏଠାକୁ ଯାଉଥିବା ପର୍ଯ୍ୟଟକ କେବଳ ମହାନଦୀ ଗଣ୍ଡ ଓ କୁମ୍ଭୀର ଦେଖି ଫେରୁଛନ୍ତି। ଅଧିକ ସମୟ ବିତାଇବା ପାଇଁ କୌଣସି ସୁବିଧା ନାହିଁ। ସେହିପରି ବିଭିନ୍ନ ପ୍ରକୃତି ନିବାସ ଚମକ ହରାଇଲାଣି। ବିନିକେୟୀ ଓ ଦେଉଳଝରୀର ବିକାଶ ପାଇଁ ସେମିତି କିଛି ଠୋସ୍ ପଦକ୍ଷେପ ନିଆଯାଇନି। ଏଠାରେ ପର୍ଯ୍ୟଟକଙ୍କୁ ବାନ୍ଧି ରଖିବା ପରି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିଲାନି। ସେହିପରି ଦ୍ୱିତୀୟ ଚିଲିକା ଓ ମାଳ୍ୟଗିରି ପ୍ରଚାର ପ୍ରସାର ଅଭାବରୁ ପଛରେ ପଡ଼ି ଯାଇଛି। ଏଥିପାଇଁ ଅନୁଗୁଳକୁ ଆସୁଥିବା ପର୍ଯ୍ୟଟକ କେବଳ ଟିକରପଡ଼ା ବୁଲି ଫେରି ଯାଉଛନ୍ତି। ତେଣୁ ପର୍ଯ୍ୟଟନ ମାନଚିତ୍ରରେ ଅନୁଗୁଳ ଏପର୍ଯ୍ୟନ୍ତ ନିଜ ଉପସ୍ଥିତିକୁ ଉପଯୁକ୍ତ ଢଙ୍ଗରେ ଜାହିର କରିପାରିନି। ପର୍ଯ୍ୟଟନ ବିଭାଗର ସୂଚନା ଅନୁସାରେ, ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ନେଇ ସମୀକ୍ଷା କରାଯାଇଛି। ଅନୁଗୁଳ ଉପକଣ୍ଠ ଡେରେଜାଙ୍ଗ ଜଳଭଣ୍ଡାରରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ରେଙ୍ଗାଳି ଜଳଭଣ୍ଡାର ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଲୋଭୀ ଠାକୁରାଣୀଙ୍କ ପୀଠର ବିକାଶମୂଳକ କାମ ବି ହେବ। ଏପଟେ ଦ୍ୱିତୀୟ ଚିଲିକାର ଉନ୍ନତୀକରଣ କାମ ଚାଲିଛି। ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ଜିଲ୍ଲାରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶମୂଳକ କାମ ଚାଲିଛି। ଆସନ୍ତା ଡିସେମ୍ବର ୧୫ ଭିତରେ ସମସ୍ତ କାମ ଶେଷ କରାଯାଇ ହସ୍ତାନ୍ତର କରିବାକୁ କୁହାଯାଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଡେରେଜାଙ୍ଗ ଓ ରେଙ୍ଗାଳି ଜଳଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

# ବସ୍‌ରେ ଅଗ୍ନି ନିରାପତ୍ତା ଗାଇଡ଼ଲାଇନ ପାଳନ ବାଧ୍ୟତାମୂଳକ

**ବାରିପଦା,ନ୍ୟୁଜ ବ୍ୟୁରୋ**

ସମ୍ପ୍ରତି ଯାତ୍ରୀବାହି ବସ ଗୁଡ଼ିକରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣା ସମ୍ମୁଖକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି। ଏହାକୁ ପରିବହନ ଓ ଅଗ୍ନିଶମ ବିଭାଗ ଗୁରୁତର ସହ ନେଇଥିବା ବେଳେ ବିପଦପୂର୍ଣ୍ଣ ଯାତ୍ରାକୁ ଏଡ଼ାଇବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଯାହାକୁ ନେଇ ରାଇରଙ୍ଗପୁର ବସ ଷ୍ଟାଣ୍ଡ ଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଅଗ୍ନିଶମ ଅଧିକାରୀ ଦୀପକ କୁମାର ଜେନା, ଅତିରିକ୍ତ ଗାଡି ମୋଟର ଯାଞ୍ଚ ଅଧିକାରୀ ଆଶୁତୋଷ ନାଏକ ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତ ବସ୍ ମାଲିକ ଓ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତା ନେଇ ସଚେତନ କରିଥିଲେ। ଅଗ୍ନିକାଣ୍ଡ ଘଟିଲେ କିପରି ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ବାବଦରେ ସଚେତନ କରିଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ଏନେଇ ମକ ଡ୍ରିଲ କରାଯାଇଥିଲା। ନୂତନ ନିୟମ ଅନୁଯାୟୀ ସ୍କୁଲ୍ ବସ୍ ଠାରୁ ଆରମ୍ଭ କରି ନାଇଟ୍ କୋଚ୍, ଏସି ବସ୍, ସ୍ଲିପର କୋଚ୍ ପର୍ଯ୍ୟନ୍ତ ସମସ୍ତ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବାକୁ ବାଧ୍ୟତାମୂଳକ କରାଯାଇଛି। କେବଳ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିଲେ ହେବନାହିଁ। ଏହାର ବ୍ୟବହାର ସମ୍ପର୍କରେ ମଧ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବସ୍‌ରେ ଅଗ୍ନିକାଣ୍ଡ ଘଟିଲେ ଏହାକୁ କିଭଳି ନିୟନ୍ତ୍ରଣ କରିବେ ସେ ସମ୍ପର୍କରେ




ବସ କର୍ମଚାରୀ ଜାଣିବେ। ସମସ୍ତ ଯାତ୍ରୀବାହୀ ବସ୍‌ରେ ଫାୟାର୍ ସେଫ୍ଟି ସିଷ୍ଟମ୍ ସ୍ଥାପନ, ଫାୟାର୍ ଡିଟେକ୍ସନ୍, ସପ୍ରେସନ୍ ସିଷ୍ଟମ୍, ଇମର୍ଜେନ୍ସି ଏକ୍ଜିଟ୍, ଆଲର୍ଟ୍ ସିଷ୍ଟମ୍, ଗ୍ଲାସ୍ ଭାଙ୍ଗିବା ହାମର୍ ଓ ଫାୟାର୍ ଏକ୍ସଟିଙ୍ଗୁଇସର୍ ରହିବ ଆଦି ନିରାପତ୍ତା ଗାଇଡ଼ଲାଇନ ହୋଇଛି। ବସ୍‌ରେ ବ୍ୟବହୃତ ହେଉଥିବା ସ୍କ୍ରିନ୍, କାର୍ପେଟ୍, ସିଟ୍ କଭର ଆଦି ନିଆଁକୁ ବ୍ୟାପକ କଲା ଭଳି ଉପାଦାନରେ ତିଆରି ହେବ ନାହିଁ। ସେହିପରି ବସ୍‌ରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ। ସେଗୁଡ଼ିକର ବ୍ୟବହାର ତାରିଖ ଅଛି କି ନାହିଁ, ଅଗ୍ନି ନିର୍ବାପକ ଗ୍ୟାସ ଅଛି ନା ନାହିଁ ଏସବୁ ଉପରେ ଅନୁଧ୍ୟାନ ହେବ। ସେଗୁଡ଼ିକର ବ୍ୟବହାର ବସ୍ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଜଣାଯିବା ସହ ଆପତକାଳୀନ ଦ୍ୱାର ବିଷୟରେ ମଧ୍ୟ ଯାତ୍ରୀ ମାନଙ୍କୁ କୁହାଯିବ। ବିମାନ ଯାତ୍ରା ପୂର୍ବରୁ ଯାତ୍ରୀ ମାନଙ୍କୁ ସୂଚନା ଦିଆଗଲା ଭଳି ବସରେ ମଧ୍ୟ ଯାତ୍ରା ପୂର୍ବରୁ ସୂଚନା ଦିଆଯିବ। ବସ ଗୁଡ଼ିକରେ ଏହି ନିୟମ ପାଳନ ବାଧ୍ୟତାମୂଳକ ଅଟେ। ଅଗ୍ନିଶମ ନିୟମ ପାଳନରେ ତ୍ରୁଟି ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଓ ପରିବହନ ବିଭାଗ କର୍ମଚାରୀ, ବସ ମାଲିକ, ବସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଦେଓଗାଁରେ ଚଢ଼ଉ : ୧୫୦ଟିଣ ତେଲ ବୋଝେଇ ଗାଡ଼ି ଜବତ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀରଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ବନ୍ଧପଡ଼ା ଫାଣ୍ଡିର ଦୁମେରପିଟାରେ ଚଢ଼ାଉ କରି ଲୋକାଲ ବ୍ରାଣ୍ଡର ଏକ ଖାଇବା ତେଲ ବୋଝେଇ ମିନି ଟ୍ରକକୁ ଧରିଛି କଣ୍ଟାଞ୍ଜି ପୁଲିସ। ଦେଓଗାଁ ପୁଲିସ ସହ ମିଳିତ ଭାବେ ଚଢ଼ାଉ କରି ତେଲ ଗାଡ଼ିକୁ ଜବତ କରିଛି ପୁଲିସ। ତେବେ ଏହି ଗାଡ଼ିରେ ୧୫୦ଟିଣ ତେଲ ରହିଥିବା ଜଣାପଡ଼ିଛି। ଏହି ଦୁମେର ପିଟାର ଜଣେ ବ୍ୟବସାୟୀ ବିକ୍ରି ପାଇଁ ରାତିରେ ଆଣିଥିଲେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏନେଇ ବନ୍ଧପଡ଼ା ପୁଲିସ ଫାଣ୍ଡି ଅଧିକାରୀ ମଳୟ ପଣ୍ଡାଙ୍କୁ ପଚାରିବାରୁ କଣ୍ଟାବାଞ୍ଜି ପୁଲିସ ସହ ଚଢ଼ାଉ କରି ଗାଡ଼ି ଧରା ହୋଇଥିଲା। ତେଲ ବୋଝେଇ ଗାଡ଼ିକୁ କଣ୍ଟାବାଞ୍ଜି ପୁଲିସ ନେଇଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, କଣ୍ଟାବାଞ୍ଜି ଅଞ୍ଚଳର ଜଣେ ବ୍ୟବସାୟୀ ଲୋକାଲ ବ୍ରାଣ୍ଡର ନକଲି ତେଲ ବ୍ୟବସାୟ କରି ଜିଲ୍ଲାର ବିଭିନ୍ନ ସ୍ଥାନକୁ ପରିବହନ କରୁଛନ୍ତି ବିନା କାଗଜପତ୍ରରେ। ୫ଶହରୁ ଅଧିକ ଟିଣ ନକଲି ତେଲ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିଥିବା ଅଭିଯୋଗ ହେଉଛି। ଏହାରି ଉପରେ ପୁଲିସ ଅଧିକ ଖୋଳତାଡ଼ କଲେ ଅଧିକ ରହସ୍ୟ ପଦାକୁ ଆସିବ। ଏବେ ଏହି ତେଲ ବୋଝେଇ ଗାଡ଼ି ଧରା ପଡ଼ିବା ପରେ ଗାଡ଼ିଟି ଚୋରି ହୋଇ ଆସିଥିଲା ବୋଲି କାଗଜପତ୍ର ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ଏଣୁ ଏଦିଗରେ ପୁଲିସର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

ତା୧୦।୧୧।୨୦୨୫, କାର୍ତ୍ତିକ ଦି୨୫ନ, ସୋମବାର

ସୂର୍ଯ୍ୟୋଦୟ- ଘ୫।୫୨।୨୧ସେକେଣ୍ଡ ଚନ୍ଦ୍ରୋଦୟ-ରାଘ୯।୫୯।୧୧ସେକେଣ୍ଡ ଷଷ୍ଠୀ-ରାଘ୧୨।୦୮ ପର୍ଯ୍ୟନ୍ତ ।ପୁନର୍ବସୁନକ୍ଷତ୍ର-ସଂଘ୬।୪୮ପର୍ଯ୍ୟନ୍ତ । ମିଥୁନଚନ୍ଦ୍ର- ଦିଘ୧।୦୪ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି-ମେଷ,ମିଥୁନ, କର୍କଟ,ସିଂହ,ଧନୁ,ମକର ଓ ମୀନ ରାଶୀର ଦିଘ୧।୦୪ ଗତେ ମେଷ, ବୃଷ, କର୍କଟ,ସିଂହ,କନ୍ୟା,ତୁଳା,ମକର ଓ କୁମ୍ଭରାଶିର ।ଘାତ ଚନ୍ଦ୍ର- ଦିଘ୧।୦୪ମଧ୍ୟେ କନ୍ୟାରାଶିର ଶ୍ରାଦ୍ଧନିର୍ଣ୍ଣୟ- ଷଷ୍ଠୀର ଏକଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ନିଷିଦ୍ଧ ଖାଦ୍ୟ- ନିମ ରାଘ ୧୨।୦୮ ପରେ ତାଳ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୫।୫୨ ଗତେ ଘ ୭।୨୦ ମଧ୍ୟେ ।ଦିଘ୮।୫୪ ଗତେ ଘ ୧୧।୦୮ ମଧ୍ୟେ ।

ପର୍ବୋତ୍ସବ-ଶ୍ରୀକ୍ଷେତ୍ରପରିକ୍ରମା,ସିଦ୍ଧମହାବୀରଙ୍କ ନାଗାବେଶ ।



**ମେଷ**-କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ । ସହଯୋଗୀମାନଙ୍କ ଅସହଯୋଗ ବ୍ୟତିବ୍ୟସ୍ତ କରିପକାଇବା ଆୟରେ ବାଧା ତଥା କାର୍ଯ୍ୟରେ ପ୍ରତିରୋଧ ଶକ୍ତିର ମାତ୍ରା ବଢିବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ ।



**ବୃଷ:** କର୍ମରେ ଜୟଯୁକ୍ତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ । ବହୁ ଦିନର ଆଶା ପୂରଣ ହେବାର ସୂଚନା । ସନ୍ତାନ ସନ୍ତତିଙ୍କ ପାଇଁ ଚିନ୍ତିତ ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ରହିବାର ସୂଚନା ।



**ମିଥୁନ:** ପାରିବାରିକ ସହଯୋଗ ପାଇ କର୍ମପଥେ ଅଗ୍ରସର ହେବେ । ଆଶାବାଦୀ ହୋଇ ବେଶ୍ ସୁଫଳ ଲାଭ କରିବେ। ସହକର୍ମୀମାନେ ଆପଣଙ୍କର ପ୍ରଶଂସାର ଶତମୁଖ ହେବେ। ଆୟ ଓ ବ୍ୟୟ ସମାନ ରହିବ ।



**କର୍କଟ:** ଦୂରଯାତ୍ରା କରି ବେଶ୍ ଦୁଇ ପଇସା ଅର୍ଜନ କରିବେ। ଆଧ୍ୟାତ୍ମିକ ପରିପ୍ରକାଶ ହେବ । ସାମାଜିକ କାର୍ଯ୍ୟରେ ବା ସେବା ପୂଜା ପ୍ରତି ମନୋନିବେଶ କରିବେ। ଗୃହେ ଆନନ୍ଦ ଦେଖାଦେବ ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ସେତେ ଶୁଭଙ୍କର ନୁହେଁ । ମନରେ ଦୁଶ୍ଚିନ୍ତା ଦେଖାଦେବ । ଆୟଠାରୁ ବ୍ୟୟର ପରିମାଣ କମିଯିବ । ଦୂରଯାତ୍ରାରେ ଦୁର୍ଘଟଣାର ଯୋଗ । ଘରେ ଅଶାନ୍ତି ଦେଖାଦେବ ।



**କନ୍ୟା:** ସାହାଜ୍ୟ ସହଯୋଗ ଲାଭ କରିବେ । ଭ୍ରମଣ ଯୋଗ ରହୁଛି । ଆୟଠାରୁ ବ୍ୟୟର ପରିମାଣ କମିଯିବ । ପାରିବାରିକ ସୁଖ ଶାନ୍ତି ମିଳିବ । ବ୍ୟବସାୟରେ ଲାଭବାନ ହେବେ । ଶରୀର ସୁସ୍ଥ ରହିବ ।



**ତୁଳା:** ସବୁକିଛି ହେୟ ମନ ହେବ । ଧୀରେ ଧୀରେ ବାକି କାମକୁ ନିର୍ବାହ ପାଇଁ ଉଦ୍ୟମ କରିବେ । ଦିନସାରା କର୍ମଚଂଚଳ ରହିବେ । ଆୟ ମଧ୍ୟମ ହେବ । ନୂତନ ଦ୍ରବ୍ୟ ପ୍ରାପ୍ତି । ଗୃହେ ସୁଖ ଶାନ୍ତି ଲାଭ ।



**ବିଛା:** ବୁଝି ବିଚାରି କାମ କଲେ ପ୍ରମାଦ ନ ପଡଇ ଭଲେ । ଦିନଟି ଭଲରେ କଟିବ । କିନ୍ତୁ ଏକାକୀ କୌଣସି କାର୍ଯ୍ୟ ପାଇଁ ପଦେକ୍ଷପ ନ ନେବା ଭଲ । ଆଲୋଚନାର ଲାଭାନ୍ୱିତ ହେବେ । ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ ।



**ଧନୁ:** ଦିନଟି ଅଶାନ୍ତିରେ କଟିବ । ସୁବିଧାବାଦୀମାନେ ଆପଣଙ୍କ ଠାରୁ ସ୍ୱାର୍ଥ ହାସଲ କରିବେ । ଆୟ ଠାରୁ ବ୍ୟୟ ପରିମାଣ ବଢିବ । ଅଧିକ କ୍ଷୟର ସୂଚନା ମିଳେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**ମକର:** ପ୍ରତିବାଦ ବୃଦ୍ଧି ପାଇବ । ଦୂରଯାତ୍ରାରେ ଆନନ୍ଦ ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗଦାନ ଦ୍ୱାରା ନିଜର ଲୋକ ସମ୍ପର୍କ ବଢିବ । ଆୟ ପୂର୍ବପରି ରହିବ । ଗୃହେ ଶାନ୍ତି ଲାଭ ।



**କୁମ୍ଭ:** ଭଲକଥା କହି ସବୁରି ପାଖରେ ନିନ୍ଦିତ ହେବେ । ସହଯୋଗୀମାନଙ୍କ ଅସହଯୋଗରୁ ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ବଜାୟ ରହିବାର ସୂଚନା ମଧ୍ୟ ।



**ମୀନ:** ସଂଯମତା ରକ୍ଷା କଲେ ଭଲ । କର୍ମକ୍ଷେତ୍ରରେ ଅଶାନ୍ତି ପରିଶ୍ରମ ବଢିବ । ଅଧସ୍ତନ ବ୍ୟକ୍ତି ନିକଟରେ ମଥାନତ କରି ଅସୁଖି ହେବେ । ମାନହାନିର ଆଶଙ୍କା ମଧ୍ୟ ରହିଛି । ଆୟ ଓ ବ୍ୟୟ ସମାନ ରହିବ ।

## ଆଗାମୀ କାଲିର ପଞ୍ଜିକା

ନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

ତା୧୧।୧୧।୨୦୨୫, କାର୍ତ୍ତିକ ଦି୨୬ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୫।୫୨।୫୪ସେକେଣ୍ଡ ଚନ୍ଦ୍ରୋଦୟ-ରାଘ୧୧।୪୪।୦୬ସେକେଣ୍ଡ

ସପ୍ତମୀ-ରାଘ୧୧।୦୯ ପର୍ଯ୍ୟନ୍ତ ।ପୁଷ୍ୟାନକ୍ଷତ୍ର- ସଂଘ୬।୧୮ପର୍ଯ୍ୟନ୍ତ। କର୍କଟଚନ୍ଦ୍ର-ଅହୋରାତ୍ର ।ଚନ୍ଦ୍ରଶୁଦ୍ଧି-ମେଷ,ବୃଷ, କର୍କଟ,ସିଂହ,କନ୍ୟା,ତୁଳା,ମକର ଓ କୁମ୍ଭ ରାଶୀର। ଘାତ ଚନ୍ଦ୍ର- ନାସ୍ତି ଶ୍ରାଦ୍ଧନିର୍ଣ୍ଣୟ- ସପ୍ତମୀର ଏକଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ନିଷିଦ୍ଧ ଖାଦ୍ୟ-ତାଳ ରାଘ୧୧।୦୯ ପରେ ନଡିଆ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୫।୫୭ ଗତେ ଘ ୬।୪୧ ମଧ୍ୟେ।ଦିଘ୮।୪୪ ଗତେ ଘ ୧୧।୦୮ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# କୋଇଲାର ବିନିଯୋଗ ୩୩.୧%କୁ ହ୍ରାସ

ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ସୌରଶକ୍ତି ଓ ପବନଶକ୍ତି, କୋଇଲାକୁ ପଛରେ ପକାଇ ଦେଇଛି। ଏହି ମାଇଲଖୁଣ୍ଟ ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇକୁ ତ୍ୱରାନ୍ୱିତ କରିଛି। ତେବେ ଏ ପରିପ୍ରେକ୍ଷୀରେ ପ୍ରମୁଖ ରାଷ୍ଟ୍ରଗୁଡ଼ିକରେ ଅନୁସୃତ ପରିବର୍ତ୍ତନଶୀଳ ନୀତି ଉକ୍ତ ଗତିକୁ ମନ୍ଥର କରୁଛି। ଫଳରେ ୨୦୩୦ ସୁଦ୍ଧା ପୂରଣ ହେବାକୁ ଥିବା ସ୍ୱଚ୍ଛ-ଶକ୍ତି ମହତ୍ତ୍ୱାକାଂକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଭାରତ ଏ ଦିଗରେ ଏକ ଉଜ୍ଜ୍ୱଳ ରାଷ୍ଟ୍ର ଭାବରେ ଉଭା ହୋଇଛି। ୨୦୨୫ର ପ୍ରଥମାର୍ଦ୍ଧରେ ବିଶ୍ୱର ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୩୪.୩% ନବୀକରଣଯୋଗ୍ୟ ଉତ୍ସରୁ ଆସିଥିବାବେଳେ କୋଇଲାର ବିନିଯୋଗ ପ୍ରାୟ ୩୩.୧%କୁ ହ୍ରାସ ପାଇଛି ଏବଂ ପ୍ରାକୃତିକ ବାଷ୍ପର ଭାଗ ପ୍ରାୟ ୨୩% ରହିଛି। ବିଶେଷଜ୍ଞମାନଙ୍କ ବିଶ୍ଳେଷଣ ଅନୁସାରେ, ୨୦୨୫ର ପ୍ରଥମାର୍ଦ୍ଧରେ ବିଶ୍ୱର ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୩୪.୩% ନବୀକରଣଯୋଗ୍ୟ ଉତ୍ସରୁ ଆସିଥିବାବେଳେ କୋଇଲାର ବିନିଯୋଗ ପ୍ରାୟ ୩୩.୧%କୁ ହ୍ରାସ ପାଇଛି ଏବଂ ପ୍ରାକୃତିକ ବାଷ୍ପର ଭାଗ ପ୍ରାୟ ୨୩% ରହିଛି। ନବୀକରଣଯୋଗ୍ୟ ଶକ୍ତି ବୃଦ୍ଧିର ସିଂହଭାଗ ସୌରଶକ୍ତିରୁ ଆସିଛି, ଯାହା ଏହି ଅବଧିରେ ୩୧% ବଢ଼ିଛି। ଅପରପକ୍ଷେ, ପବନଶକ୍ତିରେ ୭.୭% ବୃଦ୍ଧି ଘଟିଛି ଏବଂ ଉଭୟ କୋଇଲା ଓ ପ୍ରାକୃତିକ ବାଷ୍ପରେ ସାମାନ୍ୟ ହ୍ରାସ ଦେଖାଦେଇଛି। ତେବେ ଆମେରିକା ପରି ବିକଶିତ ଦେଶମାନଙ୍କ ନୀତି ପରିବର୍ତ୍ତନ ଯୋଗୁଁ ନବୀକରଣଯୋଗ୍ୟ ଶକ୍ତିର ଅଭିବୃଦ୍ଧି ହାର ହ୍ରାସ ପାଇବାର ଆଶଙ୍କା ଦେଖାଦେଇଛି। ବିକଶିତ ରାଷ୍ଟ୍ରଗୁଡ଼ିକରେ ଏଭଳି ଧାରା ସତ୍ତ୍ୱେ ଭାରତର ନବୀକରଣ କ୍ଷେତ୍ର ତୀବ୍ର ଗତିରେ ଅଗ୍ରଗତି କରୁଛି। ଗତ ବର୍ଷ ଭାରତ ୨୪ ଗିଗାୱାଟ୍ ସୌରଶକ୍ତି ଯୋଡ଼ିଛି, ଯାହା ୨୦୨୩ରେ ଯୋଡ଼ିଥିବା ପରିମାଣର ଦୁଇଗୁଣରୁ ଅଧିକ। ଭାରତ ସମ୍ପ୍ରତି ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ପବନ ଓ ସୌର ଶକ୍ତି କେନ୍ଦ୍ର ସାଜିଛି। ୨୦୧୪ରେ ଭାରତରେ ଅଣଜୀବାଶ୍ମ ଉତ୍ସଗୁଡ଼ିକରୁ ୮୭ ଗିଗାୱାଟ୍ ଶକ୍ତି ମିଳିଥିବାବେଳେ ୨୦୨୫ ମଧ୍ୟଭାଗ ସୁଦ୍ଧା ତାହା ୨୪୨.୭୮ ଗିଗାୱାଟ୍ ହୋଇଛି। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହି ଲକ୍ଷ୍ୟ ପୂରଣ କରିବାରେ ବିଦ୍ୟୁତ୍ ଗ୍ରିଡ୍ ଅପଗ୍ରେଡେସନ୍, ଟ୍ରାନ୍ସମିସନ୍ ବାଧା, ଆର୍ଥିକ ଓ ଭୂମି ଅଧିଗ୍ରହଣ ଆଦି ପ୍ରମୁଖ ପ୍ରତିବନ୍ଧକ ରହିଛି। ଭାରତ ଏ ଦିଗରେ ସଫଳ ହେଲେ ନବୀକରଣଯୋଗ୍ୟ ଶକ୍ତିର ଏକ ଅଗ୍ରଣୀ ବଜାର ହେବା ସହ ବିଶ୍ୱ ମାନକ ଭାବରେ ଉଭା ହୋଇପାରିବ।

# ଦଳାଚକଟା ଘଟଣାରୁ କିଛି ଶିକ୍ଷା କର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆନ୍ଧ୍ରପ୍ରଦେଶର ଶ୍ରିକାକୁଲମ ଜିଲ୍ଲାର କାଶୀବୁଗାରେ ଅଣପଞ୍ଜିକୃତ ଏବଂ ଘରୋଇ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଏକାଦଶୀ ତିଥି ଅବସରରେ ଭକ୍ତଙ୍କ ପ୍ରବଳ ଭିଡ ସୃଷ୍ଟି ହେବା ଆଶଙ୍କା କରାଯାଉଥିବାବେଳେ ଦଳାଚକଟାରେ ୧୨ଜଣ ଶ୍ରଦ୍ଧାଳୁଙ୍କ ଦୁଃଖଦ ମୃତ୍ୟୁ ଘଟିବା ସହ ୩୦ଜଣ ଆହତ ହେବା ଘଟଣାରେ ବିସ୍ମିତ ହେବାର ନାହିଁ କି ଆମେ ଏଭଳି ଅଘଟଣାରୁ କିଛି କିଛି ଶିକ୍ଷା କରି ପାରିନାହୁଁ ବୋଲି କୁହାଯାଇପାରିବ। ମିନି ତିରୁପତି ମନ୍ଦିର ଭାବେ ପରିଚିତ ଏହି ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଥିବା ଯୋଗୁଁ ଏଭଳି ଦୁଃଖଦ ଘଟଣା ଘଟିଥିବା କୁହାଯାଏ। କହିବା ବାହୁଲ୍ୟ ଯେ, ୨୦୨୪ରେ ଉତ୍ତରପ୍ରଦେଶର ହାଥରସରେ ଏକ ଧାର୍ମିକ ସଭାରେ ସମାନ ପ୍ରବେଶ ଓ ପ୍ରସ୍ଥାନ ପଥରେ ଅନୁରୂପ ଭାବେ ଦଳାଚକଟାରେ ୧୧୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୧ରେ ସବରିମାଳା ମନ୍ଦିରରେ ସଂକୀର୍ଣ୍ଣ ପ୍ରବେଶ ଓ ପ୍ରସ୍ଥାନ ପଥରେ ଅନୁରୂପ ଭାବେ ଦଳାଚକଟାରେ ୧୧୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୧ରେ ସାବରିମାଳା ମନ୍ଦିରରେ ସଂକୀର୍ଣ୍ଣ ପ୍ରବେଶ ଓ ପ୍ରସ୍ଥାନ ପଥ ଯୋଗୁଁ ଦଳାଚକଟାରେ ୧୦୪ଜଣଙ୍କ ଜୀବନ ଯାଇଥିଲା। ସଂକୀର୍ଣ୍ଣ ପ୍ରବେଶ ଓ ପ୍ରସ୍ଥାନ ପଥ ଏବଂ ଆଶା ଠାରୁ ୩ଗୁଣ ଅଧିକ ଲୋକଙ୍କ ଭିଡ ଯୋଗୁଁ ଦଳାଚକଟାରେ ଏଭଳି ଦୁଃଖ ଦାୟକ ଘଟଣା ଘଟିଥିଲା। ସେହିପରି ଚଳିତ ବର୍ଷ ତଥା ସେପ୍ଟେମ୍ବରର ମାସରେ ତାମିଲନାଡୁର କରୁର୍‌ରେ ଏକ ରାଜନୈତିକ ଦଳର ସମାବେଶରେ ୪୦ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅଗଷ୍ଟରେ ମଧ୍ୟପ୍ରଦେଶରେ ୪ଜଣ, ୟୁପିରେ ୨, ଉତ୍ତରାଖଣ୍ଡରେ ୬ଜଣ, ଜୁଲାଇରେ ଓଡିଶାର ପୁରୀ ରଥଯାତ୍ରାରେ ୩ଜଣ, କର୍ଣ୍ଣାଟକରେ ଷ୍ଟାଡିୟମରେ ୧୧ଜଣ ଦଳାଚକଟାରେ ମୃତ୍ୟୁ ଘଟିଥିଲା। ବହୁଚର୍ଚ୍ଚିତ ପ୍ରୟାଗରାଜ କୁମ୍ଭମେଳାରେ ଅନୁରୂପ ଘଟଣାରେ ୩୦ଜଣ, ଦିଲ୍ଲୀ ରେଳ ଷ୍ଟେସନରେ ୧୮ଜଣ ଯାତ୍ରୀଙ୍କର ଗଲା ଜାନୁୟାରୀ ମାସରେ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷର ୧୦ମାସ ମଧ୍ୟରେ ଦଳାଚକଟାରେ ଆମ ଦେଶରେ ଶତାଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଆମେ ଏଥିରୁ କିଛି ଶିକ୍ଷା କରିପାରୁନାହିଁ। ଅତୀତରେ ୨୦୦୫ ଜାନୁୟାରୀ ମାସରେ ମହାରାଷ୍ଟ୍ରର ମନ୍ଧାରଦେବୀ ମନ୍ଦିରରେ ଦଳାଚକଟାରେ ୩୪୦ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଯେଉଁ ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଉଲ୍ଲେଖଯୋଗ୍ୟ ଯେ ସାଧାରଣତଃ ଆମ ଦେଶରେ ମନ୍ଦିର, ଧାର୍ମିକ ସମାବେଶ, ରାଜନୈତିକ ସମାବେଶ, ଖେଳ ପଡିଆରେ ରେଳଷ୍ଟେସନ ଆଦି ସ୍ଥାନରେ ଦଳାଚକଟା ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଥିବା ମନେହୁଏ। ଏଥିମଧ୍ୟରୁ ୮୦ପ୍ରତିଶତ ଘଟଣା ଧାର୍ମିକ ସଭା ଏବଂ ମନ୍ଦିରରେ ଘଟିଥିବା ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଏ। ଯେଉଁଠାରେ କି ସମାବେଶ ନେଇ ଯେତିକି ଆକଳନ କରାଯାଇଥାଏ ତା'ଠାରୁ ୩ଗୁଣା ଅଧିକ ଲୋକଙ୍କ ଭିଡ ହୋଇଥାଏ। କାରଣ ଆମ ଦେଶରେ ସର୍ବସାଧାରଣ ସ୍ଥାନ ହେଉଛି ଉଚ୍ଚାଭିଳାଷ, ନୈରାଶ୍ୟ, ଉତ୍ସାହ ଏବଂ ଭକ୍ତିର ମିଶ୍ରଣ। କିନ୍ତୁ ସେଠାରେ ଆୟୋଜକମାନେ ଲୋକଙ୍କର ନିରାପତ୍ତା ପାଇଁ କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିନଥାନ୍ତି କି କର୍ତ୍ତୃପକ୍ଷଙ୍କୁ ଅବଗତ କରିନଥାନ୍ତି। ଶେଷରେ ଆଶା, ଉତ୍ସାହ, ନୈରାଶ୍ୟ ଓ ଭକ୍ତି ନେଇ ଆସିଥିବା ଶ୍ରଦ୍ଧାଳୁଙ୍କ ଜୀବନ ଯିବା ସାର ହୋଇଥାଏ। ଭିଡ ପରିଚାଳନା ପାଇଁ ୨୦୧୪ ଜାତୀୟ ବିପର୍ଯ୍ୟୟ ପରିଚାଳନା ଗାଇଡଲାଇନ ଏବଂ ଜାତୀୟ ବିଲ୍ଡିଂ କୋର୍ଡ (ଏନବିସି) ରହିଛି। ମାତ୍ର ଭିଡ ନିୟନ୍ତ୍ରଣ ନେଇ ଗାଇଡଲାଇନ ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ବ୍ୟବଧାନ ଯୋଗୁଁ ଦଳାଚକଟା ଘଟଣା ଘଟିବା ସାର ହେଉଛି। କାଶିବୁଗା ମନ୍ଦିରରେ ଭକ୍ତିଙ୍କ ସମାବେଶ ନେଇ ମନ୍ଦିର କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଶାସନ ତଥା ସ୍ଥାନୀୟ ପୋଲିସକୁ ଅବଗତ କରାଯାଇନଥିବା ଏବଂ ପୋଲିସ ପ୍ରଶାସନ ଭକ୍ତଙ୍କ ସମାବେଶ ନେଇ କିଛି ଜାଣି ନଥିବା କହିଛି, ପ୍ରଶ୍ନ ଉଠୁଛି ଯେଉଁଠି ହଜାର ହଜାର ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଛୁଟି ଆସୁଛନ୍ତି ଏବଂ ପବିତ୍ର କାର୍ତ୍ତିକମାସର ପଂଚୁକର ପ୍ରଥମ ଦିବସ ତଥା ଏକାଦଶୀରେ ଭଗବାନଙ୍କ ଦର୍ଶନ କଲେ ଅଶେଷ ପୂଣ୍ୟ ମିଳେ, ସେଠାରେ ପୋଲିସ କିଛି ଜାଣି ପାରିଲା ନାହିଁ। ଏହା ସତ୍ୟ ଯେ, ଆମ ଦେଶରେ ଦଳାଚକଟା ମୃତ୍ୟୁ ଘଟଣାରେ ସରକାର, ନେତା, ମନ୍ତ୍ରୀ, ଅଫିସର, ଆୟୋଜକ ଶୋକ ପ୍ରକାଶ କରିବା, ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ଏକ ପରମ୍ପରାରେ ପରିଣତ ହୋଇଗଲାଣି ବୋଲି କହିଲେ ଭୁଲ ହୋଇନପାରେ। ମାତ୍ର ପରବର୍ତ୍ତୀ ସମୟରେ ଭିଡ ନିୟନ୍ତ୍ରଣ, ପରିଚାଳନାରେ କୋହଳତା ପ୍ରଦର୍ଶନ କରିଥାନ୍ତି, ଯାହାକି ଶେଷରେ ଟ୍ରାଜେଡିର ରୂପ ନେଇଥାଏ। ଘଟଣାର ତଦନ୍ତ ପାଇଁ କମିଶନ ଗଠନ ହୁଏ। ତଦନ୍ତ କମିଶନ ଘଟଣା ପାଇଁ ଦୋଷୀଙ୍କୁ ଲୋକ ଲୋଚନକୁ ଆଣିବା ସହ ଭବିଷ୍ୟତରେ ଏଭଳି ଅଘଟଣାର ପୁନରାବୃତ୍ତି ଯେପରି ନହୁଏ, ସୁପାରିଶ କରିଥାନ୍ତି ମାତ୍ର ରିପୋର୍ଟକୁ ସାର୍ବଜନୀନ କରାଯାଇନଥାଏ କି ଦୋଷୀକୁ ଦଣ୍ଡ ମିଳେ ନାହିଁ କିମ୍ବା ସୁପାରିଶକୁ କାର୍ଯ୍ୟକାରୀ କରାଯାଏ ନାହିଁ। ଯାହାର ପରିଣତି ସ୍ୱରୂପ ଦେଶରେ ବାରମ୍ବାର ଦଳାଚକଟା ଜନିତ ଦୁଃଖଦ ଘଟଣା ଘଟିବା ସାର ହେଉଛି। ପଂଚୁକ ଅବସରରେ ଆମ ରାଜ୍ୟରେ ଶ୍ରୀମନ୍ଦିର ସମେତ ବିଭିନ୍ନ ଦେବାଳୟରେ ଅସମ୍ଭାଳ ଭିଡ ଲାଗି ରହିଛି। ଶ୍ରୀଜଗନ୍ନାଥ ମନ୍ଦିରରେ ଠେଲାପେଲା, ଘଟଣା ଘଟୁଥିବା ରିପୋର୍ଟ ପ୍ରକାଶ ପାଇଛି। ଏଥିପ୍ରତି ପୋଲିସ, ପ୍ରଶାସନ ଏବଂ ସର୍ବୋପରି ରାଜ୍ୟ ସରକାର ସତର୍କ ରହିବା ଜରୁରୀ। ଶ୍ରଦ୍ଧାଳୁଙ୍କ ସୁରକ୍ଷାରେ ତ୍ରୁଟି ଅକ୍ଷମଣୀୟ ଏହା ମନେ ରଖିବାକୁ ହେବ।

# ବାଲିଯାତ୍ରା ନାମକରଣର ଯଥାର୍ଥତା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କାର୍ତ୍ତିକ ପୁନେଇଁ, ଚଳଚଞ୍ଚଳ ଓଡ଼ିଶା ଜନଜୀବନ। ସର୍ବତ୍ର ସାଂସ୍କୃତିକ ମହୋତ୍ସବ। ଚହଲା ପରିବେଶ। ନଈ, ନାଳ, ପୋଖରୀ, ସମୁଦ୍ରରେ ଶହ ଶହ ଡଙ୍ଗୀ। ଭସେଇ ଦେଇଛି ଓଡ଼ିଆଣୀ। ଡଙ୍ଗୀ ଉପରେ ପାନ, ଗୁଆ। ଗାଉଛି 'ଆ-କା-ମା-ବଇ, ପାନ ଗୁଆ ଥୋଇ'। ହରିବୋଲ ହୁଳହୁଳି। ଉଚ୍ଛୁଳି ପଡୁଛି ନଦୀପଠା, ଦରିଆକୂଳ। ତା' ପରେ ବୋଇତ ବନ୍ଦାଣ। ସାଧବ ବେଶରେ ସାତଜଣ, ମୁଣ୍ଡରେ ପଗଡ଼ି, ଟିପିଟିପି ଚନ୍ଦନ, ମା' ମଙ୍ଗଳାଙ୍କ ସିନ୍ଦୂର ଟୋପା, ସାତ ସାଧବାଣୀଙ୍କ ବନ୍ଦାପନା। ସୁସଜ୍ଜିତ ନାଆ, ଠିକ୍ ଅଝାଲଟଣା ବୋଇତ ପରି। ସାଧବମାନଙ୍କର ନୌଯାତ୍ରା, ସ୍ୱଳ୍ପ ସମୟ ପାଇଁ। ମନେ ପଡ଼ିଯାଏ ଅତୀତର ଗୌରବାବହ ଇତିହାସ। ଦୁର୍ଦ୍ଧର୍ଷ ସାଧବ ପୁଅର ଦରିଆପାରି ବେପାର ବଣିଜ କଥା। ସେଇ ଅତୀତ ସ୍ମୃତିକୁ ନେଇ ବାଲିଯାତ୍ରା। କଟକର ଗଡ଼ଗଡ଼ିଆ ଘାଟ, ବିସ୍ତୀର୍ଣ୍ଣ କିଲା ପଡ଼ିଆ। ବିଶାଳ ମହାନଦୀ ଶଯ୍ୟା। ବସିଛି ବିରାଟ ବିପଣୀ। ଛୁଞ୍ଚି ଠାରୁ ମୁକୁତା। ସବୁ ସେଇଠି। ଚାଲେ କିଣାବିକା। ସାତଦିନ ଅବା ନଅ ଦିନ ଯାତ୍ରା ଅବଧି। ଝିଅବିଦା ସଜ, ସିଙ୍ଗିପାନିଆ, ସମୁଦୁଣୀ ପାଇଁ ସମ୍ବଲପୁରୀ ମଠା, ଖଟ-ମାଠ, ପଲଙ୍କ, ହାତ ତିଆରି ନାନାଦି ଦ୍ରବ୍ୟ, କୁଲା, ବାଇଁଶିଆ, ଛାଞ୍ଚୁଣୀ ଯାଏ। ସବୁ ମିଳେ। ସଭିଙ୍କ ପ୍ରତୀକ୍ଷା 'ବାଲିଯାତ୍ରା'କୁ। ଢେର୍ କିଣାବିକା। ସନ୍ଧ୍ୟାରେ ନାନାଦି ସାଂସ୍କୃତିକ କାର୍ଯ୍ୟକ୍ରମ। ସାହିତ୍ୟ ଚର୍ଚ୍ଚା, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ଘୋଡ଼ା ନାଚ, ଚଇତାଳି ଠାରୁ ଆରମ୍ଭ କରି ଚଢ଼େୟା ଚଢ଼େୟାଣୀଙ୍କ ରସରସିଆ ଗୀତ। ଦର୍ଶକଙ୍କ ମନ ଜିଣେ। ଚିତ୍ତ ଚହଲିଯାଏ। ମନେପଡ଼ନ୍ତି କଳିଙ୍ଗ ସାଧବପୁଅ, ସେମାନଙ୍କର କୀର୍ତ୍ତି କୃତି। ସଞ୍ଚାର କରେ ଅଭୂତପୂର୍ବ ବୀରତ୍ୱ ଆଉ ଦୁଃସାହସ। ଆଜି ନାହାନ୍ତି ସେଇ ସାଧବ ପୁଅ। ନାହିଁ ଦରିଆକୂଳ ସବୁଦିନର ବଣିଜପେଣ୍ଠ। ହଜି ଯାଇଛି ଅଝାଲଟଣା ବୋଇତ। ରହିଛି ସ୍ମୃତି। ସେଇ ସାଉଁଣ୍ଟା ସ୍ମୃତିର ଇତିକଥା ବାଲିଯାତ୍ରା, ବୋଇତ ବନ୍ଦାଣ ଉତ୍ସବ। ସତରେ! କର୍ପୂର ଯାଇଛି, କନା ବି। ରହିଛି ଖାଲି ସ୍ମୃତିରୁ ଖିଏ।

ବାଲିଯାତ୍ରା କହିଲେ କଟକ ବାଲିଯାତ୍ରା। ଗଡ଼ଗଡ଼ିଆ ଘାଟର ବାଣିଜ୍ୟ ମେଳା, ବେଶ୍ ଐତିହ୍ୟ ସମ୍ପନ୍ନ। ବହୁ ପୁରାତନ ମଧ୍ୟ। ସମ୍ପ୍ରତି ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ, ବାଲିଯାତ୍ରା ଉତ୍ସବ। ତନ୍ମଧ୍ୟରେ ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା, ଚାନ୍ଦବାଲି ଧାମରା ବୋଇତ ବନ୍ଦାଣ। ଏସବୁ ବେଶ୍ ଆଖିଦୃଶିଆ। ଏତଦ୍‌ଭିନ୍ନ ଓଡ଼ିଶାର ବହୁ ନଦୀପଠା, ସମୁଦ୍ର ବେଳାଭୂମି। ସମସ୍ତ ଉତ୍ସବ ମୁଖର। ବାଲିଯାତ୍ରାର ଆରମ୍ଭ କାର୍ତ୍ତିକ ପୁନେଇଁରୁ। ବିସ୍ମୃତି ମୁହାଁ ନୌବାଣିଜ୍ୟ କଥା। ସେଇ ସ୍ମୃତି ସଜାଗ ହୁଏ। ଉତ୍ତର ପିଢ଼ିକୁ ପ୍ରେରଣା ଯୋଗାଏ। ଓଡ଼ିଶାର ସାଂସ୍କୃତିକ ଜୀବନ ହୁଏ ଉତ୍ସବ ମୁଖର। ବାଲିଯାତ୍ରା ଓଡ଼ିଶା ସାଂସ୍କୃତିକ ଜୀବନର ଅନନ୍ୟ ରସଚର୍ଯ୍ୟା। ଏକଥାଟି କହିବାରେ ଦ୍ୱିଧା ନାହିଁ।

ଏବେ ବାଲିଯାତ୍ରାର ନାମକରଣ ପ୍ରସଙ୍ଗ। କଥାଟିରେ ବିଭିନ୍ନ ମତ। ନଈ, ସମୁଦ୍ର ବାଲିରେ ଯାତ୍ରା, ଏଣୁ ବାଲିଯାତ୍ରା। ସୁଦୂର ବାଲି ଦ୍ୱୀପ ସହିତ ଅତୀତ ନୌବାଣିଜ୍ୟ ସମ୍ପର୍କ। ଏଣୁ ଫିସନ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ବା ବାଲିଯାତ୍ରା। ଏଥିରେ ଗୂଢ଼ ତଥ୍ୟ ବା ଐତିହାସିକ ଗୁରୁତ୍ୱ ପ୍ରାୟତଃ ନାହିଁ - ଏକଥାଟି କୁହାଯାଇପାରେ। ବାଲିଯାତ୍ରା ନାମକରଣ ସମ୍ପର୍କରେ ଆଉ ଦୁଇଟି ସୁଚିନ୍ତିତ ତଥ୍ୟ। ଏହାର ଅବତାରଣା ଅପରିହାର୍ଯ୍ୟ। ଓଡ଼ିଶାର ନୌବାଣିଜ୍ୟ ଦୁଇ ସହସ୍ର ବର୍ଷରୁ ଊର୍ଦ୍ଧ୍ୱ। ସିଂହଳ, ବ୍ରହ୍ମଦେଶ, ଶ୍ୟାମ, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲିଦ୍ୱୀପ, ମାଳୟ, ମାଳଦ୍ୱୀପ; ଏପରିକି ସୁଦୂର ରୋମ୍ ଯାଏ ପରିବ୍ୟାପ୍ତ। ମନରେ ସ୍ୱତଃ ପ୍ରଶ୍ନଟିଏ। ଓଡ଼ିଶା ସହ ବାଲିଯାତ୍ରାର କ'ଣ ସମ୍ବନ୍ଧ? ଦୀର୍ଘ ବର୍ଷ ଧରି ଓଡ଼ିଶାର ବାଲିଦ୍ୱୀପ ସହ ବାଣିଜ୍ୟ ସମ୍ପର୍କ। କଥାଟି ଅତୀତର। ଏହାର ସତ୍ୟତା ମଧ୍ୟ ସ୍ୱୀକାର୍ଯ୍ୟ। ବାଲିଦ୍ୱୀପ ସହ ସମ୍ପର୍କ, ଏହାକୁ ଭିତ୍ତିକରି ବାଲିଯାତ୍ରା। ଏହାକୁ ସମ୍ମାନ ଦେଇ ସରକାରଙ୍କ ଏ ଭବ୍ୟ ଉତ୍ସବର ଆୟୋଜନ। ବହୁ ବୁଦ୍ଧିଜୀବୀଙ୍କ ଦ୍ୱାରା ଏକଥା ସ୍ୱୀକୃତ। ଐତିହାସିକ ମାନଙ୍କର ଏହା ଉପରେ ଗୁରୁତ୍ୱ ନାହିଁ। ସାହିତ୍ୟିକମାନଙ୍କ ପାଇଁ ଏ କଥାଟି ବେଦର ଗାର। କୋରାପୁଟର 'ବାଲିମେଳା'। ଏହି ନାଁକୁ ବିଶ୍ଳେଷଣ କରାଯାଏ। ବାଲିଦ୍ୱୀପାଗତ ବଣିକ, ସ୍ୱଦେଶୀ ଅବା ବିଦେଶୀ। ସେମାନଙ୍କ ଦ୍ୱାରା ଏଠାରେ ମେଳା କରାଯାଇଥିଲା। ଉଦ୍ଦେଶ୍ୟ ବାଣିଜ୍ୟ କାରବାର। ସ୍ଥାନଟିରେ ଏହିସବୁ ସଂକେତ ଏବେବି ପରିଲକ୍ଷିତ। ବାଲି ସହ ସମ୍ପର୍କରେ ଅନ୍ୟ କେତେକ ସ୍ଥାନ। ଯେମିତି - ଚାନ୍ଦବାଲି, ବାଲିଆ, ବାଲିପୋଖରୀ, ବାଲିପାଟଣା, ବାଲିଅନ୍ତା, ବାଲିଆପାଳ, ବାଲିଚନ୍ଦ୍ରପୁର, ବାଲିମେଳା, ଟୀକାବାଲି ଆଦି ନାମଗୁଡ଼ିକ ସଂଶ୍ଳିଷ୍ଟ। ପବିତ୍ର କାର୍ତ୍ତିକ ପୁନେଇଁରେ, କଳିଙ୍ଗ ସାଧବମାନଙ୍କର ନୌଯାତ୍ରା। ଏଥିପାଇଁ କଟକ ମହାନଦୀ ପଠାରେ ବାଲିଯାତ୍ରା। ଏକଥାଟିକୁ ପ୍ରାୟତଃ ଗ୍ରହଣ କରାଯାଇଛି। ଏହାରି ଉପରେ ଅଧିକ ବିଚାର ବିମର୍ଷ ଲୋଡ଼ା।

ବାଲିଯାତ୍ରା ସମ୍ବନ୍ଧୀୟ ସୁଚିନ୍ତିତ ଐତିହାସିକ ତଥ୍ୟଟିଏ। ବିଶିଷ୍ଟ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହାର ପ୍ରବକ୍ତା। ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲିଦ୍ୱୀପ। ସଂସ୍କୃତ ସାହିତ୍ୟରେ ଏହାର ନାମ ଯଥାକ୍ରମେ ଯବ ଦ୍ୱୀପ, ବରୁଣ ଦ୍ୱୀପ, ସୁବର୍ଣ୍ଣ ଦ୍ୱୀପ, ବଳୀ ଦ୍ୱୀପ। ଇଂରେଜ ଶାସନ ଆରମ୍ଭ ହେଲା। ତାଙ୍କ ପ୍ରଦତ୍ତ ତଥ୍ୟର ଏହା ମୋଟାମୋଟି ପ୍ରସଙ୍ଗ। ଆପଣା ଢଙ୍ଗରେ ଏସବୁକୁ ସେମାନେ ଉଚ୍ଚାରଣ କଲେ। ଯଥା- ଯବ-ଜାଭା, ବଳୀ-ବାଲି ଇତ୍ୟାଦି। ଭାରତୀୟମାନେ ସେମାନଙ୍କୁ ଅନୁସରଣ କଲେ। ଆଉ ଏକ ବିଶେଷ ପ୍ରସଙ୍ଗ। ଭାରତୀୟ ବଣିକମାନେ। ଏମାନଙ୍କର ପ୍ରଥମ ପ୍ରବେଶ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପରେ। ପରେ ବାଲି ଦ୍ୱୀପକୁ ଜଳଯାତ୍ରା। ବାଲି ଏକ କ୍ଷୁଦ୍ର ଦ୍ୱୀପ। ଏହା ସହ ବାଣିଜ୍ୟ କାରବାର ଢେର୍ ବିଳମ୍ବରେ। ତାହା ବି ଆଖିଦୃଶିଆ ନୁହେଁ। ଗଡ଼ଗଡ଼ିଆ ଘାଟରେ ବାଲିଯାତ୍ରା, ତାହା ବହୁ ପ୍ରାଚୀନ। ଯଦି ତାହା ବାଲିଦ୍ୱୀପ ସହ ସଂଶ୍ଳିଷ୍ଟ। ତେବେ ଯାତ୍ରାର ନାଁ ହୋଇଥାଆନ୍ତା 'ବଳୀଯାତ୍ରା', ବାଲିଯାତ୍ରା ନୁହେଁ। ସ୍ଥାନମାନଙ୍କର ନାମାନୁସାରେ ବିଭିନ୍ନ ଯାତ୍ରା, ଯଥା- ବଣଯାତ୍ରା, ତୋଟାଯାତ୍ରା, ମେଳା ଯାତ୍ରା, ନଦୀଯାତ୍ରା - ଇତ୍ୟାଦି। ଏ ପରିପ୍ରେକ୍ଷୀରେ ବାଲିଯାତ୍ରା ନାମକରଣର ସତ୍ୟାସତ୍ୟ ଅଧିକ ଗବେଷଣା ସାପେକ୍ଷ। ଏ କଥାଟି କହିବାରେ ଦ୍ୱିଧା ନାହିଁ। ଅତୀତ ନୌବାଣିଜ୍ୟର ଚହଟା ସଂସ୍କୃତି 'ବାଲିଯାତ୍ରା', ଢେର୍ ପ୍ରାଚୀନ; ମାତ୍ର ଇତିହାସରେ ଏହାର ସଠିକ୍ ରୂପରେଖ ମଳିନ। ପରିବ୍ରାଜକ, ଭୂଗୋଳବିତ୍, ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ବିଭିନ୍ନ ଲୋକକଥା, ଓଷାବାର ବ୍ରତ - ତନ୍ମଧ୍ୟରେ ବହୁ ବଳିଷ୍ଠ ତଥ୍ୟ ନିହିତ। ଏ ସବୁର ସଠିକ୍ ପର୍ଯ୍ୟାଲୋଚନା ଲୋଡ଼ା।

ସପ୍ତଦଶ ଶତାବ୍ଦୀ ନୌବାଣିଜ୍ୟର ସୁବର୍ଣ୍ଣ ଯୁଗ। ୟୁରୋପୀୟ ବଣିକମାନଙ୍କର ଓଡ଼ିଶୀ ଦ୍ରବ୍ୟ ପ୍ରତି ସ୍ୱତନ୍ତ୍ର ଆକର୍ଷଣ। ଏଥି ମଧ୍ୟରେ ଥାନ, ଝିନ, ଟସର ବସ୍ତ୍ର ଉଲ୍ଲେଖଯୋଗ୍ୟ। "ଏକ ସମୟରେ ୟୁରୋପୀୟ ଅପ୍‌ସରାମାନେ ଆପଣା ଆପଣା ସୌନ୍ଦର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନାର୍ଥେ ସୂକ୍ଷ୍ମ ବସ୍ତ୍ର ସକାଶେ ବାଲେଶ୍ୱରକୁ ଚାହିଁ ରହିଥିଲେ"। ଏହା ଉତ୍କଳ ବୟନଶିଳ୍ପର ଉତ୍କର୍ଷ ପ୍ରମାଣ କରେ।

ବାଲେଶ୍ୱର ଉତ୍କଳୀୟ ନୌବାଣିଜ୍ୟର ଏକ ବଳିଷ୍ଠ ପେଣ୍ଠ ଥିଲା। କାଳକ୍ରମେ ଲୋକ ମୁଖରେ ବାଲେଶ୍ୱର 'ବନ୍ଦର ବାଲେଶ୍ୱର' ନାମରେ ପରିଚିତ। ଓଡ଼ିଶାରୁ ଖାଦ୍ୟଦ୍ରବ୍ୟ ରପ୍ତାନୀ। ଏ କ୍ଷେତ୍ରରେ ଗଞ୍ଜାମର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। ଛୋଟ ଛୋଟ ଜାହାଜରେ ଚାଉଳ ରପ୍ତାନୀ ହେଉଥିଲା। ଓଡ଼ିଶା ବସ୍ତ୍ରର ଜାପାନ, ଆମେରିକାରେ ଢେର୍ ଚାହିଦା। ବୁଣାକାରମାନେ ଅଧିକ ଉତ୍ସାହିତ। ସେମାନଙ୍କର ଆର୍ଥିକ ଅବସ୍ଥା ସୁଦୃଢ଼ ହେଲା। କପଡ଼ା ବ୍ୟବସାୟର ଆଶାତୀତ ବୃଦ୍ଧି। ତାହା ଓଡ଼ିଶା ନୌବାଣିଜ୍ୟକୁ ଶୀର୍ଷରେ ପହଞ୍ଚାଇଲା। ମାତ୍ର ସୌଭାଗ୍ୟର ଦିନ ସରି ଆସିଲା। ସପ୍ତଦଶ ଶତାବ୍ଦୀର ଅଶୀ/ନବେ ଦଶକ। ଓଡ଼ିଶାର ନୌବାଣିଜ୍ୟ ପତନାଭିମୁଖୀ। ସିଂହଳ, ପୂର୍ବ ଏସୀୟ ଦେଶ ସହ କାରବାର ବନ୍ଦ। ବିଦେଶୀୟ କମ୍ପାନୀଙ୍କ ନିରୁତ୍ସାହ। ପୁଞ୍ଜିନିବେଶ ସମ୍ପୂର୍ଣ୍ଣ ଠପ୍। ଅଷ୍ଟାଦଶ ଶତାବ୍ଦୀର କେବଳ ମାନ୍ଦ୍ରାଜ, ମାଳଦ୍ୱୀପ ସହ ବେପାର। ତେଣେ କଲିକତା ବନ୍ଦରର ଉତ୍‌ଥାନ। ବାଲେଶ୍ୱର ବନ୍ଦରର ଗୁରୁତ୍ୱ ହ୍ରାସ। ଆରମ୍ଭ ହେଲା ଓଡ଼ିଶା ନୌବାଣିଜ୍ୟର କରୁଣ ଇତିହାସ।

ଊନବିଂଶ ଶତାବ୍ଦୀରେ ପୁନଃ ଆଶା ସଞ୍ଚାରିତ। ଏହି ଶତାବ୍ଦୀର ମୁଖ୍ୟ ରପ୍ତାନୀ ଦ୍ରବ୍ୟ ଲୁଣ। ଏଥି ସହିତ ବାଲେଶ୍ୱରୀ ଚାଉଳର ରପ୍ତାନୀ କାରବାର ମାନ୍ଦ୍ରାଜ, କଲମ୍ବୋ, ମାଳଦ୍ୱୀପ, ଲାକ୍ଷାଦ୍ୱୀପ ସହ। ଏ ସୁଯୋଗ ବି ସ୍ୱଳ୍ପ ସମୟର। ୧୮୬୨ ମସିହା। ଲିଭରପୋଲ ଲୁଣ, ପ୍ରଚଳନ ପାଇଁ ଇଂରେଜଙ୍କର ଦୃଢ଼ ପ୍ରୟାସ। ବାଲେଶ୍ୱରୀ ପଙ୍ଗାଲୁଣ ଶିଳ୍ପ ଉପରେ କୁଠାରାଘାତ। କ୍ରମେ ଚାଲିଲା ଷ୍ଟିମର, ରେଳଗାଡ଼ି। ଏ କ୍ଷେତ୍ରରେ ପାଲଟଣା ବୋଇତ ଅଲୋଡ଼ା। ବାଲେଶ୍ୱର ବନ୍ଦରର ପତନ। ଓଡ଼ିଶା ନୌବାଣିଜ୍ୟ ପାଲଟିଲା ଇତିହାସ, ସମୟ କ୍ରମେ ଇତିହାସର ଇତିହାସ।

କ୍ଷୀରାବ୍ଧି ତନୟା ରମା। ଲକ୍ଷ୍ମୀଙ୍କ ବାସ ମହୋଦଧି ତଟରେ। ଜାହାଜାତି କାରବାର, ଲବଣ ପ୍ରୋଜ୍ଜ୍ୱଳ ସମ୍ପୂର୍ଣ୍ଣ ବିଲୁପ୍ତ। ଏବେ ବନ୍ଦର ବାଲେଶ୍ୱର ଲକ୍ଷ୍ମୀଛଡ଼ା। ବାଲେଶ୍ୱରୀ ବସ୍ତ୍ରର ରପ୍ତାନୀ ହ୍ରାସ। ବିଲାତି ବସ୍ତ୍ରର ଚାହିଦା। ପାଶ୍ଚାତ୍ୟ ରୁଚି ଆର୍ଦ୍ର ଓଡ଼ିଆଏ। ନିଜ ସଂସ୍କୃତିକୁ ଭୁଲିଲେ। ଅନେକ ବିଦେଶୀ ଚାଲିଚଳଣି ମୁହାଁ। ଏଣେ ଷ୍ଟିମର, ରେଳର ବହୁଳ ଚଳାଚଳ। ସଡ଼କରେ ମାଲବୁହା କାର୍ଯ୍ୟ। ନଦୀର ମୁହାଣ ଗୁଡ଼ିକ ପୋତା ପଡ଼ିଲା। ପୁନଶ୍ଚ ସାଧବପୁଅର ଜଳଯାତ୍ରା ମାତ୍ର କେଇମାସ ପାଇଁ। କାର୍ତ୍ତିକରୁ ଆରମ୍ଭ, ବଇଶାଖରୁ ଆଷାଢ଼ରେ ଘରବାହୁଡ଼ା ପର୍ବ। ଅନୁକୂଳ ବାୟୁ ପ୍ରବାହ, ଏହାରି ଉପରେ ଅଝାଲଟଣା ବୋଇତ ଚଳାଚଳ ପୂର୍ଣ୍ଣ ନିର୍ଭରଶୀଳ। ପୁନଶ୍ଚ ପର୍ତ୍ତୁଗୀଜ, ଡଚ୍, ଦିନାମାର, ଫରାସୀ ବଣିକମାନଙ୍କର ପରସ୍ପରରେ ପ୍ରତିଦ୍ୱନ୍ଦ୍ୱିତା। ଇଂରେଜ ବଣିକମାନଙ୍କର ସ୍ପର୍ଦ୍ଧା, ତତ୍ ସହିତ ବର୍ଷସାରା ଚାଲୁଥିବା ଷ୍ଟିମର। ବଳି ପଡ଼ିଲେ ଅନ୍ୟ ୟୁରୋପୀୟ ବଣିକମାନେ। ଏଥିସହ ହଜିଗଲା ଅଝାଲ ଟଣା କଳିଙ୍ଗର ବୋଇତ ସବୁ।

ଅତୀତ ସ୍ମୃତି, କାର୍ତ୍ତିକ ପୁନେଇଁରେ ପୁନଃ ଜାଗରିତ। ଓଡ଼ିଆଣୀ ଭସାଇଦିଏ ସ୍ମୃତିର ବୋଇତ। ମହାନଦୀର ନୀଳବେଣୀ, ସମୁଦ୍ରର ଉତ୍ତାଳ ଲହରୀମାଳା। ଭାସି ଭାସି ଯାଏ କେଉଁ ବିସ୍ମୃତି ରାଇଜକୁ। ପୁନଶ୍ଚ ଅପେକ୍ଷା ଆରସନକୁ। ସେଇ ଗୌରବାବହ ଅତୀତର ମୂକ ସାକ୍ଷୀ ବାଲିଯାତ୍ରା ମହୋତ୍ସବ। ନାଚେ ସାଗର, ହସେ ଦାମିନୀ। ଜୋଛନା ଧଉଳା ବେଳାଭୂମି। ସାଧବାଣୀର ପ୍ରତୀକ୍ଷା, ତା'ର ଅସମାହିତ ପ୍ରଶ୍ନବାଚୀ - "ବିଜନ ବେଳା, ବିଜନ ବେଳା କହୁ ନାହୁଁ କାହିଁ ବୋଇତ ଗଲା। ବୋଇତ ଗଲା?" ଅଧୁନା ଗୋଟାଏ ମହାନ୍ ଜାତିର ନୌବାଣିଜ୍ୟ-ଅସ୍ମିତାର ବିଲୟ। ଏ କଥା ଦେଖି କିଏ ବା ଧୈର୍ଯ୍ୟ ଧରିବ?

# ବଜାରବାଦର ସମ୍ବେଦନଶୀଳତା



କିଶୋର ଚନ୍ଦ୍ର ଜେନା
'ଉପାସନା',
ଜଗନ୍ନାଥ ନଗର, ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ଆଜିର ଏହି ବଜାରବାଦ ଦୁନିଆରେ ଧନ ଆଜି ମାନବର ମନକୁ ଦହନ କରିବାରେ ଲାଗିଛି ଏବଂ ସମ୍ବେଦନଶୀଳତା ଅବକ୍ଷୟ ହେବାରେ ଲାଗିଛି। ବଜାରବାଦରେ ଧନର ପ୍ରଭାବରେ ମାନବତା ଆଜି ନିଷ୍ପ୍ରଭ ପ୍ରାୟ। ମାନବର ଶ୍ୱାସ ପ୍ରଶ୍ୱାସ, ପ୍ରତ୍ୟେକ କାର୍ଯ୍ୟ ଏବଂ ଏପରିକି ସ୍ୱପ୍ନ ମଧ୍ୟ ଲାଭ କ୍ଷତିର ତରାଜୁରେ ମପା ଯାଉଛି। ସମ୍ବେଦନା, କରୁଣା, ଦୟା, କ୍ଷମା ଏବଂ ବିଶେଷ ଭାବରେ ସୃଜନଶୀଳତାର ମଧୁର ଛନ୍ଦ ଓ ଭାବ ଆଜି ମରୁଭୂମିର ମୃଗତୃଷ୍ଣା ସମ। ସୃଜନଶୀଳତା ଯାହା ଦିନେ ଆମ ହୃଦୟ କନ୍ଦରରେ ସନାତନୀ ଜ୍ୟୋତି ରୂପେ ଜାଜ୍ୱଲ୍ୟମାନ ଥିଲା, ତାହା ବର୍ତ୍ତମାନ ବିସ୍ତାରବାଦ ବଜାରରେ ବନ୍ଦୀ। ସୃଜନଶୀଳତା ଦ୍ୱାରା କଳା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତ ଆଦି ବିସ୍ତାର ଲାଭ କରି ମାନବ ମନକୁ ଶାନ୍ତି ପ୍ରଦାନ କରେ ଏବଂ ତତ୍ ସହିତ ସମାଜକୁ ନୂତନ ଦିଗନ୍ତ ଦେଖାଇବାରେ ସହାୟକ ହୁଏ। ମାନବ ଆଜି ଭୋଗବାଦ ପଛରେ ଦୌଡ଼ି ଦୌଡ଼ି ନୟାନ୍ତ ପ୍ରାୟ। ନା ଅଛି ତୀବ୍ରତାରେ ସୁଖ, ନା ଅଛି ଶିଥିଳତାରେ ଶାନ୍ତି। ଏହି ବିଷମକାଳ ଖଣ୍ଡରେ ନିରାଶା ଓ ବିଷାଦ ମନ କେଉଁଠାରେ ପାଦ ଥାପିବ ସେ ସ୍ଥିର କରିବାରେ ଅକ୍ଷମ ଏବଂ ନିସହାୟ।

ସୃଜନଶୀଳତା ହିଁ ମାନବର ଆତ୍ମା ସଦୃଶ। ଏହା ଏପରି ଏକ ଦିବ୍ୟ ଶକ୍ତି ଯାହା ମାନବକୁ ସମାଜରେ ପ୍ରକୃତ ମଣିଷ ରୂପରେ ଗଢି ତୋଳେ ଏବଂ ସମାଜରେ ଦିଗବାରିଣୀ ପରି ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୁଏ। ଅପରପକ୍ଷରେ ବଜାରବାଦ ଆଜି ସୃଜନଶୀଳତାକୁ ଯାନ୍ତ୍ରିକ ପ୍ରକ୍ରିୟାର ପଞ୍ଝାରେ ଧରି ରଖିଛି। କଳା ଯାହା ଦିନେ ମନର ହୃଦୟ ପ୍ରଦେଶକୁ ଝଙ୍କୃରିତ କରୁଥିଲା, ତାହା ଏବେ ବଜାରବାଦ ପ୍ରଭାବରେ କ୍ରୟ ବିକ୍ରୟ ରୂପକ ଏକ ଦ୍ରବ୍ୟ ବା ବସ୍ତୁ ପାଲଟି ଯାଇଛି। ବଜାରବାଦ ଆଜି ସମାଜକୁ ଏକ ଯାନ୍ତ୍ରିକ ମେସିନ ପରି ଗଢି ତୋଳିଛି। ମାନବିକତା ଆଜି ସାତ ସପନ। ସମ୍ପର୍କ ଯାହା ଦିନେ ବିଶ୍ୱାସ ଏବଂ ପ୍ରେମର ଡୋରରେ ବନ୍ଧାଥିଲା, ତାହା ଏବେ ସ୍ୱପ୍ନ ସଦୃଶ ଯାହା ବିନା ଅର୍ଥ ଓ ସ୍ୱାର୍ଥ ବିନା ଅସମ୍ଭବ। ଅର୍ଥ ହିଁ ବର୍ତ୍ତମାନ ସର୍ବସ୍ୱ। ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ, ପଇସା କ୍ୟା ନ କରେ କାମର ଚକ୍ରବ୍ୟୂହରେ ମଣିଷର ସମ୍ପର୍କ ବନ୍ଧା। ଅର୍ଥ ବିନା ସବୁ ଅନର୍ଥ ବା ଅସାର। ଅର୍ଥ ହିଁ ସବୁ ସଂଜ୍ଞାର ନିରୂପକ। ଲୋକମାନେ ବର୍ତ୍ତମାନ ଅନ୍ୟକୁ ଉପଯୋଗିତା ରୂପକ କଷଟି ପଥରରେ କଷୁଛନ୍ତି। 'ବ୍ୟବହାର କର ଏବଂ ବ୍ୟବହାର ପରେ ଫିଙ୍ଗିଦିଅ' ଯାହା ଉପଭୋକ୍ତାବାଦୀ ସଂସ୍କୃତି ତାହା ଆଜି ମାନବିକତାକୁ ଗ୍ରାସ କରିବାରେ ବ୍ୟସ୍ତ। ଏହି ପ୍ରକ୍ରିୟାରେ ସୃଜନଶୀଳତା ଆଜି ସବୁଠାରୁ ଅଧିକ ଅସୁସ୍ଥ ଓ ଅସହାୟ ମଧ୍ୟ। କଳା ଯାହା ଦିନେ ସମାଜର ପଥ ପ୍ରଦର୍ଶକ ଥିଲା, ତାହା ଆଜି ମନୋରଞ୍ଜନର ଏକ ସାଧନ ଦ୍ରବ୍ୟ ଭାବରେ ପରିଗଣିତ। ସାହିତ୍ୟ ଯାହା ଦିନେ ବିଚାରର ଜନ୍ମଦାତା ଥିଲା, ତାହା ଆଜି ବିକ୍ରୟର ସୂଚକାଙ୍କର ଗୁଲାମ। ସଙ୍ଗୀତ ଯାହା ଦିନେ ଆତ୍ମା ରୂପକ ଉଦ୍ୟାନରେ ଶାନ୍ତିର ଜଳ ସିଞ୍ଚନ କରୁଥିଲା ତାହା ବର୍ତ୍ତମାନ ପ୍ରଚାର ସର୍ବସ୍ୱ। ଯେଉଁ ସାମାଜିକ ଗଣମାଧ୍ୟମ ସୃଜନଶୀଳତାର ଏକ ମଞ୍ଚ ଭାବରେ ପରିଗଣିତ ତାହା ଆଜି ଆହୁରି ସଙ୍କୁଚିତ ହେବାରେ ଲାଗିଛି। ଏକ କବିତାର ଗହନ ଚିତ୍ରର ଭାବନା ଏବଂ ଏକ ଗଳ୍ପର ସମାଜକୁ ସନ୍ଦେଶ ଏବେ କେବଳ ସାମାଜିକ ଗଣମାଧ୍ୟମରେ ଭାୟରାଲ କ୍ଷମତା ଉପରେ ନିର୍ଭରଶୀଳ। ଏହି ବଜାରବାଦ ରୂପକ ଜାଲ ସୃଜନଶୀଳତାକୁ ନା ଜାଲରେ କେବଳ ବାନ୍ଧି ରଖିଛି ବରଂ ଏହାକୁ ଏକ ସାଧାରଣ ବସ୍ତୁରେ ବଦଳେଇ ଦେଇଛନ୍ତି। ସୃଜନଶୀଳ ବ୍ୟକ୍ତି କେବଳ ନିଜର ପ୍ରତିଭାକୁ ବା ସୃଜନକୁ ବଜାରରେ ବଜାର ଅନୁକୂଳ ଚାହିଦା ଅନୁସାରେ ବିକ୍ରୟ କରୁଛନ୍ତି। ଯାହାଫଳରେ ଏହାର ମୌଳିକତା ଏବଂ ସ୍ୱାତନ୍ତ୍ରତା ଗୁଣ ନଷ୍ଟ ହେବାରେ ଲାଗିଛି। ତଥାପି ମଧ୍ୟ ଏହି ଘୋର ଘନ ଅନ୍ଧକାରରେ ଏକ ଆଲୋକ ଶିଖାର ରଶ୍ମି ମଧ ଉଦ୍‌ଭାସିତ। ଯେତେବେଳେ ଏହି ଅନ୍ଧ ଦୌଡ଼ରେ ମଣିଷ ଦୌଡ଼ି ଦୌଡ଼ି ନିଜକୁ କ୍ଳାନ୍ତ ଅନୁଭବ କରିବ, ସେତେବେଳେ ମନୁଷ୍ୟ ଏହା ରାବଣର ମିଛ ମାୟାଜାଲର ସ୍ୱର୍ଣ୍ଣ ମୃଗ ରୂପେ ପ୍ରତିଭାତ ହେବ, ସେତେବେଳେ ପୁଣି ସେହି ସୃଜନଶୀଳତାର ଶୂନ୍ୟତାକୁ ଅନୁଭବ କରିବାରେ ଲାଗିବ। ସୃଜନଶୀଳତା କେବଳ କଳା ସାହିତ୍ୟରେ ସୀମିତ ନୁହେଁ, ଏହା ଅସୀମୀତ, ଅଖଣ୍ଡ ଓ ପ୍ରାଣସ୍ପର୍ଶି ମଧ୍ୟ। ଯଥା ଏହା ଏକ ଶିକ୍ଷକ ରୂପରେ ଛାତ୍ର ମନରେ ଜିଜ୍ଞାସା ଜନ୍ମାଏ, ଏକ ବୈଜ୍ଞାନିକ ରୂପରେ ନୂଆ ନୂଆ ଉଦ୍ଭାବନରେ ବ୍ୟସ୍ତ ରହେ, ଏକ ସାମାନ୍ୟ ବ୍ୟକ୍ତି ମଧ୍ୟରେ ଛୋଟ ଛୋଟ ରଚନାତ୍ମକ କାର୍ଯ୍ୟ ସମ୍ପାଦନ କରିବାରେ ସହାୟକ ମଧ୍ୟ ହୁଏ। ଏହା ସବୁ ସୃଜନଶୀଳତାର ପ୍ରତୀକ। କିନ୍ତୁ ବଜାରବାଦ ଦ୍ୱାରା ଏହା ଅତ୍ୟନ୍ତ ନିର୍ମମ ଭାବରେ ପ୍ରଭାବିତ। 'ଶିକ୍ଷା ବିନୟ ସମ୍ପର୍ଣ୍ଣା'। ଏହି ବସ୍ତୁବାଦୀ ଦୁନିଆରେ ଶିକ୍ଷା ଆଜି ଡିଗ୍ରୀ ଆହରଣ ଦୌଡଯୁକ୍ତ ପାଲଟିଗଲାଣି ଯାହା ସୃଜନାତ୍ମକ ଚିନ୍ତନ ପ୍ରକ୍ରିୟାକୁ ଅନ୍ତସାର କରିବାରେ ବ୍ୟସ୍ତ। ବିଜ୍ଞାନ ଯାହା ଦିନେ ମାନବତାର ଜୟ ଯାତ୍ରାର ଗାଥା ଗାଉଥିଲା, ତାହା ଆଜି କର୍ପୋରେଟ ହାତରେ ଗୁଲାମ ସଦୃଶ। ସାମାଜିକ କର୍ତ୍ତବ୍ୟ ଯାହା ସୃଜନଶୀଳତାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ତାହା କେବଳ ଲୋକ ଦେଖାଣିଆ ଏକ ଅଂଶ ରୂପେ ବିବେଚିତ।

ଏହିସବୁ ସଙ୍କଟରୁ ତ୍ରାହି ଓ ସ୍ଥାୟୀ ସମାଧାନ ସୃଜନଶୀଳତାରେ ହିଁ ନିହିତ। ସମୟ ଆଗତ ପ୍ରାୟ, ପୁଣି ଆମକୁ ସୃଜନଶୀଳତାର ପଦ୍ମ ଫୁଟେଇବାକୁ ପଡ଼ିବ। କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତକୁ ମହିମା ମଣ୍ଡିତ କରିବାକୁ ହେବ। ସ୍କୁଲ ମାନଙ୍କରେ ପିଲାଙ୍କୁ ଗାଳିଦେବା ପରିବର୍ତ୍ତେ ତାଙ୍କୁ ସୃଜନଶୀଳତାର ଶିକ୍ଷା ବିତରଣ କରିବା ଦରକାର। ସମାଜରେ ସୃଜନଶୀଳ ଆତ୍ମାମାନଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଦେବା ଦରକାର, ଯେଉଁମାନେ କି କଳାତ୍ମକ ଚେତନା ମାଧ୍ୟମରେ ବଜାରବାଦ ରୂପ ଅସୁରକୁ ନିହତ କରିବାର ସକ୍ଷମ ହେବେ।

ସମାଜ ଦ୍ୱାରା ଆମ୍ଭେ ପରିପୁଷ୍ଟ। ଆମ୍ଭେ ସମାଜକୁ ପରିପୁଷ୍ଟ କରିବାର ସମୟ ଆସିଛି। ଏ ପ୍ରକାର ଚିନ୍ତନ ହିଁ ସୃଜନଶୀଳତାକୁ ସମାଜରେ ଦ୍ରୁତ ଅଭିବୃଦ୍ଧିରେ ସହାୟକ ହେବ। ଏହି ସୃଜନାତ୍ମକ ଅଭିବୃଦ୍ଧି ହିଁ ମାନବିକତାର ଅଭିବୃଦ୍ଧି। ସୃଜନଶୀଳତା ଯାହା ଏକ ପ୍ରକାର ବନ୍ଧ ଯାହା ହୃଦୟକୁ ହୃଦୟ ସହିତ, ମାନବକୁ ମାନବିକତା ସହିତ ଯୋଡ଼େ। ଏହା ଏକ ପ୍ରକାର ଜ୍ୟୋତି, ଯେଉଁ ଜ୍ୟୋତି ବଜାରବାଦ ରୂପକ ଚମକରେ ମଧ୍ୟ ନିଷ୍ପ୍ରଭ ହୁଏନାହିଁ। ଆଜିର ସମାଜ ଆଜି ଏପରି ଏକ ଦୋଛକିରେ ଦଣ୍ଡାୟମାନ ଯେଉଁଠାରେ ଗୋଟିଏ ପଟରେ ବଜାରବାଦର ଚମକ ଯାହା ସୃଜନଶୀଳତାର ବିଲୁପ୍ତର କାରଣ ଏବଂ ଅନ୍ୟପଟେ ସୃଜନଶୀଳତାର ଦିବ୍ୟ ଜଡ଼ ଯାହା ଆମକୁ ଆତ୍ମା ସହିତ ଯୋଡ଼େ। ତେଣୁ ଆମକୁ ଆମର ପ୍ରକୃତ ଚୟନର ରାସ୍ତା କଣ ଆମ୍ଭକୁ ସିଦ୍ଧାନ୍ତ କରିବାକୁ ପଡ଼ିବ। କଣ ଆମ୍ଭେ ବସ୍ତୁବାଦୀର ମୋହମାୟାରେ ପଡ଼ିବା ଯାହା ଆମକୁ କ୍ଷଣିକ ଆନନ୍ଦ ଦେବା ନା ଆମ୍ଭେ ସୃଜନାତ୍ମକ ବନ୍ଧନରେ ବାନ୍ଧିହେବା ଯାହା ଆମ୍ଭକୁ ପୂର୍ଣ୍ଣତା ପ୍ରଦାନ କରିବାରେ ସହାୟକ ହେବ। ଏ ପ୍ରଶ୍ନ କେବଳ ବ୍ୟକ୍ତିଗତ ନୁହେଁ, ଏହା ଏକ ସାମାଜିକ ଏବଂ ସାମୂହିକ ମଧ୍ୟ। ଏହାର ଉତ୍ତର ମଧ୍ୟ ଆମ୍ଭ ହାତରେ। ଆମ୍ଭକୁ ଏହି ଉଗ୍ରବାଦ ଦୌଡ଼ରୁ କ୍ଷାନ୍ତ ରହି ଶାନ୍ତ ଏବଂ କାନ୍ତ ହେବାକୁ ପଡ଼ିବ, ଯାହା ମଣିଷ ମନରେ ଶାନ୍ତିର ଆଲୋକ ବପନ କରିପାରିବ। ଆମ୍ଭେ ସେହି ସୃଜନାତ୍ମକ ମୋହରେ ମୋହିତ ହଲେ ଆମ୍ଭେ ମାନବିକତାର ଦିବ୍ୟ ଗୁଣରେ ଗୁଣିଆନ ହୋଇପାରିବା। ଏହାହିଁ ବର୍ତ୍ତମାନର ସଂକଳ୍ପ ହେବା ଉଚିତ୍। ଯାହାଦ୍ୱାରା ଆମ୍ଭେ ଏହି ନିର୍ମମ ବଜାରବାଦ ପଞ୍ଝାରୁ ମୁକ୍ତ ହୋଇପାରିବା। ଏହା ଏପରି ଏକ ଶକ୍ତି, ସଙ୍କଟକୁ ଯାହା ଆମକୁ ପୁଣିଥରେ ସୃଜନଶୀଳ, ସମ୍ବେଦନଶୀଳ ଏବଂ ମାନବୀୟ କରିପାରିବ। ଆମ୍ଭେ ଏହି ସଙ୍କଟକୁ ଅବସରରେ ବଦଳେଇ ଦେବା ଦରକାର ଏବଂ ଆମ୍ଭେ ଏପରି ଏକ ସମାଜ ଗଠନ କରିବା ଦରକାର, ଯେଉଁଠାରେ ସୃଜନଶୀଳତା ତିଷ୍ଠି ରହିବା ସହିତ ଏହା ସମାଜରେ ଆତ୍ମା ରୂପରେ ବିରାଜିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୦ ନଭେମ୍ବର ୨୦୨୫ ସୋମବାର





# ଅଧପନ୍ତରିଆ ଅବସ୍ଥାରେ ହୋଇପଡ଼ିଛି ମା' କଟକ ଚଣ୍ଡୀ ମନ୍ଦିରର ନବକଳେବର ପ୍ରକଳ୍ପ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଧାତ୍ମିକତା, ଭାବାବେଗ ଓ କିମ୍ବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ। ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ। ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେ ଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି। ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି। ୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା। ରାଜ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ





ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇପାରି ନାହିଁ। ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି, କଷ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି। ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି। ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ କି ଫାଟକ ଖଞ୍ଜା ଯାଇନି। ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ। ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ। ଯାହାକି ପୁରୁଣା ମନ୍ଦିର ଠାରୁ ପ୍ରାୟ ଦେଢ଼ଗୁଣା ଅଧିକ। ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍। ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି। ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା। ଗତ ୯ ମାସ ହେଲାଣି ପାର୍ଶ୍ୱ ଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲାନାହିଁ। ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ଟି ଦୋକାନ ଗୃହ ନିର୍ମାଣ ହୋଇଛି। ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ। ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲାନାହିଁ। ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ। ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି। ଆଧାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି।







# ସମସ୍ୟା ଘେରରେ ଗଞ୍ଜାମ ଏନ୍‌ଏସି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଏନ୍‌ଏସି ୧୨ ଗୋଟି ୱାର୍ଡକୁ ନେଇ ଗଠିତ ଗଞ୍ଜାମ ସହର। ହେଲେ ଏଠି ସମସ୍ୟା ଅନେକ ବାକିରହିଛି। ଅଧ୍ୟକ୍ଷା ଦେଇଥିବା ପ୍ରତିଶୃତି ପାଣିରେ ଗାର ହୋଇ ରହିଗଲା। ସହରର ପ୍ରତ୍ୟେକ ସାହିର କିଛି ନା କିଛି ସମସ୍ୟା ରହିଛି ସେଥିଭିତରୁ ମୁଖ୍ୟ ସମସ୍ୟା ଗଞ୍ଜାମ ସହରର ମୁଖ୍ୟ ନାଳ ସଫା ହୋଇପାରିଲାନାହିଁ। ସହରର କିଛି ନିର୍ଦ୍ଦିଷ୍ଟ ସାହିକୁ ଛାଡିଦେଲେ ଅନ୍ୟ ସାହିରେ ଷ୍ଟ୍ରିଟ୍ ଲାଇଟ୍ ବି ଲାଗିପାରିଲାନାହିଁ। ଖୋଦ୍ ଅଧ୍ୟକ୍ଷାଙ୍କ ନିଜ ସାହି ବୋଲାଉଥିବା ଦୁର୍ଗାଦେବୀ ସାହିରେ ବି ଲାଇଟ୍‌ର ଘୋର ସମସ୍ୟା ଦେଖାଦେଇଛି। ସହର ମଧ୍ୟରେ ଏମିତି ଗୋଟେ ସାହି ଅଛି ଆଜିଯାଏଁ ରାସ୍ତା ଖଣ୍ଡେ ହେଇପାରିଲା ନାହିଁ। ସହରର ସବୁଠାରୁ ମୁଖ୍ୟ ସମସ୍ୟା ହେଲା ପାଣି ନିଷ୍କାସନ ପାଇଁ ଏଠି ଲୋକେ ବହୁତ ହଇରାଣ ହୋଇଥାନ୍ତି। ଅସରାଏ ବର୍ଷା ହେଲେ ସବୁଆଡେ ଜଳମଗ୍ନ ହୋଇଯାଏ। ସେ ଜଳ ନିଷ୍କାସନ ନହୋଇ ଜମି ରହିଲେ ସେଥିରେ ସହରରେ ରୋଗ ବ୍ୟାପିବାର ଆଶା ରହିଥାଏ। ହେଲେ ଏହି ସହରକୁ ନା ପ୍ରଶାସନର ନଜର ଅଛି ନା ଅଧ୍ୟକ୍ଷାଙ୍କ ଏ ନେଇ ସହରରେ ଘୋର ଅଶାନ୍ତି ଦେଖାଦେଇଛି।

## ଜଗଧାତ୍ରୀ ମେଳାରେ ନାବାଳକକୁ ଛୁରାମାଡ଼

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଳମ୍ବିତ ରାତିରେ ଜଗଧାତ୍ରୀ ମେଳା ବୁଲିବାକୁ ଆସିଥିବା ନାବାଳକକୁ ଛୁରାମାଡ଼ ହୋଇଛି। ନାବାଳକ ଜଣକ ଗୁରୁତ୍ୱର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନାବାଳକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଳାବାଡିଆ ଗ୍ରାମ ପଞ୍ଚାୟତର ପଣସଡିହା ଗ୍ରାମର ଅର୍ଜୁନ ନାଏକଙ୍କ ପୁଅ ଆକାଶ ନାଏକ (୧୬)। ମେଳା ବୁଲିବାକୁ



ଆସିଥିବା ବେଳେ ରାତିରେ ବାଙ୍ଗିରିପୋଷି-ପୁରୀ ଟ୍ରେନ୍‌ରେ ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଭଞ୍ଜପୁର ରେଲୱେ ଷ୍ଟେସନ୍ ନିକଟରେ ଆକାଶ ଓ ତାଙ୍କ ସାଙ୍ଗ ସଞ୍ଜୟ ନାଏକ ଅପେକ୍ଷା କରିଥିଲେ। ଉକ୍ତ ସମୟରେ ୭/୮ଜଣ ଯୁବକ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ମରଣାନ୍ତକ ଆକ୍ରମଣ କରିବା ପରେ ଦୁର୍ବୃତ୍ତ ମାନେ ଛୁରା ମାଡ଼ କରିଥିଲେ। ତାଙ୍କ ପେଟକୁ ଛୁରାମାଡ଼ କରିଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଦୁର୍ବୃତ୍ତମାନେ ଛୁରାମାଡ଼ କରି ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ତାଙ୍କ ସମ୍ପର୍କୀୟ ମେଳା ବୁଲିବାକୁ ଆସିଥିବା ବେଳେ ଉଦ୍ଧାର କରି ପିଆର୍‌ଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତ୍ୱର ଥିବାରୁ ରାତିରେ କଟକ ସ୍ଥିତ ଏସ୍‌ସିବି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏନେଇ ଜିଆର୍‌ପି ଥାନାରେ ମାମଲା ରୁଜୁ କରି ରେଲ ସୁରକ୍ଷାବଳ ପକ୍ଷରୁ ଘଟଣା ତଦନ୍ତ ଜାରୀ ରହିଛି।

## ଡଃ ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ଉତ୍ସବ ଉଦ୍‌ଘାଟିତ

**କବିସୂର୍ଯ୍ୟନଗର (ଗଞ୍ଜାମ), ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠରେ ଶୁକ୍ରବାର ଦିନ ବନ୍ଦେ ମାତରମ୍ ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଏହି ଅନୁଷ୍ଠାନର ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଅଧ୍ୟାପକ ଗନ୍ତାୟତ ବକ୍ତବ୍ୟ ଦେଇ କହିଥିଲେ ଯେ ବନ୍ଦେ ମାତରମ୍ ଏକ ରାଷ୍ଟ୍ର ଭକ୍ତି କବିତା, ଯାହାକି ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ଲେଖାଯାଇଥିଲା। ଏହି କବିତାଟି ଉଭୟ ସଂସ୍କୃତ ଓ ବଙ୍ଗଳା ଭାଷାର ମିଶ୍ରଣରେ ରଚନା ହେବା ସହ ମା' ଦୁର୍ଗାଙ୍କୁ ଭାରତ ମା' ତାଙ୍କ ଅବତାର ସହିତ ତୁଳନା କରି ତାଙ୍କୁ ବନ୍ଦନା



କରାଯାଇଛି। ପୁନର୍ବାର ଇତିହାସକୁ ମନେ ପକାଇବାକୁ ଅଧ୍ୟାପକ ଗନ୍ତାୟତ କହିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହି କବିତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥିଲା। ବନ୍ଦେ ମାତରମ୍ କବିତାଟିକୁ ପ୍ରଥମ ଥର ପାଇଁ ରବୀନ୍ଦ୍ରନାଥ ଠାକୁର ୧୮୯୬ରେ କଂଗ୍ରେସ ଅଧିବେସନରେ ଆବୃତ୍ତି କରିଥିଲେ ଏବଂ ୧୯୫୦ରେ ସରକାରୀ ଭାବରେ ଭାରତ ଗଣରାଜ୍ୟର ରାଷ୍ଟ୍ର ଗାନ ମର୍ଯ୍ୟାଦା ପାଇଥିଲା ବୋଲି ଉପସ୍ଥିତ ଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଓ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନରସିଂହ ପାଢ଼ୀ, ଚିତ୍ତରଞ୍ଜନ ମିଶ୍ର, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, କିରାଣୀ ଧରିତ୍ରୀ ପ୍ରଧାନ, କର୍ମଚାରୀ ସୀତାପତି ମହାରଣା, ବାବୁଲା ମଣ୍ଡଳ ତଥା ଛାତ୍ରଛାତ୍ରୀମାନେ ଯୋଗଦାନ କରି ବନ୍ଦେ ମାତରମ୍ ବିଷୟରେ ଭାଷଣ ଦେଉଥିଲେ। ଅଧ୍ୟାପିକା ଡ଼.ସୌଭାଗ୍ୟ ମଞ୍ଜରୀ ନାଥ ସଭା ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ପ୍ରଭାତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାମୁହିକ ଭାବରେ ବନ୍ଦେ ମାତରମ୍‌କୁ ସ୍ୱସ୍ୱରରେ ଗାନ କରାଯାଇଥିଲା।

## ଓପନ୍‌ହାର୍ଟ ସର୍ଜରୀ ପରେ ସୁସ୍ଥ ହୋଇ ଘରକୁ ଫେରିଲେ ହର୍ଷବର୍ଦ୍ଧନ:ସ୍ୱାଗତ କଲେ ଶହ ଶହ ଶୁଭେଚ୍ଛୁ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓପନ୍ ହାର୍ଟ ସର୍ଜରୀ ଚିକିତ୍ସାର ସଫଳତା ପରେ ସୁସ୍ଥ ହୋଇ ଘରକୁ ଫେରିଲା ବାଳକ ହର୍ଷବର୍ଦ୍ଧନ (୧୫)। ସୁବର୍ଣ୍ଣପୁରର ଇଷ୍ଟଦେବୀ ମାଁ ସୁରେଶ୍ୱରୀ, ପ୍ରଭୁ ନରସିଂହ ବାବା ତଥା ସମସ୍ତ ଦେବାଦେବୀଙ୍କ ଆଶୀର୍ବାଦରୁ ଏବଂ ଓଡ଼ିଶା ସାମ୍ବାଦିକ ସଂଘର ସଂଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, କଟକ ଏସ୍‌ସିବି କାର୍ଡିଓଲୋଜି ବିଭାଗ ମୁଖ୍ୟ ଡାକ୍ତର ମନୋଜ ପଟ୍ଟନାୟକ ଏବଂ ସୋନପୁର ମାଟିର ବରିଷ୍ଠ ଡାକ୍ତରଙ୍କ ପ୍ରଚେଷ୍ଟା ତଥା ତାଙ୍କ ନେତୃତ୍ୱରେ ଏକ ୮ ଜଣିଆ ଡାକ୍ତରୀ ଦଳଙ୍କ ପ୍ରଚେଷ୍ଟାରେ ହର୍ଷବର୍ଦ୍ଧନଙ୍କ ଓପନ୍ ହାର୍ଟ ସର୍ଜରୀ ସଫଳ ହୋଇଥିଲା। ଘରୋଇ ମେଡ଼ିକାଲ୍‌ରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଜାଣିବା ପରେ ନିରୀହ ହର୍ଷବର୍ଦ୍ଧନଙ୍କ ପରିବାର ନିରାଶ ହୋଇ ବେସାହାରା ହୋଇଥିବା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ସାହାରା ପାଲଟି ହର୍ଷବର୍ଦ୍ଧନର ପଛରେ ଛିଡ଼ା ହୋଇଥିଲେ। ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ



ସାହୁ, ଏସ୍‌ପି ନାରାୟଣ ନାୟକ ଓ କଟକର ବରିଷ୍ଠ ଡାକ୍ତର ହର୍ଷବର୍ଦ୍ଧନଙ୍କ ସୋନପୁର ବାସଭବନକୁ ପହଞ୍ଚି ଗୁରୁତର ହର୍ଷବର୍ଦ୍ଧନକୁ ଆଶ୍ୱାସନା ଦେବା ସହ ଜିଲ୍ଲାପାଳ ନିଜେ ଉପସ୍ଥିତ ରହି କଟକ ବଡ଼ ଡାକ୍ତରଖାନା ନେବାକୁ ସମସ୍ତ ବ୍ୟବସ୍ଥା କରିଥିଲେ। ପ୍ରଶାସନର ଅନୁରୋଧକ୍ରମେ ଚିତ୍ତଜ୍ଞାନୀ ଚେରିଟେବୁଲ୍ ଟ୍ରଷ୍ଟର ମୁଖ୍ୟ ଡ. ହୋତା କଟକ କାର୍ଡିଓଲୋଜି ମୁଖ୍ୟ ଡା. ମନୋଜ ପଟ୍ଟନାୟକଙ୍କ ୮ ଜଣିଆ ଡାକ୍ତରୀ ଦଳ ସହାୟତାରେ ଓପନତହାର୍ଟ ସର୍ଜରୀ ସଫଳ ହୋଇପାରିଛି। ମାଁ ସୁରେଶ୍ୱରୀ କଟକର ଡାକ୍ତର ମନୋଜ ପଟ୍ଟନାୟକ ଏବଂ ଡାକ୍ତରୀ ଟିମ୍‌କୁ ତଥା ଚିତ୍ତଜ୍ଞାନୀ ଚେରିଟେବୁଲ୍ ଟ୍ରଷ୍ଟ ସୋନପୁରର ମୁଖ୍ୟ ପରିଚାଳକ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ଶକ୍ତି ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ଯେ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସେମାନେ ଜଣେ ଜଣେ ଧ୍ରୁବ ତାରା ଭଳି ଆଦର୍ଶ ହୋଇ ଦୁଃଖୀ ଓ ପ୍ରତ୍ୟେକ ରୋଗୀଙ୍କ ସେବାରେ ସଫଳ ହୁଅନ୍ତୁ ଓ ଯଶ ଲାଭ କରନ୍ତୁ। ଉକ୍ତ ଚିକିତ୍ସା ପାଇଁ ସମସ୍ତ ପରାମର୍ଶ ଓ ଉତ୍ସାହ ଯୋଗାଇ ପ୍ରତିଦିନ ଡାକ୍ତର, ରୋଗୀ ଓ ସାମ୍ବାଦିକଙ୍କ ସହିତ ଯୋଗାଯୋଗ ରଖି ଆସିଥିବା ତଥା ସବୁ ସ୍ତରରେ ସହାୟତା କରିଥିବା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ ଓ ହର୍ଷବର୍ଦ୍ଧନଙ୍କ ଆଶୁ ଆରୋଗ୍ୟ କାମନା କରି ସାମୁହିକ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପଠନ ଓ ପ୍ରାର୍ଥନା କରିଥିବା ସୋନପୁର ସହରର ଗୋପାଳଜୀ ଯୋଗାଳୟ, ଦିବ୍ୟଉର୍ଯ୍ୟା ଯୋଗ ସେବାସମିତି, ସ୍ୱଚ୍ଛ ଭାରତ ସଙ୍ଗଠନ, ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, କୋଶଳ ହାଇସ୍କୁଲ, ବିଶ୍ୱ ଭାରତୀ ଶିକ୍ଷାନୁଷ୍ଠାନ, ସୋନପୁର କଲେଜ ଏନ୍‌ସିସି, ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଓ ଯୁକ୍ତ ଦୁଇ କଲେଜ, ବରିଷ୍ଠ ନାଗରିକ ସଂଘ, ମହାରାଜା ହାଇସ୍କୁଲ ୯୧ ବେଚ୍, ଜିଲ୍ଲା ପ୍ରଶାସନ, ପୌରପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାଏକ, ଡାକ୍ତର ଦୁର୍ଗାଦତ୍ତ ଦାଶ, ଡାକ୍ତର ନରେନ୍ଦ୍ର ମେହେର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ଚିରଦିନ କୃତଜ୍ଞ ହୋଇରହିବ। ମା' ସୁରେଶ୍ୱରୀ ଓ ସମସ୍ତ ଦେବାଦେବୀଙ୍କ ଆଶୀର୍ବାଦରେ ଜିଲ୍ଲା ପ୍ରଶାସନ ସମସ୍ତ ଅନୁଷ୍ଠାନ ସଫଳତା ଓ ସମୃଦ୍ଧି ଲାଭ କରୁ ଏବଂ ସମାଜରେ ବିଶ୍ୱାସ ଭାଜନ ହୋଇ ଜନକଲ୍ୟାଣ କାର୍ଯ୍ୟରେ ବ୍ରତୀ ରହୁ।

## 'ସମାଜ ସେବା ହିଁ ଈଶ୍ୱରଙ୍କ ଆଶୀର୍ବାଦର ପ୍ରକୃତ ମାଧ୍ୟମ'

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଗାୟତ୍ରୀ ଶକ୍ତିପୀଠ ରମ୍ଭାର ଚାଳିଶ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ ଓ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ ତିନିଦିନିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆଙ୍କ ସଂଯୋଜନାରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥିଭାବେ ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସହ ସଂଯୋଜକ ରବି ନାରାୟଣ ସେନାପତି, ସଂଯୋଜକ ବିଜୟ ମିସ୍ତ୍ରୀ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଓ ରକ୍ତଦାତାଙ୍କ ନିସ୍ୱାର୍ଥପର ସମାଜସେବା ଏହି ଶିବିରରୁ ୨୩ ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଦ୍ୱିତୀୟ ଦିବସରେ ଗୋ କଲ୍ୟାଣ ସମିତିର ସହ ସଂଯୋଜକ ରବିନାରାୟଣ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବରରେ ମୁଖ୍ୟ ଅତିଥି ଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ସମ୍ବାଦ ସାହିତ୍ୟଘର ସମ୍ପାଦକ ଶେଷଦେବ ବେହେରା, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ ଓ ସତ୍ୟ ନାରାୟଣ ଆଚାରୀ ଯୋଗଦେଇ ଚକ୍ଷୁର ଉପଯୁକ୍ତ ଚିକିତ୍ସା ଓ ସଚକ୍ଷୁ ଚିକିତ୍ସା ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ଅଞ୍ଚଳର ଏକ ଶହରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିବା ସହିତ ୧୩ ଜଣ ଚକ୍ଷୁ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମରଝୋଲ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ତୃତୀୟ ଦିବସ ତଥା ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଉପଯୋନ ସଂଯୋଜକ ବୃନ୍ଦାବନ ମିଶ୍ର, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ବାନାମ୍ବର ପଲେଇ ଯୋଗଦେଇ ଶକ୍ତିପୀଠ ପରିଚାଳନାରେ ଆଗେଇ ଆସିବାକୁ ଯୁବକମାନଙ୍କୁ ଆହ୍ୱାନ୍ ଦେଇ କିଛି ଯୁବକଙ୍କୁ ଶପଥ ପାଠ କରାଇବା ସହ ଗାୟତ୍ରୀ ଶକ୍ତିପୀଠର ସେବା ଧର୍ମର ଇତିହାସ ରୋମନ୍ଥନ କରିଥିଲେ। ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଶୈକ୍ଷିକ, ପ୍ରକୃତି, ପରିବେଶ ଉପରେ ରମ୍ଭା ଗାୟତ୍ରୀ ଶକ୍ତିପୀଠର ଏକ ସ୍ୱତନ୍ତ୍ର ରହିଆସିଛି। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଏପରିକି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ ପ୍ରକୃତିମିତ୍ର ପୁରସ୍କାର ପାଇବାପରି ଘଟଣାମାନ ଅନୁଷ୍ଠାନକୁ ଏକଚାଳିଶିତମ ବାର୍ଷିକ ଉତ୍ସବକୁ ଅଧିକ ପ୍ରତିଷ୍ଠିତ ଏବଂ ପ୍ରାଣବନ କରାଇପାରିଛି। କେବଳ ସେବାଦ୍ୱାରା ଈଶ୍ୱରଙ୍କ ଉପଲବ୍ଧି ମିଳିଥାଏ। ଏହି ଉତ୍ସବରେ ପୁରୀ, ଖୋର୍ଦ୍ଧା ଗଞ୍ଜାମ ଓ ଗଜପତି ଅଞ୍ଚଳରୁ ବହୁ ଗାୟତ୍ରୀ ପରିଜନ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଯୋଗଦେବା ସହିତ ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ବିଭିନ୍ନ ସଂସ୍କାର ଏବଂ ପ୍ରସାଦ ସେବନରେ ଭାଗ ନେଇଥିଲେ। ଏହି ଶିବିରକୁ ଉମାକାନ୍ତ ସାହୁ, ରଥାଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ସୁରେନ୍ଦ୍ର ସାହୁ, ସୁଶାନ୍ତ ସେନାପତି, ରାମପ୍ରସାଦ ସେନାପତି, ମୁନା ପ୍ରଧାନ, ଲମ୍ବୋଧର ମହାନ୍ତି ଆଦି ବ୍ୟକ୍ତିମାନେ ପରିଚାଳନା କରିଥିଲେ। ଏହି ଶିବିରରେ ମୁରଲୀଧର ପ୍ରଧାନ, ନୀଳାଞ୍ଚଳ ସେନାପତି, ବନବାସ ସେଠି ଆଦି ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବିଭିନ୍ନ ସମୟରେ ଅନୁଷ୍ଠାନ ଦ୍ୱାରା କରାଯାଇଆସୁଥିବା ସେବାର ପ୍ରଶଂସା କରିଥିଲେ।



## ଲୁହା ଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ:୨ ଆହତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୁର୍ଗାବାଡ଼ି ଠାରେ ଜାତୀୟ ରାଜପଥରେ ଲୁହା ଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗର ଖଡଗପୁର ଠାରୁ ବଡ଼ ବଡ଼ ଲୁହା ଖଣ୍ଡ ବୋଝେଇ ଏକ ଟ୍ରଲର ସମ୍ବଲପୁର ଅଭିମୁଖେ ଯାଉଥିଲା। ୧୮ ନମ୍ବର ଜାତୀୟ ରାଜପଥର ମୁର୍ଗାବାଡ଼ି ପେଟ୍ରୋଲ ପମ୍ପ ପାଖରେ ଶନିବାର ଭୋର୍ ପ୍ରାୟ ୩.୩୦ ସମୟରେ ଗାଡ଼ି ଡ୍ରାଇଭରଙ୍କ ଆଖି ଲାଗିଯିବା କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଦୁର୍ଘଟଣା ଯୋଗୁ ଗାଡ଼ିର ବାମ ପାଖ ଦୁଇ ଚକ ଫାଟି ଯାଇଥିଛି। ବୋଝେଇ ହୋଇଥିବା ସମସ୍ତ ବଡ଼ ବଡ଼ ଲୁହା ଖଣ୍ଡ ଗୁଡ଼ିକ ବାମ ପାର୍ଶ୍ୱରେ ଫ୍ଲାଇ ଓଭର ତଳକୁ ଖସିଯାଇଛି। ଯାହାଫଳରେ ସବ୍-ରୋଡରେ ଲୁହା ଖଣ୍ଡ ପଡି ରାସ୍ତା ଅବରୋଧ ହୋଇଥିଲା। ଗାଡ଼ିର ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଥିବା ବେଳେ ପିଆର୍‌ଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ ଘଟଣାସ୍ଥଳରେ ଭଞ୍ଜପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କ୍ରେନ୍ ଯୋଗେ ଲୁହା ଖଣ୍ଡ ଗୁଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜାନୁଆରୀରେ ମା' ପାଟଣେଶ୍ୱରୀ ମହୋତ୍ସବ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଦେବୀଙ୍କ ପୀଠରେ ୧୮୭୨ ମସିହାରେ ନୂତନ ନକ୍ସା ତିଆରି ହୋଇ ରାଜଧାନୀ ସ୍ଥାପନ ହୋଇଥିଲା। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମା' ପାଟଣେଶ୍ୱରୀ ଦେବୀଙ୍କର କିମ୍ବଦନ୍ତୀ ଓ ଐତିହ୍ୟ ଏବଂ ତନ୍ତ୍ରମନ୍ତ୍ର, ମା'ଙ୍କ ଆବିର୍ଭାବ, ଭକ୍ତମାନଙ୍କର ଆସ୍ଥା ବିଶ୍ୱାସର ଦେବୀ ଏବଂ ମା'ଙ୍କ ମହିମା ଆଗାମୀ ଜାନୁଆରୀ ମାସରେ ମା' ପାଟଣେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହି ଉଦ୍ଦେଶ୍ୟରେ ସ୍ମରଣିକା ପ୍ରକାଶିତ ହେବ। ଅବିଭକ୍ତ ବଲାଙ୍ଗିର ଜିଲ୍ଲା ବିଭିନ୍ନ ଗ୍ରାମର ଦେବାଦେବୀଙ୍କୁ ନେଇ ମଧ୍ୟ ଏଥିରେ ପ୍ରକାଶ ପାଇବ। ଲୋକକଥା, ପ୍ରଚୀନ ସାଂସ୍କୃତିକ ପରମ୍ପରା ଓ ଐତିହ୍ୟ ପୂଜା ପରମ୍ପରା ଏଥିରେ ପ୍ରକାଶ ପାଇବ।

## ଜଷ୍ଟିଲୋ ୧୩ନଂ କେନାଲ୍‌ର ସଂଯୋଗ ରାସ୍ତାକୁ ଢଳେଇ କରିବାକୁ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅଧିନ ଜମଧର ପଞ୍ଚାୟତର ଜଣ୍ଟିଲୋ ଗ୍ରାମ ୧୩ନଂ କେନାଲ୍‌ରୁ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାକୁ ଢଳେଇ କରିବା ପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି ରାସ୍ତାରେ ୪ଟି ୱାର୍ଡର ଶତାଧିକ ବ୍ୟକ୍ତି ଯାତାୟାତ କରିବା ସହ ଟ୍ରାକ୍ଟର ଓ ପାୱାର ଟିଲର ନେଇ ଚାଷୀମାନେ କ୍ଷେତକୁ ଯାଇଥାନ୍ତି। ରାସ୍ତାଟି ଚଳପ୍ରଚଳ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇଥିବା କାରଣରୁ ପଥଚାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ହୃଦୟଙ୍ଗମ କରି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଢଳାଇ ପାଇଁ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ କେତେକ ସ୍ୱାର୍ଥପର ବ୍ୟକ୍ତିଙ୍କ ପାଇଁ ଏଥିରେ ବାଧା ପହଞ୍ଚାଯାଉଛି। ଏହାକୁ ବିଚାରକରି ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର ଦାବିପତ୍ର ପ୍ରଦାନ କରିଛନ୍ତି।

## ବରଗଡ଼ ଜିଲ୍ଲାରେ ଚିକିତ୍ସାଳୟ ଓ ଶିକ୍ଷାନୁଷ୍ଠାନର ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ଖାଦ୍ୟ କମିଶନର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଖାଦ୍ୟ କମିଶନର ଅବନୀକାନ୍ତ ସାହୁ ଦୁଇ ଦିନିଆ ବରଗଡ ଜିଲ୍ଲା ଗସ୍ତରେ ଆସି ଗସ୍ତର ପ୍ରଥମ ଦିବସ ଅର୍ଥାତ୍ ଗୁରୁବାର ଦିନ ଖେଦାପାଲି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ପାଇଁ ଉପଲବ୍ଧ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ସଫାସୁତୁରା ଆଦି ବିଭିନ୍ନ ବିଷୟର ତଦାରଖ କରିଥିଲେ। ଗସ୍ତର ଦ୍ୱିତୀୟ ଦିବସ ଅର୍ଥାତ ପାଇକମାଲ ଏବଂ ଝାରବନ୍ଧ ବ୍ଲକ୍‌ର ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି କ୍ରମରେ ସେ ପ୍ରଥମେ ପାଇକମାଲ ବ୍ଲକ୍ ପଳସଦା ପଞ୍ଚାୟତ ଗୁଏବାହାଲି ଗ୍ରାମର ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ୟୁନିଟ୍ ଛତୁଆ-ତିଆରି କେନ୍ଦ୍ର ପରିଦର୍ଶନ ଏବଂ ପରବର୍ତ୍ତୀ ସମୟରେ ଡୁଙ୍ଗୁରିପାଲିର ୟୁପିଏସ୍ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ଯାଞ୍ଚ ଚାଲୁଥିବା ସ୍କୁଲ କାର୍ଯ୍ୟକଳାପ, ପୁଷ୍ଟିସାର କାର୍ଯ୍ୟକ୍ରମ ଏବଂ




ସମ୍ପ୍ରଦାୟ ସମ୍ପୃକ୍ତିର ମୂଲ୍ୟାଙ୍କନ ଉପରେ ଧ୍ୟାନ ଦେଇଥିଲା। ଏହି ପରିଦର୍ଶନ ମଧ୍ୟାହ୍ନ ଭୋଜନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ପୁଷ୍ଟିସାର ପଦକ୍ଷେପ ଭଳି ଯୋଜନାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲା। ଏସ୍‌ଏଚ୍‌ଜି ୟୁନିଟ୍ ଛତୁଆ-ତିଆରି କେନ୍ଦ୍ର ଗୁଏବାହାଲି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର ଏହାର ସ୍ଥାନୀୟ ଛତୁଆ (ପୁଷ୍ଟିସାର ମିଶ୍ରଣ) ଉତ୍ପାଦନ ଏବଂ ସକ୍ରିୟ ସମ୍ପ୍ରଦାୟ ସମ୍ପୃକ୍ତି ପାଇଁ ପ୍ରଶଂସିତ ହୋଇଛି। ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ପାଇଁ ପୁଷ୍ଟିକର ସୁରକ୍ଷାକୁ ସମର୍ଥନ କରେ ଏବଂ ସ୍ଥାୟୀ ଜୀବିକା ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କୁ ସଶକ୍ତ କରେ। ଡୁଙ୍ଗୁରିପାଲି କେନ୍ଦ୍ର ପରିଦର୍ଶନ ପ୍ରାରମ୍ଭିକ ଶୈଶବ ପୁଷ୍ଟିସାର, ପରିଷ୍କାର ପରିଚ୍ଛନ୍ନତା ଏବଂ ରେକର୍ଡ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେଇଥିଲା। କମିଶନରଙ୍କ ମତାମତରେ ଭଲ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ, ଶିଶୁ ସ୍ୱାସ୍ଥ୍ୟର ନିରନ୍ତର ତଦାରଖ (ବିଶେଷକରି ପୁଷ୍ଟିକର ବିପଦରେ ଥିବା ବ୍ୟକ୍ତି) ଏବଂ ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କର୍ମୀ ଏବଂ ଏସ୍‌ଏଚ୍‌ଜି ମଧ୍ୟରେ ଦୃଢ଼ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ ଏବଂ ସମ୍ପ୍ରଦାୟ ବିକାଶ ସମ୍ମାନିତ ବ୍ୟକ୍ତିମାନେ ଶିକ୍ଷାଗତ ଏବଂ ପୁଷ୍ଟିକର କାର୍ଯ୍ୟକଳାପକୁ ମିଶ୍ରଣ କରୁଥିବା ସାମଗ୍ରିକ ବିକାଶ ପ୍ରୟାସକୁ ପ୍ରଶଂସା କରିଥିଲେ। ସମାଜ ମଧ୍ୟରେ ଏସ୍‌ଏଚ୍‌ଜି ସମ୍ପୃକ୍ତି, କ୍ଷମତା-ନିର୍ମାଣ ଏବଂ ଶିଶୁ-କୈନ୍ଦ୍ରିକ କାର୍ଯ୍ୟକ୍ରମରେ ଉନ୍ନତି ପାଇଁ ଦୃଢ଼ ଉତ୍ସାହ ଥିଲା। ସାମଗ୍ରିକ ଭାବରେ, ଖାଦ୍ୟ କମିଶନରଙ୍କ ଗସ୍ତ ସମୟରେ ପାଇକମାଳ ବ୍ଲକ୍‌ରେ ନୂତନ ଭାବେ ଆବେଦନ କରିଥିବା ୧୨୩୬ ହିତାଧିକାରୀମାନଙ୍କୁ ଯାଞ୍ଚ କରି ୧୫ ଦିନ ମଧ୍ୟରେ ଚାଉଳ ପ୍ରଦାନ କରିବା ସହ ଅଯୋଗ୍ୟ ହିତାଧିକାରୀକୁ ବାଦ ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଝାରବନ୍ଧ ଗସ୍ତ କରି ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରର ସ୍ଥିତି, ବିଦ୍ୟୁତ ସଂଯୋଗ, ସଫାସୁତୁରା, ଛତୁଆ ବଣ୍ଟନ, ରାସନ ବଣ୍ଟନ, ଏସ୍‌ଏସ୍‌ଡି ହଷ୍ଟେଲର କାର୍ଯ୍ୟକାରିତା ଏବଂ ବ୍ୟବସ୍ଥା ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡା, ସିଡିପିଓ ସୁଷମା ପଟେଲ, ବିଇଓ ଶୁଭମ କୁମାର ପତିଙ୍କ ସହିତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଡିସେମ୍ବର ୧୫ରେ ଆଇପିଏଲ ୨୦୨୬ ମିନି ନିଲାମ!

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ ସିଜିନ୍ ପାଇଁ ଖେଳାଳିଙ୍କ ମିନି-ନିଲାମ ଚଳିତ ବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏକ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ର ମିନି-ନିଲାମ ପାଇଁ ଡିସେମ୍ବର ୧୫ ତାରିଖ ସ୍ଥିର କରାଯାଇଛି। ପୂର୍ବରୁ ଏହି ନିଲାମ ଉପସାଗରୀୟ ଅଞ୍ଚଳରେ ହେବାର ଗୁଜବ ଥିବାବେଳେ, ବର୍ତ୍ତମାନ ଏହା ଭାରତରେ ହିଁ ହେବାର ସମ୍ଭାବନା ଅଧିକ ରହିଛି। ତେବେ ଏନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। ୨୦୨୨ ପରେ ଏହା ପ୍ରଥମ ଥର ପାଇଁ ଭାରତରେ ନିଲାମ ହେବ।



ସମସ୍ତ ୧୦ଟି ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ଖେଳାଳି ଧାରଣ ତାଲିକା ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୧୫ ରହିଛି। ଚେନ୍ନାଇ ସୁପର କିଙ୍ଗସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଶୀ ବିଶ୍ୱନାଥନ୍ ସୂଚନା ଦେଇଛନ୍ତି ଯେ ଅଧିନାୟକ ଏମଏସ୍ ଧୋନି ଆଇପିଏଲ୍ ୨୦୨୬ରେ ଖେଳିବା ପାଇଁ ଉପଲବ୍ଧ ଅଛନ୍ତି। ସେ କହିଛନ୍ତି, "ଏମଏସ୍ ଆମକୁ କହିଛନ୍ତି ଯେ ସେ ଆସନ୍ତା ସିଜିନ୍ ପାଇଁ ଉପଲବ୍ଧ ରହିବେ।"

ଧୋନିଙ୍କ ଖେଳିବା ଖବର ସହ ସଞ୍ଜୁ ସାମସନଙ୍କୁ ଟ୍ରେଡ୍ କରି ସିଏସ୍‌କେକୁ ଆଣିବା ନେଇ ପୁଣି ଥରେ ଚର୍ଚ୍ଚା ଜୋର୍ ଧରିଛି। ଏହା ବ୍ୟତୀତ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକ ଡିଆଜିଓ ୨୦୨୬ ସିଜିନ ପୂର୍ବରୁ ଫ୍ରାଞ୍ଚାଇଜକୁ ବିକ୍ରି କରିବା ପାଇଁ 'ରଣନୀତିକ ସମୀକ୍ଷା' ଆରମ୍ଭ କରିଛି। କମ୍ପାନୀ ଏହି କ୍ରିକେଟ୍ ବ୍ୟବସାୟକୁ ଏହାର ମୂଳ ମଦ୍ୟପାନ କାରବାର ବାହାରେ ରଖିଛି।

# ଅବସରରୁ ଫେରି କଲେ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ**

କୁହାଯାଏ ଯେ ଜଣେ ଖେଳାଳି ଖେଳ ଛାଡିପାରେ କିନ୍ତୁ ଖେଳିବାକୁ କେବେ ଭୁଲେ ନାହିଁ। ଏହାର ଏକ ପ୍ରମୁଖ ଉଦାହରଣ ହେଉଛନ୍ତି ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି କକ, ଯିଏ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜରେ ଅବସର ନେବାର ଦୁଇ ବର୍ଷ ପରେ କ୍ରିକେଟକୁ ଫେରିଥିଲେ। ସେ ଏପରି ଖେଳିଲେ ଯେପରି ସେ କେବେ ଦିନିକିଆ ଫର୍ମାଟରୁ ଦୂରରେ ନଥିଲେ। ଅବସର ପରେ ଫେରିଥିବା ଦକ୍ଷିଣ ଆଫ୍ରିକାର ଏହି ୱିକେଟକିପର-ବ୍ୟାଟସମ୍ୟାନ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜରେ ୨୩୯ ରନ କରିଥିଲେ। ଏଥିସହ ସେ ଧୋନିଙ୍କ ପରି ଏକ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରିଥିଲେ।



ଦକ୍ଷିଣ ଆଫ୍ରିକା ପାକିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ୧-୨ ରେ ହାରିଥିଲା। ଫଳାଫଳ ଦଳ ସପକ୍ଷରେ ନଥିଲେ ମଧ୍ୟ, କ୍ୱିଣ୍ଟନ ଡି କକ ସିରିଜର ହିରୋ ଭାବରେ ଉଭା ହୋଇଥିଲେ। ସେ ତିନୋଟି ଦିନିକିଆରେ ୧୧୯.୫୦ ହାରାହାରି ୨୩୯ ରନ କରିଥିଲେ, ଦୁଇଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସହିତ। ଡି କକ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜରେ ୩୦ଟି ଛକା ଏବଂ ଚୌକା ମାରିଥିଲେ, ଯେଉଁଥିରେ ୨୦ଟି ଚୌକା ଏବଂ ୧୦ଟି ଛକା ସାମିଲ ଥିଲା।

ଡି କକ ଧୋନିଙ୍କ ବିଶ୍ୱ ରେକର୍ଡର ସମକକ୍ଷ। ଅବସରରୁ ଫେରିବା ପରେ ଏହା ତାଙ୍କର ପ୍ରଥମ ଦିନିକିଆ ସିରିଜ ଥିଲା ଏବଂ ସେ ଜଣେ ୱିକେଟକିପର-ବ୍ୟାଟସମ୍ୟାନ ଭାବରେ ଏକ ଦୃଢ଼ ପ୍ରଦର୍ଶନ କରିଥିଲେ। ଡି କକଙ୍କ ଏହି ସଫଳତା ତାଙ୍କୁ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲା। ସେ ଜଣେ ୱିକେଟକିପର-ବ୍ୟାଟସମ୍ୟାନ ଭାବରେ ଦିନିକିଆରେ ସର୍ବାଧିକ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ଜିତିବା ପାଇଁ ଧୋନିଙ୍କ ବିଶ୍ୱ ରେକର୍ଡର ସମକକ୍ଷ ହୋଇଥିଲେ।

ୱିକେଟକିପର-ବ୍ୟାଟସମ୍ୟାନ ଏମଏସ ଧୋନି, ୭ ଥର ସହିତ ଦିନିକିଆ କ୍ରିକେଟରେ ସର୍ବାଧିକ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ଜିତିଥିଲେ। ସେ ତାଙ୍କ କ୍ୟାରିୟରରେ ଖେଳାଯାଇଥିବା ୩୫୦ଟି ମ୍ୟାଚ ରେ ଏହି ସଫଳତା ହାସଲ କରିଥିଲେ। ଏବେ, କ୍ୱିଣ୍ଟନ ଡି କକ ଧୋନିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ସେ ପାକିସ୍ତାନ ବିପକ୍ଷରେ ତାଙ୍କ ଦିନିକିଆ କ୍ୟାରିୟରରେ ୭ମ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ମଧ୍ୟ ଜିତିଛନ୍ତି। ତଥାପି, ଡି କକ ୧୫୯ଟି ମ୍ୟାଚ ରେ ୭ଟି ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ଜିତିଛନ୍ତି।

## ୯୧ତମ ଗ୍ରାଣ୍ଡମାଷ୍ଟର ହେଲେ ରାହୁଲ

**ନୂଆଦିଲ୍ଲୀ**

ଭାରତୀୟ ଚେସ୍ ଖେଳାଳି ରାହୁଲ ଭି.ଏସ୍ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଗୋଟିଏ ରାଉଣ୍ଡର ଖେଳ ବାକିଥାଇ ୬ଷ୍ଠ ଆସିଆନ ଇଣ୍ଡିଭିଜୁଆଲ ଚାମ୍ପିୟନସିପ୍ ଜିତିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୧ ବର୍ଷୀୟ ରାହୁଲ ହେଉଛନ୍ତି ଏସିଆନ ଜୁନିୟର ଚାମ୍ପିୟନ। ୨୦୨୧ରେ ଇଣ୍ଟରନ୍ୟାସନାଲ ମାଷ୍ଟର ଟାଇଟଲ ଜିତିଥିଲେ। ସେତେବେଳେ ସେ ୨୪୦୦ ଲାଇଭ୍ ରେଟିଂ ଅତିକ୍ରମ କରିବା ପୂର୍ବରୁ ତାଙ୍କର ଚତୁର୍ଥ ଓ ପଞ୍ଚମ ଆଇଏମ୍ ନର୍ମ ହାସଲ କରିଥିଲେ। ରାହୁଲ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହେବା ପରେ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ସଭାପତି ନୀତୀନ ନାରଙ୍ଗ ତାଙ୍କୁ ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ କୃତଜ୍ଞତା ଜଣାଇଛନ୍ତି। କିଛି ସପ୍ତାହ ମଧ୍ୟରେ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିବାରେ ରାହୁଲ ହେଉଛନ୍ତି ଭାରତର ଦ୍ୱିତୀୟ ଚେସ୍ ଖେଳାଳି। ଅକ୍ଟୋବର ୩୦ରେ ଅନ୍ୟ ଜଣେ ଯୁବ ପ୍ରତିଭା ଇଲମପାର୍ଥି ଏ.ଆର ଏହି ସଫଳତା ହାସଲ କରିଥିଲେ।



# ୨୦୨୬ ଆଇପିଏଲରେ ଖେଳିବା ପାଇଁ ଏମଏସ ଧୋନିଙ୍କୁ ମିଳିବ ୪ କୋଟି ଟଙ୍କା

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗସକୁ ପାଞ୍ଚଥର ଆଇପିଏଲ ଟାଇଟଲ ଦେଇଥିବା ଅଭିଜ୍ଞ ୱିକେଟ କିପର-ବ୍ୟାଟ୍‌ସମ୍ୟାନ ମହେନ୍ଦ୍ର ସିଂହ ଧୋନି ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଆଉ ଏକ ସିଜିନ ଖେଳିବେ। ଚେନ୍ନାଇ ସୁପର କିଙ୍ଗସର ସିଇଓ କାସି ବିଶ୍ୱନାଥନ ଏହା ନିଶ୍ଚିତ କରିଛନ୍ତି। ଆଇପିଏଲ ୨୦୨୫ ପରଠାରୁ ଏପରି କଳ୍ପନାଜଳ୍ପନା କରାଯାଉଛି ଯେ ଧୋନି ଆଇପିଏଲ ୨୦୨୬ ପୂର୍ବରୁ ଅବସର ନେଇପାରନ୍ତି, କିନ୍ତୁ ଏବେ ସେ ଆଇପିଏଲ ୨୦୨୬ରେ ପୁଣି ଥରେ ଯୋଗଦେବେ।



ଆଇପିଏଲ ୨୦୨୫ ମେଗା ନିଲାମ ପୂର୍ବରୁ, ଏମଏସ୍ ଧୋନି ଜଣେ ଅନକ୍ୟାପ୍ଡ ଖେଳାଳି ଭାବରେ ଦଳ ସହିତ ରହିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଏବେ ସେ ଆଇପିଏଲ ୨୦୨୬ରେ ମଧ୍ୟ ଚେନ୍ନାଇ ସୁପର କିଙ୍ଗସ ସହିତ ରହିବେ। ଯେତେବେଳେ ମେଗା ନିଲାମ ହୋଇଥିଲା, ଖେଳାଳିମାନଙ୍କ ଚୁକ୍ତିନାମା ତିନି ବର୍ଷ ପାଇଁ ଥିଲା, ଏବଂ ଯଦି ସେମାନଙ୍କୁ ରିଟେଣ୍ଡ କରାଯାଏ, ତେବେ ସେମାନେ ଲଗାତାର ତିନୋଟି ସିଜନ ପାଇଁ ସମାନ ପରିମାଣ ପାଇବେ। ଗତ ସିଜନରେ, ସିଏସକେ ଧୋନିଙ୍କୁ ୪ କୋଟିରେ ରିଟେଣ୍ଡ କରିଥିଲା, ତେଣୁ ସିଏସକେ କିମ୍ବଦନ୍ତୀ ଆଗାମୀ ସିଜନରେ ସମାନ ଦରମା ପାଇବେ ବୋଲି ଆଶା କରାଯାଉଛି। ଲିଗ୍‌ରେ ଏକଦା ସର୍ବାଧିକ ରୋଜଗାର କରୁଥିବା ଖେଳାଳି ଏମଏସ ଧୋନି ଏବେ ଆଇପିଏଲରେ ସବୁଠାରୁ କମ୍ ଦରମା ପାଇଥିବା ଖେଳାଳିଙ୍କ ମଧ୍ୟରୁ ଜଣେ। ଏମଏସ ଧୋନି ଏବଂ ସିଏସକେ ମଧ୍ୟରେ ସମ୍ପର୍କ ବହୁତ ସ୍ୱତନ୍ତ୍ର, ପ୍ରଥମ ସିଜନରୁ ଯେତେବେଳେ ଫ୍ରାଞ୍ଚାଇଜ ତାଙ୍କୁ ୬ କୋଟିରେ କିଣିଥିଲା। ସେବେଠାରୁ ସିଏସକେ ଏବଂ ଏମଏସଡି ଉଭୟ ଆଇପିଏଲରେ ବହୁତ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ ସିଜନରେ ଦଳକୁ ଫାଇନାଲରେ ନେତୃତ୍ୱ ନେଇଥିଲେ ଏବଂ ତା'ପରେ ୨୦୧୦ ଏବଂ ୨୦୧୧ ସିଜନରେ ଲଗାତାର ଟାଇଟଲ ଜିତିବାରେ ସାହାଯ୍ୟ କରିଥିଲେ। ତାଙ୍କ ମାର୍ଗଦର୍ଶନରେ, ଦଳ ଅନେକ ଥର ଫାଇନାଲରେ ପହଞ୍ଚିଥିଲା ଏବଂ ୨୦୧୮ ସିଜନରେ ତୃତୀୟ ଟାଇଟଲ ଜିତିଥିଲା।

ଫ୍ରାଞ୍ଚାଇଜ ୨୦୨୧ ଏବଂ ୨୦୨୩ ସିଜନରେ ଆଉ ଦୁଇଟି ଆଇପିଏଲ ଟାଇଟଲ ଜିତିଥିଲା, ଯାହା ଫଳରେ ଧୋନି ରୋହିତ ଶର୍ମାଙ୍କ ପରେ ପାଞ୍ଚଟି ଆଇପିଏଲ ଟାଇଟଲ ଜିତିଥିବା ଦ୍ୱିତୀୟ ଅଧିନାୟକ ହୋଇଥିଲେ। ଗତ ସିଜିନରେ, ଯେତେବେଳେ ଅଧିନାୟକ ଋତୁରାଜ ଗାୟକ୍ୱାଡ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଥିଲେ, ସିଏସକେ ପୁଣି ଥରେ ଧୋନିଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିଥିଲା।

# ମନ୍ଧାନାଙ୍କ ଠାରୁ ବି କମ୍ ଟଙ୍କା ପାଉଛନ୍ତି ବାବର ଆଜମ୍

**ନୂଆଦିଲ୍ଲୀ**

ଅଭିଜ୍ଞ ପାକିସ୍ତାନୀ ବ୍ୟାଟ୍ସମ୍ୟାନ ବାବର ଆଜମଙ୍କୁ ଥରେ ଭାରତୀୟ ଷ୍ଟାର ବିରାଟ କୋହଲିଙ୍କ ପରି ବିଶ୍ୱସ୍ତରୀୟ ଖେଳାଳିଙ୍କ ସହ ତୁଳନା କରାଯାଉଥିଲା। ତଥାପି ବାବରଙ୍କ ଫର୍ମ ସମ୍ପ୍ରତି ହ୍ରାସ ପାଇଛି। ସେ ଗତ ୮୦ ଇନିଂସରେ କୌଣସି ଅନ୍ତର୍ଜାତୀୟ ଶତକ ମାରି ନାହାନ୍ତି। ଏହି ଖରାପ ଫର୍ମ ଯୋଗୁଁ, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) କେନ୍ଦ୍ରୀୟ ଚୁକ୍ତିନାମାରେ ବାବରଙ୍କୁ 'ଏ' ବର୍ଗରୁ 'ବି' ବର୍ଗକୁ ଅବନତି କରିଛି। ଫଳସ୍ୱରୂପ ବାବରଙ୍କ ରୋଜଗାର ବହୁତ ହ୍ରାସ ପାଇଛି। ବିରାଟ କୋହଲିଙ୍କୁ ଭୁଲିଯାଆନ୍ତୁ, ବାବର ଏବେ ରୋଜଗାର ଦୃଷ୍ଟିରୁ ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନାଙ୍କଠାରୁ ମଧ୍ୟ ବହୁତ ପଛରେ ଅଛନ୍ତି। ଯଦି ବାବରଙ୍କ ପରି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରୋଜଗାର ଦୃଷ୍ଟିରୁ ଏପରି ସ୍ଥିତିରେ ଅଛନ୍ତି,



ତେବେ ଆପଣ ଅନ୍ୟ ପାକିସ୍ତାନୀ ଖେଳାଳିଙ୍କ ଅବସ୍ଥା କଳ୍ପନା କରିପାରିବେ।

ବର୍ତ୍ତମାନ ପିସିବି ବାବର ଆଜମଙ୍କୁ ପ୍ରତି ମାସରେ ୩୦୦,୦୦୦ ପାକିସ୍ତାନୀ ଟଙ୍କା ଦିଏ। ତାଙ୍କ କେନ୍ଦ୍ରୀୟ ଚୁକ୍ତି ଅନୁଯାୟୀ, ବାବର ପାକିସ୍ତାନ କ୍ରିକେଟ ବୋର୍ଡରୁ ବାର୍ଷିକ ୩୬ ନିୟୁତ ଟଙ୍କା ପାଆନ୍ତି, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୧୧.୩ ନିୟୁତ ଟଙ୍କା। ତଥାପି ମ୍ୟାଚ ଫି' ଦୃଷ୍ଟିରୁ ମନ୍ଧାନା ବାବରଙ୍କ ତୁଳନାରେ ତିନି ଗୁଣ ଅଧିକ ରୋଜଗାର କରନ୍ତି।

ବାବର ଆଜମ ଏକ ଟେଷ୍ଟ ମ୍ୟାଚ୍ ଖେଳିବା ପାଇଁ ପସିବି ଠାରୁ ୩୯୪,୦୦୦ ଟଙ୍କା ପାଆନ୍ତି। ତଥାପି, ମନ୍ଧାନା ପ୍ରତି ଟେଷ୍ଟ ମ୍ୟାଚ ପାଇଁ ୧୫୦,୦୦୦ ଟଙ୍କା ରୋଜଗାର କରନ୍ତି, ଯାହା ପୁରୁଷ ଦଳ ପାଇଁ ସମାନ। ବାବର ପ୍ରତି ଓଡିଆଇ ଏବଂ ଟି୨୦ ମ୍ୟାଚ ପାଇଁ ଯଥାକ୍ରମେ ୨୦୦,୦୦୦ ଟଙ୍କା ଏବଂ ୧୩୨,୦୦୦ ଟଙ୍କା ପାଆନ୍ତି। ମନ୍ଧାନା ପ୍ରତି ଓଡିଆଇ ଏବଂ ଟି୨୦ ମ୍ୟାଚ ପାଇଁ ୬୦୦,୦୦୦ ଟଙ୍କା ରୋଜଗାର କରନ୍ତି, ଯାହା ପୁରୁଷ ଦଳ ପାଇଁ ସମାନ। ଗୋଟିଏ ବର୍ଷରେ ଖେଳାଯାଇଥିବା ମ୍ୟାଚ ସଂଖ୍ୟାକୁ ବିଚାର କଲେ, ମନ୍ଧାନାଙ୍କ ମ୍ୟାଚ ଫି' ପ୍ରାୟ ୧୦ ନିୟୁତ ଟଙ୍କା ହୋଇଥାଏ।

ବାବର ପାକିସ୍ତାନ ସୁପର ଲିଗ୍‌ରେ ଖେଳିବା ପାଇଁ ବାର୍ଷିକ ପ୍ରାୟ ୧୮ ନିୟୁତ ରୋଜଗାର କରନ୍ତି, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୬ ନିୟୁତ ହୋଇଥାଏ। ବିଗ ବ୍ୟାସ ଲିଗ (ବିବିଏଲ)ରୁ ସେ ଯେଉଁ ୩୧.୫ ନିୟୁତ ରୋଜଗାର କରନ୍ତି ତାହା ମିଶାଇଲେ ମୋଟ ୩୭.୫ ନିୟୁତ ହୁଏ।

ମହିଳା ପ୍ରିମିୟର ଲିଗ (ଡବ୍ଲୁପିଏଲ)ରେ ଖେଳିବା ପାଇଁ ଆରସିବି ସ୍ମୃତି ମନ୍ଧାନାଙ୍କୁ ବାର୍ଷିକ ୩୬ ନିୟୁତ ପ୍ରଦାନ କରେ। ସେ ଇଂଲଣ୍ଡର ଦି ହଣ୍ଡ୍ରେଡ ଏବଂ ବିଗ ବ୍ୟାସ ଲିଗରୁ ପ୍ରାୟ ୧୦ ନିୟୁତ ରୋଜଗାର କରନ୍ତି। ଲିଗରୁ ମନ୍ଧାନାଙ୍କ ବାର୍ଷିକ ଆୟ ପ୍ରାୟ ୪୬ ନିୟୁତ।

# ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣପୁରରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସିଂଢ଼ୋଲ୍ ଗ୍ରାମ ପଞ୍ଚାୟତର ଦକ୍ଷିଣପାଲି ଗ୍ରାମରେ ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଭୟ ପୁରୁଷ ଓ ମହିଳା ହକି ଦଳ ମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଉଦ୍‌ଘାଟନ ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ହକି ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଆମ ଦେଶର ଜାତୀୟ ଖେଳ ହକିର ବିକାଶ ଓ ଉନ୍ନତି ପାଇଁ ନିଆଯିବ ବୋଲି ଜିଲ୍ଲାପାଳ, ସୁବର୍ଣ୍ଣପୁର ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଏହି



ଛୋଟ ଗାଁ ଦକ୍ଷିଣପାଲି ଏବଂ ଅଞ୍ଚଳର ଜନସାଧାରଣଙ୍କ ହକି ଖେଳ ପ୍ରତି ଥିବା ଅନୁରକ୍ତି ଓ ପ୍ରୟାସକୁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅଞ୍ଚଳର ଯୁବକ ଯୁବତୀ, ଛାତ୍ରୀଛାତ୍ରୀ ଓ ଖେଳାଳିମାନଙ୍କୁ ବହୁ ସଂଖ୍ୟାରେ ହକି ଖେଳ ପ୍ରତି ଆକର୍ଷିତ ହୋଇ ହକି ଖେଳ ଖେଳିବା ପାଇଁ ଆହ୍ୱାନ ଦେବା ସହିତ ଅନୁରୋଧ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚରେ ଦୁଇଗୋଟି ପୁରୁଷ ହକି ଦଳ ଓ ଦୁଇଗୋଟି ମହିଳା ହକି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅବସରରେ ସରପଞ୍ଚ, ସିଂଢୋଲ ଗ୍ରାମ ପଞ୍ଚାୟତର ପ୍ରଦୀପ କୁମାର ଦେହୁରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପୁରୋହିତଙ୍କ ସମେତ ଅଞ୍ଚଳର ଜନସାଧାରଣ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର କ୍ରୀଡ଼ା ଶାଖାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମ କୁମାର ସାହୁ, ପରିଚାଳକ, ହକି ଦଳ, ସୋନପୁର ଉପରୋକ୍ତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଆୟୋଜନ କରିଥିଲେ।

## କେନ୍ଦ୍ରାପଡ଼ାରେ 'ବନ୍ଦେ ମାତରମ'ର ସାମୂହିକ ଗାନ ଏବଂ ସ୍ୱଦେଶୀ ଶପଥ ପାଠ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ବଙ୍କୀମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ରାଷ୍ଟ୍ର ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର ଆୟର ସମେତ ଅତିରିକ୍ତ ଜିଲ୍ଲାପାଳ,ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସାମୂହିକ ବନ୍ଦେ ମାତରଂ ଗାନ କରିଛନ୍ତି । ଏହା ସହିତ ସମସ୍ତ ବିଡ଼ିଓ ତହସିଲଦାର ଏବଂ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ସାମୁହିକ ଗାନ କରାଯାଇଥିଲା । ଏହା ସହିତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱଦେଶୀ ଶପଥ ପାଠ କରାଇଥିଲେ । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ପ୍ରାଥମିକତା ଏବଂ ଆଜିର ଯୁବପିଢ଼ି ଏବଂ ପିଲାମାନଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ପ୍ରେରଣା ଏବଂ ପରବର୍ତ୍ତୀ ପିଢ଼ିକି ଏହାର ଗୁରୁତ୍ୱ ଜଣାଇବା ଇତ୍ୟାଦି ବିଷୟ ଶପଥ ପାଠରେ ଉଲ୍ଲେଖ ରହିଥିଲା । 'ବନ୍ଦେ ମାତରମ'୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସହ ଅନ୍ୟ କାର୍ଯ୍ୟକ୍ରମକୁ ସିଧାପ୍ରସାରଣ କରାଯାଇଥିଲା ।

# ସଞ୍ଜୁ ସାମସନଙ୍କ ବଦଳରେ ରାଜସ୍ଥାନ ରୟାଲ୍ସର ଦାବିକୁ ସିଏସ୍‌କେର ପ୍ରତ୍ୟାଖ୍ୟାନ

**ମୁମ୍ବାଇ**

୨୦୨୬ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ପୂର୍ବରୁ ପାଞ୍ଚଥରର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପ୍ରଥମ ଆଇପିଏଲ୍ ବିଜେତା ରାଜସ୍ଥାନ ରୟାଲ୍ସ ମଧ୍ୟରେ ଏକ ବଡ଼ ଖେଳାଳି ଅଦଳବଦଳ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଛି।

ରିପୋର୍ଟ ଅନୁଯାୟୀ, ସିଏସ୍‌କେ ତା'ର ଷ୍ଟାର୍ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନଙ୍କ ସହ ବଦଳାଇବାକୁ ପ୍ରସ୍ତୁତ ଅଛି। ଉଭୟ ଖେଳାଳିଙ୍କ ମୂଲ୍ୟ ୧୮ କୋଟି ଟଙ୍କା ଥିବାରୁ ଏହା ଏକ ସିଧାସଳଖ ଖେଳାଳି ବଦଳ ହେବାର ସମ୍ଭାବନା ରହିଛି।

କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ରାଜସ୍ଥାନ ରୟାଲ୍ସ ଏହି ସିଧାସଳଖ ଅଦଳବଦଳ ପାଇଁ ରାଜି ନାହିଁ। ଜାଡେଜାଙ୍କ ସହିତ ସେମାନେ ସିଏସ୍‌କେର ଯୁବ ଦକ୍ଷିଣ ଆଫ୍ରିକୀୟ ବ୍ୟାଟର ଡେୱାଲ୍ଡ ବ୍ରେଭିସ୍‌ଙ୍କୁ କିମ୍ବା ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ସାମ କରନଙ୍କୁ ମଧ୍ୟ ଦାବି କରୁଛନ୍ତି।



ରାଜସ୍ଥାନର ଏହି ଅତିରିକ୍ତ ଦାବି ଚୁକ୍ତିକୁ ଚୂଡ଼ାନ୍ତ କରିବାରେ ଏକ ବଡ଼ ବାଧା ସୃଷ୍ଟି କରିପାରେ।

ଅନ୍ୟପକ୍ଷରେ, ସିଏସ୍‌କେ ତା'ର ଆଭିମୁଖ୍ୟରେ ଅଟଳ ରହିଛି। ସେମାନେ ଜାଡେଜାଙ୍କ ବଦଳରେ କୌଣସି ଅତିରିକ୍ତ ଖେଳାଳି, ବିଶେଷ କରି ବ୍ରେଭିସ୍‌ଙ୍କୁ ଏହି ଡିଲରେ ସାମିଲ କରିବାକୁ ରାଜି ନୁହନ୍ତି। ଫ୍ରାଞ୍ଚାଇଜ୍ ବିଶ୍ୱାସ କରେ ଯେ ବିଶ୍ୱର ଶ୍ରେଷ୍ଠ ଅଲରାଉଣ୍ଡରମାନଙ୍କ ମଧ୍ୟରୁ ଜଣେ ଥିବା ଜାଡେଜାଙ୍କୁ ଛାଡ଼ିବା ହିଁ ଏକ ବଡ଼ ରିସ୍କ। ଟ୍ରେଡ୍ ଆଲୋଚନା ଆରମ୍ଭ କରିବା ପୂର୍ବରୁ ୩୬ ବର୍ଷୀୟ ଜାଡେଜାଙ୍କ ସହ ମଧ୍ୟ ପରାମର୍ଶ କରାଯାଇଥିବା ସୂଚନା ମିଳିଛି।

ରବୀନ୍ଦ୍ର ଜାଡେଜା ବର୍ଷ ବର୍ଷ ଧରି ସିଏସ୍‌କେର ସଫଳତାର ମୁଖ୍ୟ ସ୍ତମ୍ଭ ହୋଇ ରହିଛନ୍ତି। ଆଇପିଏଲ୍ ୨୦୨୩ ଫାଇନାଲରେ ଶେଷ ଦୁଇଟି ବଲରେ ୧୦ ରନ୍ କରି ଦଳକୁ ବିଜୟ ଦେବାର ତାଙ୍କ ବୀରତ୍ୱ ସିଏସ୍‌କେ ଇତିହାସର ସବୁଠାରୁ ଆଇକନିକ୍ ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ।

# ଖୋର୍ଦ୍ଧା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଗ୍ରୀନ ଏକାଦଶ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ଖୋର୍ଦ୍ଧା ସ୍କୁଲ ସମୂହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ ଏବଂ କୈଶିକ ମହାନ୍ତି ଙ୍କ ୨୨ ରନ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ ରନ କରିଥିଲେ। ଗ୍ରୀନ ପକ୍ଷରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ ସହିତ ୩୪ ରନର ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ଦେବାଶୁଂ ଜେନାଙ୍କ ୬୨ ରନ ସାଇ ସ୍ମୃତି ଙ୍କ ୨୯ ରନ ୩୩.୧ ଓଭରରେ ୪ ଟି ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧ୍ୟକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍ଘାଟନ କରିଥିଲେ। ଖେଳ ଟିକୁ ପରିଚାଳନା କରୁଥିଲେ ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ୍ ଖାଁ ସ୍କୋରର ଦାୟିତ୍ୱରେ ସୁଶିଲ ସୁନ୍ଦରାୟ ଏବଂ ମ୍ୟାଚ ରେଫରୀ ଦାୟିତ୍ୱ ସରୋଜ ପାତ୍ର ତୁଲାଇଥିଲେ ।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ଖୋ-ଖୋ ପ୍ରତିଯୋଗୀତା -୨୦୨୫

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ଦିବା ୩ ଘଟିକା ସମୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି କେନ୍ଦୁଝର ପୌରପାଳିକାର ଅଧକ୍ଷା ନିକୁ ସାହୁ , ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ମନ୍ଦରଧର ମହାଲିକ ଙ୍କ କରକମଳରେ ମା ତାରିଣୀ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଉତ୍ତୋଳନ କରାଯାଇ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏଥିରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ , ଶ୍ରୀକାନ୍ତ କୁମାର ବେହେରା, ରୁଦ୍ର ନାରାୟଣ ସାମଲ, ଜିଲ୍ଲା କ୍ରିଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଚିନ୍ମୟ କୁମାର ରାଉତ ଓଁକାର ଅନ୍ୱେଶ,ସଦ୍ୟଶମାନ ପଣ୍ଡା ହରିହର ଦଳାଇ ,ଓଷ୍ଟା କେନ୍ଦୁଝରର ସଭାପତି ମନ୍ମଥନାଥ ମହାନ୍ତ ,ଓଷ୍ଟା କେନ୍ଦୁଝରର ସଂପାଦକ ରଂଜନ କୁମାର ଘଡ଼େଇ , ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଓ ପୂର୍ବତନ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ହଳଧର ମହାନ୍ତ ମହୋଦୟ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ରଂଜନ କୁମାର ଘଡ଼େଇ ଓଷ୍ଟ କେନ୍ଦୁଝରର ସଂପାଦକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ହଳଧର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା, ମୁଖ୍ୟ ଅତିଥି ରାଜ୍ୟର ୩୧ ଜିଲ୍ଲାରୁ ଆସିଥିବା ୮୦୬ ଜଣ ପ୍ରତିଯୋଗୀମାନଙ୍କୁ କ୍ରିଡାର ଆବଶ୍ୟକତା ଓ ପ୍ରସାର କ୍ଷେତ୍ରରେ ପ୍ରତିଯୋଗୀ ମାନଙ୍କର ବଳିଷ୍ଠ ଉଦ୍ୟମ କିପରି ରାଜ୍ୟ ତଥା ଦେଇ ପାଇଁ ଦରକାର ସେ କଥା ଅଭିଭାଷଣ ରଖିଥିଲେ । ସର୍ବ ଶେଷରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ସମସ୍ତ ନିମନ୍ତ୍ରିତ ଅତିଥି , ପ୍ରତିଯୋଗୀ ରାଜ୍ୟରୁ ଆସିଥିବା ସମସ୍ତ ଅଫିସିଆଲ , ଆମ ଜିଲ୍ଲାର ନିୟୋଜିତ ହୋଇଥିବା ଶାରିରୀକ ଶିକ୍ଷକ / ଶିକ୍ଷୟତ୍ରୀ, ଉପସ୍ଥିତ ଥିବା ସମସ୍ତ ପ୍ରଧାନ ଶିକ୍ଷକ / ଶିକ୍ଷୟତ୍ରୀ , ଶିକ୍ଷା କର୍ମଚାରୀ ତଥା ସାମ୍ବାଦିକ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଶିଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ପାଟଣା ରାଜ୍ୟର ଇଷ୍ଟଦେବୀ ମା'ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ ମସିହାରୁ ୨୦୨୫ କୁ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁଆରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ କୁ ସୂଚନା ପ୍ରଦାନ କରିଛି । ଗତ ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏ ଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ । ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ ଗୋଟି ଦାବି ପ୍ରଦାନ କରିଛି । ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବା ହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମା'ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିତ୍ତଳ ଛାଉଣି ଲଗାଇବା ପାଇଁ ଦାବି । ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମା'ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ । କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିରର ବୁଦ୍ଧିଜିବିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ । ରାଜ୍ୟର



ମହାମହିମ ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ଏହି ଅବସରରେ କମିଟି ନିଷ୍ପତ୍ତି ଅନୁଯାୟୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ପୂର୍ବତଟ ରେଳପଥ ସାମୂହିକ ସଂଗୀତ କାର୍ଯ୍ୟକ୍ରମ ସହିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ କରିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଭୁବନେଶ୍ୱରର ରେଳ ସଦନରେ ପ୍ରତୀକାତ୍ମକ ଜାତୀୟ ଗୀତର ଏକ ସାମୂହିକ ଗାନ ମାଧ୍ୟମରେ ଗଭୀର ଦେଶପ୍ରେମ ଉତ୍ସାହ ଏବଂ ଶ୍ରଦ୍ଧାର ସହିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ କରିଛି। ଅଧିକାରୀ, କର୍ମଚାରୀ ଏବଂ ସ୍କୁଲ ପିଲାମାନଙ୍କ ସାମୂହିକ ସ୍ୱରରେ 'ବନ୍ଦେ ମାତରମ୍' ଗାନ ସହିତ ଉତ୍ତର ବ୍ଲକର ଅଳିନ୍ଦ ପ୍ରକମ୍ପିତ ହୋଇଥିଲା। ଏହି ଉତ୍ସାହଜନକ ପରିବେଷଣ ପରିବେଶକୁ ଭାବନା ଏବଂ ଗର୍ବରେ ପରିପୂର୍ଣ୍ଣ କରିଥିଲା, ଭାରତ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା ଏବଂ ଏହି ଗୀତରେ ଥିବା ଏକତା, ଭକ୍ତି ଏବଂ ତ୍ୟାଗର ଭାବନାକୁ ପ୍ରତିଫଳିତ କରିଥିଲା। ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ମହାପ୍ରବନ୍ଧକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଭାରତର ସ୍ୱାଧୀନତା



ଏବଂ ଜାତୀୟ ପରିଚୟର ଏକ କାଳଜୟୀ ଗୀତ ଭାବରେ 'ବନ୍ଦେ ମାତରମ୍'ର ସ୍ଥାୟୀ ଐତିହ୍ୟକୁ ପୁନଃନିର୍ମାଣ କରିଥିଲେ। ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଏହି ଅମର ଗୀତରୁ ଶକ୍ତି ଏବଂ ପ୍ରେରଣା ପାଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମାବେଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ଏହି ଅବସରରେ ଯୁବ ଉତ୍ସାହ ବୃଦ୍ଧି କରିଥିଲେ, ସେତେବେଳେ ରେଳ ସଦନର ତ୍ରିରଙ୍ଗା ସାଜସଜ୍ଜା ଏବଂ ଦେଶପ୍ରେମର ପରିବେଶ ଏକ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମ ଭାରତର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ପ୍ରତି କୃତଜ୍ଞତା ଏବଂ ଗର୍ବର ଏକ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି ଭାବରେ କାର୍ଯ୍ୟ କରିଥିଲା। ଗଣ ଗାନ ପରେ, ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେ, ଭାରତର ଏକତା ଏବଂ ଶକ୍ତିର ପ୍ରତୀକ ଭାବରେ 'ବନ୍ଦେ ମାତରମ୍'ର ଐତିହାସିକ ମହତ୍ତ୍ୱ ଏବଂ ଭାବପ୍ରବଣ ଶକ୍ତି ଉପରେ ପ୍ରତିଫଳିତ କଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, କର୍ମଚାରୀ, ସ୍କୁଲ ପିଲା ଏବଂ ଅନ୍ୟମାନେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଦେଶପ୍ରେମ ଗର୍ବର ସହିତ ଶୁଣିଥିଲେ। ତାଙ୍କର ପ୍ରେରଣାଦାୟକ ବାଣୀ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଜାତୀୟତାବାଦ ଏବଂ ସାମୂହିକ ପ୍ରତିବଦ୍ଧତାର ଭାବନାକୁ ଆହୁରି ଗଭୀର କରିଥିଲା। ପୂର୍ବ ତଟ ରେଳପଥ ଅଧୀନରେ ଥିବା ସମସ୍ତ ଡିଭିଜନ, କର୍ମଶାଳା ଏବଂ ବିଭିନ୍ନ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଗୀତଟିକୁ ଷ୍ଟେସନଗୁଡ଼ିକରେ ମଧ୍ୟ ପରିବେଷଣ କରାଯାଇଥିଲା, ଯାହା ଦ୍ୱାରା ଯାତ୍ରୀ ଏବଂ ରେଳ କର୍ମଚାରୀମାନେ ଜାତୀୟ ଗର୍ବ ଏବଂ ଏକତାର ମୁହୂର୍ତ୍ତରେ ନିଜର ଯୋଗଦାନ ଦେଇପାରିବେ। ସମଗ୍ର ଜୋନରେ ଏହାର ଏକକାଳୀନ ପାଳନ ଦିନଟିକୁ ସାମୂହିକ ଭାବନା ଏବଂ ଦେଶପ୍ରେମ ଭକ୍ତିର ଏକ ଉତ୍ସବ ଭାବରେ ପରିଣତ କରିଥିଲା, ଯାହା 'ରାଷ୍ଟ୍ର ପ୍ରଥମ, ସର୍ବଦା ପ୍ରଥମ' ଆଦର୍ଶକୁ ପୁନଃନିର୍ମାଣ କରିଥିଲା।

## ଇଣ୍ଟରନ୍ୟାସନାଲ ଗୀତା ମିଶନର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

# ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ଚଳିତବର୍ଷ ତାହର ସପ୍ତମ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ମହାସମାରୋହରେ ପାଳନ କରିଅଛି । ଅନୁଷ୍ଠାନର ସଭାପତି ଡକ୍ଟର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଗୀତା ଏକ ଧର୍ମଶାସ୍ତ୍ର ନୁହଁ ବରଂ ଏହା ସମଗ୍ର ବିଶ୍ୱ ପାଇଁ ଏକ ମାନବୀୟ ସମ୍ବିଧାନ ଅଟେ । ଗୀତାର ମାର୍ଗଦର୍ଶନ ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥାନ ନିର୍ବିଶେଷରେ ସମସ୍ତ ମଣିଷମାନଙ୍କ ପାଇଁ ଉଦ୍ଦିଷ୍ଟ । ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ। ଏକ ଦିବସାତ୍ମକ ଗୀତା ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ପ୍ରଦାନ କରିଥିଲେ । ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ଦୈନିକ ଖବର କାଗଜ ପ୍ରଗତିବାଦିର କାର୍ଯ୍ୟକାରୀ ସମ୍ପାଦକ ଶ୍ରୀଯୁକ୍ତ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ବେଦବିଦ୍ୱାନ ଡକ୍ଟର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦାନ କରିଥିଲେ । ଡକ୍ଟର ସ୍ୱପ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶ୍ରୀଯୁକ୍ତ ଶଙ୍କର୍ଷଣ ରାଉତ ଅନୁଷ୍ଠାନର ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ପାଠ କରିଥିବା ବେଳେ ଡ.ଧୃତିଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ମିଶନର ଏହି ଉତ୍ସବରେ ସର୍ବଶ୍ରୀ ଅନୁପ ଦେ, ସଞ୍ଜୟ ରାଉତ, ଜ୍ୟୋତିରଞ୍ଜନ ଦାଶ, ସତ୍ୟଜିତ ଦାଶ,ସ୍ୱପ୍ନଜିତ ଦାଶ, ଝରଣାବାଳା ଦାସ, ରଶ୍ମିତା ରଥ, ଜ୍ୟୋତ୍ସ୍ନାରାଣୀ ରଥ, ନମିତା ଦାସ, ଭୁବନେଶ୍ୱରୀ ବରିସାଲ, ରେଣୁକା ରାଉତ ଓ ନିରଞ୍ଜନ ସୁତାର ପ୍ରମୁଖ ସହଯୋଗ କରିଥିଲେ ।

# ଇନ୍ଦିରା ପଟ୍ଟନାୟକଙ୍କ ଏକାଦଶାହରେ ସ୍ମୃତିଚାରଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ସ୍ୱର୍ଗୀୟା ଇନ୍ଦିରା ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ୟୁନିଟ୍-୩ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ବହୁ ବିଶିଷ୍ଟ ରାଜନେତାଙ୍କଠାରୁ ଆରମ୍ଭକରି ସମାଜସେବୀ ଓ ସାମ୍ବାଦିକମାନେ ଯୋଗଦେଇ ସ୍ୱର୍ଗୀୟା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ପ୍ରଫୁଲ୍ଲ ସାମଲ, ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଅତନୁ ସବ୍ୟସାଚୀ ନାୟକ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ଏମ୍‌ପି ତଥା କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂ, ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ ସାହୁ, ବିଧାୟକ ବାବୁ ସିଂ, ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ରଞ୍ଜୁଲତା ରାୟ, ବିଜେପି ନେତା ସୁଦୀପ୍ତ ରାୟ, ବିଜେଡ଼ି ନେତା ବିଜୟ ନାୟକ, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋୟୀ, କଂଗ୍ରେସ ନେତା ନରେନ୍ଦ୍ର ମିଶ୍ର, ପ୍ରମେୟର ସମ୍ପାଦକ ଗୋପାଳ ମହାପାତ୍ର, ଦେବୀ ପଟ୍ଟନାୟକ, କେ. ରବି, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଦ୍ୟୁମ୍ନ ଶତପଥୀ, ସନତ ମିଶ୍ର, ମାଧବ ବେଉରା, ପପୁ ମହାନ୍ତି, ବିବେକ ଜେନା, ଗୁରୁକଲ୍ୟାଣ ମହାପାତ୍ର, ପ୍ରଭୁ କଲ୍ୟାଣ ମହାପାତ୍ର, ଅଶୋକ ଦାସ, ସତ୍ୟ ରାୟ, ଅରବିନ୍ଦ ରାଉତରାୟ, କିଶୋର ମଙ୍ଗରାଜ, ଓଡ଼ିଶା ଭାସ୍କରର ସିଇଓ କୌସ୍ତୁଭ ଦାସ, ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀଧର ମାର୍ଥା, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ ସାମଲ, କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବିଜେଡି ନେତା ତନ୍ମୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଏହି ସ୍ମୃତିସଭାରେ ସ୍ୱର୍ଗୀୟା ପଟ୍ଟନାୟକଙ୍କ ସ୍ୱାମୀ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ପୁତ୍ର ପରାଗ ପଟ୍ଟନାୟକ ଓ ପୁତ୍ରବଧୂ ସଂସ୍କୃତି ଅନୁରାଗିଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଅଧିକାରୀ ଶାସକ ଦଳ ପାଇଁ କାମ କରୁଛନ୍ତି : ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଉପନିର୍ବାଚନ। ପ୍ରଚାରରେ କମ୍ପୁଛି ପୁରା ନୂଆପଡ଼ା । ଏହିକ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜୁ ଜନତା ଦଳ । ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ସହିଂତା ଭାଙ୍ଗୁଛନ୍ତି ।



ବିଜେଡି ଆହୁରି ମଧ୍ୟ କହିଛି ଯେ, ଶୁକ୍ରବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାରକୁ ଆସିଥିଲେ । ଯେଉଁଥିରେ ଭୟଭୀତ ହୋଇ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଯାଇଛନ୍ତି। ଏହି ଗସ୍ତ ପାଇଁ ଖରିଆର ରୋଡ୍‌କୁ କାହିଁକି ବ୍ଲକ କରାଗଲା । ନୂଆପଡ଼ା ଜିଲ୍ଲାପାଳ, ଏସ୍‌ପି ଓ ଆଇଜି ହିମାଂଶୁ ଲାଲ୍ ସରକାରୀ ଦଳ ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ ଆଣିଛି ବିଜେଡି । ଗତ ଶୁକ୍ରବାର ଜାଣିଶୁଣି ବିନା କାରଣରେ ବିମାନବନ୍ଦରରେ ନବୀନ ପଟ୍ଟନାୟକଙ୍କୁ ବ୍ଲକ କରାଗଲା । ଯେଉଁଥି ପାଇଁ ତାଙ୍କ ଗୋଡ଼ରେ ଆଘାତ ଲାଗିଲା । ତାଙ୍କ ସଭାରୁ କିପରି ଲୋକ ପଳାନ୍ତୁ, ସେହି ଚକ୍ରାନ୍ତ କରାଯାଇଥିଲା। ହେଲେ ନୂଆପଡ଼ାବାସୀ ନବୀନଙ୍କୁ ନିଜ ଭଲ ପାଇବା ଅଜାଡ଼ି ଦେଇଥିଲେ। ସେହିପରି ଗଞ୍ଜାମର ଏକ ସ୍କୁଲ କିରାଣୀ ରଞ୍ଜିତ ପାତ୍ର ନୂଆପଡ଼ା ଯାଇ ବିଜେପି ଲାଗି ପ୍ରଚାର କରୁଛନ୍ତି । ରଞ୍ଜିତ ଜଣେ ବିଜେପି ବିଧାୟକଙ୍କ ସଂପର୍କୀୟ ବୋଲି ଶୁଣିବାକୁ ମିଳିଛି। ଯଦି ଏହା ସତ, ତେବେ ସାଙ୍ଘାତି କଥା। ନିଜ ପରିବାର ଓ ସରକାରୀ କଳକୁ ଲଗାଇ ଭୋଟ ହାତେଇବାକୁ ବିଜେପି ଚେଷ୍ଟା କରୁଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସରକାରୀ ଅଧିକାରୀ ଯେପରି ବିଜେପି ନେତାଙ୍କ ସହ ଉପନିର୍ବାଚନରେ ନ ସାମିଲ ହୁଅନ୍ତୁ। ସେନେଇ ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛି ବିଜେଡି ।

# ବିଧାୟକ, ସାଂସଦଙ୍କ ଅନୁମୋଦନ ପାଣ୍ଠିର ପୋର୍ଟାଲ ବ୍ୟବହାରର ପ୍ରଶିକ୍ଷଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବିଧାୟକ ଓ ସାଂସଦଙ୍କ ଅନୁମୋଦନ ପାଣ୍ଠିର ପୋର୍ଟାଲର ବ୍ୟବହାର ସଂପର୍କରେ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଅଧିକାରିଣୀ ଆରତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାରେ ୯ଟି ବ୍ଲକ ଓ ୨ଟି ପୌରାଂଚଳର ସହକାରୀ ଯନ୍ତ୍ରୀ ଓ ପୌରସଂସ୍ଥାର ଯନ୍ତ୍ରୀ ବ୍ଲକର ପୋଗ୍ରାମ ଅଫିସର, ବଡବାବୁ, ଡିଆରଡିଏ ଅର୍ଥ ବିଭାଗର ପୋଗ୍ରାମ ମ୍ୟାନେଜର୍, କୋଷାଧ୍ୟକ୍ଷ ସମେତ ସମସ୍ତ ଅଧିକାରୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଧାୟକ ପାଣ୍ଠିର ନୂତନ ପୋର୍ଟାଲର ବ୍ୟବହାର ସଂପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏଥିସହିତ ସାଂସଦଙ୍କ ଇ-ସାକ୍ଷି ପୋର୍ଟାଲର ବ୍ୟବହାର ସଂପର୍କରେ ପ୍ରଶିକ୍ଷଣ




ଦିଆଯାଇଥିଲା। ଭୁବନେଶ୍ୱରର ଇଏସ୍‌ଡିଏସ୍‌ର ଏକ ସ୍ୱତନ୍ତ୍ର ଟେକ୍ନିକାଲ୍ ଦଳ ଏହି ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାଂସଦ ଓ ବିଧାୟକଙ୍କ ସମସ୍ତ ଅନୁମୋଦନ ପାଣ୍ଠିର ଆୟ, ବ୍ୟୟ ଯୋଜନାର ସମସ୍ତ ବିବରଣୀ ଏହି ପୋର୍ଟାଲରେ ରହିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଅର୍ଥ ବିଶେଷଜ୍ଞ ନିମାଇଁ ମହାପାତ୍ର ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆପଡ଼ା ଉପନିର୍ବାଚନ...

ଅବଧି ଆରମ୍ଭ ହୋଇଯାଇଛି। ଏପରିକି ଉପନିର୍ବାଚନ ପାଇଁ ନୂଆପଡ଼ାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଅନ୍ୟପକ୍ଷେ ନୂଆପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ବୁଥରେ ସୁରକ୍ଷା ସୁବ୍ୟବସ୍ଥା କଡ଼ାକଡି କରିଦିଆଯାଇଛି। ନୂଆପଡ଼ାରେ ୧୪ କମ୍ପାନୀ ସିଏପିଏଫ ମୁତୟନ ରହିବେ ବୋଲି ଏସ୍‌ପି କହିଛନ୍ତି। ଏପରିକି ଇନର କର୍ଡନରେ ସିଏପିଏଫଙ୍କୁ ନିୟୋଜିତ କରାଯାଇଥିବା ବେଳେ ବାହାରେ ସ୍ଥାନୀୟ ପୋଲିସକୁ ମୁତୟନ କରାଯିବ। ୧୦୦ରୁ ଉର୍ଦ୍ଧ୍ୱ ବୁଥରେ ସିଏପିଏଫଙ୍କୁ ମୁତୟନ କରାଯିବ ବୋଲି ଏସପି କହିଛନ୍ତି।

### ସାରା ଦେଶରେ...

ଯାହାର ଉଦ୍ଦେଶ୍ୟ ଦୀର୍ଘ ଦିନର ବିଳମ୍ବ ସମସ୍ୟାର ସମାଧାନ କରି ଏକ ଦ୍ରୁତ ଏବଂ ଅଧିକ ଦକ୍ଷ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରିବା। ନୂତନ ଆଇନ ଅନୁସନ୍ଧାନ, ବିଚାର ଏବଂ ଅନ୍ୟାନ୍ୟ ପ୍ରକ୍ରିୟାଗତ ପର୍ଯ୍ୟାୟରେ ବିଳମ୍ବକୁ ହ୍ରାସ କରିବା ପାଇଁ ପରିକଳ୍ପିତ ଅନେକ ବ୍ୟବସ୍ଥା ପ୍ରବର୍ତ୍ତନ କରେ । ସେ କହିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟର ଇ-କମିଟି ନୂତନ ଆଇନର ପ୍ରଭାବି କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ବୈଷୟିକ ସମନ୍ୱୟକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

### ପାକିସ୍ତାନକୁ କଡ଼ା...

ଏହି ଦାବିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରି ଏହାକୁ ମିଥ୍ୟା ଏବଂ ଭ୍ରାମକ ବୋଲି କହିଛି।

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଟ୍ରମ୍ପଙ୍କ ଦାବିର ଜବାବରେ କହିଛନ୍ତି ଯେ ଭାରତ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ। ସେ କହିଛନ୍ତି, 'ଯେଉଁ ଦେଶ ପରୀକ୍ଷଣ କରିବାକୁ ଚାହାଁନ୍ତି ସେମାନେ ଏହା କରିବା ଉଚିତ। ଆମେ କାହାକୁ ଅଟକାଇବୁ ନାହିଁ, କିନ୍ତୁ ଯଦି ସମୟ ଆସେ, ଭାରତ ଯେକୌଣସି ଚ୍ୟାଲେଞ୍ଜର ଜବାବ ଦେବାକୁ ପ୍ରସ୍ତୁତ।' ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏପରି ରିପୋର୍ଟ ଦ୍ୱାରା ନିରୁତ୍ସାହିତ ନୁହେଁ। ଭାରତର ନୀତି ସଂଯମତା ଏବଂ ପ୍ରସ୍ତୁତି ଉଭୟ ଉପରେ ଆଧାରିତ। ଯେତେବେଳେ ପଚରାଗଲା ଯେ ଭାରତ ମଧ୍ୟ ପରୀକ୍ଷଣ କରିବ କି, ସେ ଉତ୍ତର ଦେଇଥିଲେ, 'ପ୍ରଥମେ ଦେଖିବା ସେମାନେ କରନ୍ତି କି ନାହିଁ।'

ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ତୁରନ୍ତ ଆମେରିକାର ଅଭିଯୋଗର ଜବାବ ଦେଇଥିଲା। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ଆମେ ଏକପାଖିଆ ପରୀକ୍ଷଣ-ବନ୍ଦ ନୀତି ବଜାୟ ରଖିଛୁ। ଆମେ ପୂର୍ବରୁ କୌଣସି ପରମାଣୁ ପରୀକ୍ଷଣ କରିନାହୁଁ ଏବଂ ଏବେ ମଧ୍ୟ କରିବୁ ନାହିଁ।' ତଥାପି ବିଶେଷଜ୍ଞମାନେ କହିଛନ୍ତି ଯେ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ସ୍ୱଚ୍ଛ ନୁହେଁ ଏବଂ ଚାଇନା ଓ ଉତ୍ତର କୋରିଆ ସହିତ ଏହାର ବୈଷୟିକ ସହଯୋଗ ଦୀର୍ଘ ଦିନ ଧରି ବିଶ୍ୱ ଚିନ୍ତାର କାରଣ ହୋଇଛି।

### ଆଜି ଓଡ଼ିଶା...

ଶ୍ରୀ ଚୌହାନ କଟକ ଜିଲ୍ଲାର ସଦର ଅଞ୍ଚଳ ଗସ୍ତ କରିବେ, ଯେଉଁଠାରେ ସେ କୃଷି କ୍ଷେତ୍ର ପରିଦର୍ଶନ କରିବେ ଏବଂ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। କେନ୍ଦ୍ର ମନ୍ତ୍ରୀ ଚାଷୀମାନଙ୍କ ଅଭିଜ୍ଞତା ଶୁଣିବେ, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଜାଣିବେ ଏବଂ କୃଷି ନୀତି ସମ୍ପର୍କରେ ସେମାନଙ୍କର ମତାମତ ସଂଗ୍ରହ କରିବେ। ଏହି ଆଲୋଚନା ସମୟରେ, ସେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷି କାର୍ଯ୍ୟକ୍ରମର ସ୍ଥିତି ତୃଣମୂଳସ୍ତରରେ କିଭଳି ରହିଛି ତାହାର ମୂଲ୍ୟାଙ୍କନ କରିବେ ଏବଂ ଏହାର ପ୍ରଭାବ ସମୀକ୍ଷା କରିବେ।

### ସହରାଞ୍ଚଳ ପରିବହନ...

ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି) ର ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରଦତ୍ତ ଟ୍ରଫି ଗ୍ରହଣ କରିଥିଲେ।

ଏହି ଜାତୀୟ ସମ୍ମାନ ଜନକେନ୍ଦ୍ରିତ ଏବଂ ସବୁଜ ପରିବହନ ସମାଧାନରେ ଓଡ଼ିଶାର ନେତୃତ୍ୱକୁ ଦୋହରାଇଥାଏ, ଯାହା ସମନ୍ୱିତ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ମାଧ୍ୟମରେ ଆଧୁନିକ, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସହର ନିର୍ମାଣ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

### ଶୀତରେ ଥରୁଛି ...

ଜୀବନଚଳଣି ଅନ୍ୟ ଠାରୁ କିଛିଟା ଅଲଗା। ଏବେ ଏ ଅଞ୍ଚଳକୁ ଶୀତ କଷ୍ଟ ସତ୍ତ୍ୱେ ଲୋକେ ଉପଭୋଗ କରୁଥିବା ଦେଖାଯାଉଛି। ଗାଁ ଗାଁରେ ସକାଳ ଓ ସନ୍ଧ୍ୟାରେ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁର ସାହାରା ନେଉଥିବା ଦେଖିବାକୁ ମିଳୁଛି।

### ଦିଲ୍ଲୀ ପ୍ରଦୂଷଣ...

ଜଟିଳ ହେବାରେ ଲାଗିଛି। ବିଶୁଦ୍ଧ ବାୟୁ ପାଇବାକୁ ଲୋକେ ଘରେ ଏୟାର ପ୍ୟୁରିଫାୟର ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ୦-୫୦ ଏକ୍ୟୁଆଇକୁ ଉତ୍ତମ, ୫୧-୧୦୦ ଏକ୍ୟୁଆଇକୁ ସନ୍ତୋଷଜନକ, ୧୦୧-୨୦୦ ଏକ୍ୟୁଆଇକୁ ସ୍ୱାଭାବିକ, ୨୦୧-୩୦୦ ଏକ୍ୟୁଆଇକୁ ଖରାପ, ୩୦୧-୪୦୦ ଏକ୍ୟୁଆଇକୁ ଅତ୍ୟନ୍ତ ଖରାପ ଏବଂ ୪୦୧-୫୦୦ ଏକ୍ୟୁଆଇକୁ ସାଂଘାତିକ ବୋଲି ଦର୍ଶାଯାଇଛି।

## ଭାରତ ମସଲା ଷ୍ଟଲରେ ଅସମ୍ଭାଳ ଭିଡ

# ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ପୁରସ୍କାର ଗ୍ରହଣ କଲେ ଭାଗ୍ୟଶାଳୀ ବିଜେତା




**କଟକ, ନ୍ୟୁଜ ବ୍ୟୁରୋ**

ରବିବାର ଛୁଟିଦିନ ହୋଇଥିବାରୁ ଗୃହିଣୀ ମାନଙ୍କର ପ୍ରଥମ ପସନ୍ଦ ଭାରତ ମସଲାର ଚାରୋଟି ଷ୍ଟଲରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୂପା କଏନ ଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀ ମାନଙ୍କ ପାଇଁ ଉପହାରର ପସରା ଖୋଲି ଦେଇଛି । କେବଳ ସେତିକି ନୁହେଁ ଗ୍ରାହକଟିଏ ଭାରତ ମସଲା ଷ୍ଟଲ୍‌ରେ ପଶି ଉପହାର ଉପରେ ଉପହାର ପାଇ ଖୁସି ବ୍ୟକ୍ତ କରୁଛନ୍ତି। ଏ ସବୁ ପରେବି ଗ୍ରାହକ ମାନଙ୍କୁ ଲକିଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାର ସୌଭାଗ୍ୟ ଦେଇ ପାରୁଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତା ମାନଙ୍କର ରବିବାର ଖଚାଖଚ ଭିଡ ଭିତରେ ସର୍ବସମ୍ମୁଖରେ କୁପନ୍ ଗୁଡିକର ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଚାଉଳିଆଗଞ୍ଜ କଟକର ସମ୍ପିତ ପୃଷ୍ଟି ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋଓଭାନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଢିଅ ସାହି ଜଗତସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା ତଳସରା ଗଞ୍ଜାମ ରଞ୍ଜନ କୁମାର ଜେନାଙ୍କୁ ଫ୍ରାୟିଙ୍ଗ ପାନ୍ ମୁଖ୍ୟ ଅତିଥି ପଣ୍ଡା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଚାଲିଥିଲା ଧର୍ମାନ୍ତରୀକରଣ : ୮ ଥାନାରେ ଅଟକ, ବାକି ଫେରାର

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ବ୍ୟାସନଗର ସହରରେ ଏବେ ବିଭିନ୍ନ ଜାଗାରେ ବେଆଇନ ଧର୍ମାନ୍ତୀକରଣ ଚର୍ଚ୍ଚା ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକେ ନିରବଦ୍ରଷ୍ଟା ସାଜିଥିବା ବେଳେ ପ୍ରଶାସନ ଚେଇଁ ସୋଇଛି। ଫଳରେ ଖ୍ରୀଷ୍ଟିଆନ ମାନେ ନିଜର ଧର୍ମକୁ ପ୍ରଚାର ପ୍ରସାର କରିବା ସହ ନିରୀହ ଆସିବାସୀ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଧର୍ମାନ୍ତୀକରଣ କରିବାରେ କାୟାବିସ୍ତାର କରୁଛନ୍ତି । କିଛି ମାସ ତଳେ ମୁଣ୍ଡମାଳ ଅଞ୍ଚଳରେ ଦୁଇ ଦୁଇ ଥର ଏଭଳି ଘଟଣା ସାମ୍ନାକୁ ଆଇଥିବା ବେଳେ ବ୍ୟାସନଗର ବଜରଙ୍ଗ ଦଳ ତରଫରୁ ଚଢ଼ଉ କରି ପୋଲିସ ଦ୍ୱାରା ରୋକ ଲଗା ଯାଇଥିଲା। କିନ୍ତୁ ଏବେ ପୁଣି ୪ନଂ ୱାର୍ଡ ହୁଡ଼ି ସାହିରେ ଦୀର୍ଘ ମାସ ଧରି ଖ୍ରୀଷ୍ଟିଆନମାନେ କାୟାବିସ୍ତାର କରି ଧର୍ମାନ୍ତୀକରଣ ଚାଲିଥିବା ବେଳେ ଆଜି ମଧ୍ୟ ବଜରଙ୍ଗ ଦଳ ତରଫରୁ ଚଢ଼ଉ କରି ଯାଜପୁର ରୋଡ଼ ପୋଲିସ ଦ୍ୱାରା ୮ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରାଯାଉଛି। ବାକି ୮୦ରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟିଆନ ମାନେ ଫେରାର ହୋଇ ଯାଇଥିବା ସୂଚନା ମିଳିଛି । ସୂଚନା ମୁତାବକ ରବିବାର ଶତାଧିକ ଖ୍ରୀଷ୍ଟିଆନ ଗୋଟେ ନିଛାଟିଆ ଘରେ ଚର୍ଚ୍ଚ କରି ମାସ ମାସ ଧରି ନିରୀହ ଆସିବାସୀମାନଙ୍କୁ ଧର୍ମାନ୍ତୀକରଣ କରାଉଥିଲେ ଏବଂ ଆସାମ, କେନ୍ଦୁଝର, କର୍ଣ୍ଣାଟକ, ବିହାର ଓ ବିଭିନ୍ନ ରାଜ୍ୟରୁ ମହିଳା ପୁରୁଷ ଖ୍ରୀଷ୍ଟିଆନ ମାନେ ଆସି ଏହି ଘରେ ଏକତ୍ରିତ ହୋଇ ବାଇବେଲ ପଢାଇ ଶତାଧିକ ନିରୀହ ଆଦିବାସୀଙ୍କୁ ଫସାଇ ଟଙ୍କାର ପ୍ରଲୋଭନ ଦେଖାଇ ଧର୍ମାନ୍ତୀକରଣ କରୁଥିଲେ । ସ୍ଥାନୀୟ ଲୋକେ ଏସବୁ ବାରମ୍ବାର ଜାଣିବା ପରେ ତୀବ୍ର ବିରୋଧ କରିଥିଲେ ଏବଂ ଭାରତ ହିନ୍ଦୁରାଷ୍ଟ୍ର ସେନା କର୍ମୀମାନଙ୍କୁ ଜଣାଇ ଥିଲେ। ସୂଚନା ପାଇ ଭାରତ ହିନ୍ଦୁରାଷ୍ଟ୍ର ସେନା କର୍ମୀ ମାନେ ପହଞ୍ଚି ଏଥିରେ ରୋକ ଲଗାଇବା ସହିତ ଯାଜପୁର ରୋଡ଼ ପୋଲିସଙ୍କୁ ଖବର କରିଥିଲେ। ତେବେ ପୋଲିସ ପହଞ୍ଚି ଏଥିରେ ରୋକ ଲଗାଇବା ସହିତ ୮ ଜଣଙ୍କୁ ଥାନାକୁ ନେଇ ପଚରା ଉଚରା କରୁଛି ଏବଂ ବାକି ଫେରାର ହୋଇଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଧର୍ମାନ୍ତୀକରଣ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ତ ବେଆଇନ ଚର୍ଚ୍ଚ ଉପରେ ରୋକ ଲଗାଇବାକୁ ଦାବୀ କରିଛନ୍ତି।

ଭୁବନେଶ୍ୱର
୧୦ ନଭେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପୁଅର ସୁସ୍ଥତା ପାଇଁ ଶ୍ରୀଜଗନ୍ନାଥଙ୍କୁ ବାପାର ଆକୁଳ ନିବେଦନ

**ପୁରୀ, ୯/୧୧ ନ୍ୟୁଜ ବ୍ୟୁରୋ**

ରେ ଜଗା ଏ ବାପାଟା ଛାତିପିଟି କାନ୍ଦୁଛି। ତା' ପୁଅର ଜୀବନ ତତେ ଭିକ ମାଗୁଛି । ତୋ ପଣ୍ଡା କାନ୍ଦିଲେଣି। ତୋ ବଡ଼ଦାଣ୍ଡରେ ତୋ ଭକ୍ତମାନଙ୍କ ହୃଦୟ ବି କାନ୍ଦିଲାଣି । ରତ୍ନ ସିଂହାସନରୁ ଓହ୍ଲାଇ ପଡ଼ରେ ଜଗା । ସବୁ କିଛି ଠିକ୍ କରିଦେ, ବାପାର କୋଳରେ ତା' ପିଲାକୁ ଥରେ ହସେଇ ଦେ। ପିଲାଟିର ଜୀବନ ଦୀପକୁ ତୋ ବଡ଼ଦାଣ୍ଡରେ ଜଳୁଥିବା ଏ ଦୀପ ପରି କଥା କୁହାଇଦେ। ଆଉ ଥରେ ତୋ ଭକ୍ତର ଲମ୍ବା ତାଲିକାରେ ଏ ବାପାଟାର ନାଁ ଚଢେଇଦେ। ଏ ଦୁଃଖି ବାପା ଆଖିର ଲୁହରେ ତୋ ସିଂହଦ୍ୱାର ଭିଜୁଛି। ଜୟ ଜଗନ୍ନାଥ ବଦଳରେ ତତେ ଏ ବାପା ମଣିମା ମଣିମା ଡାକୁଛି। ଏଠି ତା' ସବୁ ଭୁଲ ଆଉ ସବୁ ଦୋଷକୁ ତୁ କ୍ଷମା କରଦେ।



କୁନି ପିଲାଟା ମୁହଁରେ ଚମକ ଦେଇଦେ । ହାତ ଧରି ତୋ ଏ ଭକ୍ତକୁ ଆଶ୍ୱସନା ଦେ । ଶ୍ରୀମନ୍ଦିର ନେଇ ତା' ସବୁ କଷ୍ଟକୁ ଛଡ଼ାଇ ହସ ଦେଇ ତା'କୁ ଫେରାଇ ଦେ। କାରଣ ଜଣେ ବାପା ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ଅଧିନାୟକଙ୍କୁ ତା' ଜୀବନର ବଡ଼ ମୂଲ୍ୟବାନ ଜିନିଷଟାକୁ ମାଗୁଛନ୍ତି। ହୃଦୟ ଭିତରୁ ଭକ୍ତି ରଖି ଆଖିରୁ ଧାର ଧାର ଲୁହ ଝରାଇ ସବୁ କିଛି କହିଚାଲିଛନ୍ତି । ଆଉ ମନ ଭିତରେ ତାଙ୍କର ରହିଛି ଅଗାଢ଼ ବିଶ୍ୱାସ। ମହାପ୍ରଭୁଙ୍କ ଉପରେ ବିଶ୍ୱାସ ଅଛି, ତାଙ୍କ ପୁଅ ଉପରେ ଚକାଡୋଳାର ନଜର ପଡ଼ିଗଲେ ସେ ସୁସ୍ଥ ହେବ। ଆଗପରି ହସିବ, ଆଗପରି କଥା କହିବ। ସେଇ ଆଶା ଟିକେ ନେଇ ଏ ବାପା ଶ୍ରୀମନ୍ଦିରକୁ ଦୌଡ଼ି ଆସିଛି । ପିଲାକୁ ସିଂହଦ୍ୱାରରେ ଶୁଆଇଦେଇ ସବୁ କିଛି କହିଯାଉଛି । ଆଉ ପଣ୍ଡାମାନେ ବି ତାଙ୍କୁ ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ଯାଇ ମହାପଭୁଙ୍କୁ ଦର୍ଶନ କରି ଗୁହାରୀ ଜଣାବାକୁ କହୁଛନ୍ତି । ଖୁବ୍‌ଶୀଘ୍ର ପିଲାଟି ସୁସ୍ଥ ହେଉ ଆମେ ବି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ବୋଲି ସେବାୟତମାନେ କହୁଛନ୍ତି।

# ଧାମରାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜଗିବ ସ୍ୱତନ୍ତ୍ର ଡ୍ରୋନ୍

**ଚାନ୍ଦବାଲି ୯ ।୧୧ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ସାମୁଦ୍ରିକ ଥାନା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ୧୫ କିଲୋମିଟର ରେଡିଅସ୍‌ରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜଗୁଛି ଡ୍ରୋନ୍ କ୍ୟାମେରା । ଯାହାର ମୂଲ୍ୟ ଦେଢ କୋଟି ଟଙ୍କା ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ମେରାଇନ ଥାନା ଧାମରାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜଗିବା ପାଇଁ ସ୍ୱତନ୍ତ୍ର ଡ୍ରୋନ୍ କ୍ୟାମେରା ଓଡ଼ିଶା ସରକାର ଯୋଗାଇ ଦେଇଛନ୍ତି । ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଡ୍ରୋନ୍ ସାମୁଦ୍ରିକ ଥାନାକୁ ଯୋଗାଇ ଦିଆଯାଇଛି । ଯାହାର ଦାମ୍ ୧ କୋଟି ୩୩ ଲକ୍ଷ ଟଙ୍କା ହେବ। ୧୫ କିଲୋମିଟର ରେଡିଅସରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଏହି ଡ୍ରୋନ୍ କ୍ୟାମେରା ସାହାଯ୍ୟ କରିଥାଏ । ୮ କେଜି ଓଜନ ବିଶିଷ୍ଟ ଡ୍ରୋନ୍ କ୍ୟାମେରା ରାତିରେ ୪୦୦ ମିଟର ଓ ଦିନ ସମୟରେ ପ୍ରାୟ ୧ କିଲୋମିଟର ଉଚ୍ଚତାରୁ ତୀକ୍ଷ୍ଣ ଚିତ୍ର ଉତ୍ତୋଳନ କରିପାରେ । ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ଚିଲ ପକ୍ଷୀ ପରି ଉଡିପାରେ। ଏହାକୁ ୧ ହଜାର ମିଟର ଉଚ୍ଚତାରେ ପହଞ୍ଚିବାକୁ ପ୍ରାୟ ୧୦ ରୁ ୧୫ ମିନିଟ୍ ସମୟ ଲାଗିଥାଏ । ଏସବୁ ଦିଗରେ ଅନୁପ୍ରବେଶକାରୀଙ୍କୁ ରୋକିବାରେ ଏହା ଏକ ମୁଖ୍ୟ ଡ୍ରୋନ୍ କ୍ୟାମେରା । ଯାହା କି ଆଗାମୀ ଭବିଷ୍ୟତରେ ଶତ୍ରୁ ଦେଶ କିମ୍ବା ଅନୁପ୍ରବେଶକାରୀ ରୋକିବାରେ ସଫଳ ପରୀକ୍ଷଣ ହେବ । ଯାହା ସାହାଯ୍ୟରେ ଖୁବ୍‌ଶୀଘ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ପ୍ରତି ତୀକ୍ଷ୍ଣ ନଜର କରିହେବ । କୋଷ୍ଟାଲ ଏରିଆରେ ଯେହେତୁ ଧାମରା ବନ୍ଦର ରହିଛି ଏବଂ ଏହା ସହିତ ଧାମରା ମୁହାଣରୁ ପ୍ରତ୍ୟେକ ଦିନ ସହ ସହ ଟ୍ରଲର ଓ ବୋଟ୍ ନେଇ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ଯାଇଥାଆନ୍ତି । ଏହାର ସୁଯୋଗରେ ଅନୁପ୍ରବେଶକାରୀମାନେ ଗଳାବାଟ ଦେଇ ଆସିପାରନ୍ତି। ଏହି ଡ୍ରୋନ କ୍ୟାମେରାରେ ଏହା ସୂଚନା ଦେବାରେ ବଡ଼ ସହଯୋଗ ହୋଇପାରିବ । ଜଳପଥରେ ରାତ୍ରିକାଳରେ ବିଭିନ୍ନ ସମୟରେ ଶତ୍ରୁ ଦେଶରୁ ଜାହାଜ ହେଉ କିମ୍ବା ବାଂଲାଦେଶୀ ଅନୁପ୍ରବେଶକାରୀ ଠାବ କରିବାରେ ସକ୍ଷମ ହୋଇପାରିବ ବୋଲି ମେରାଇନ ଥାନାର ଡ୍ରୋନ ଚାଳକ ବେଣୁଧର ମଲ୍ଲିକ କହିଛନ୍ତି। ଏଥିପାଇଁ ମେରାଇନ ଥାନା ପକ୍ଷରୁ ସାମୁଦ୍ରିକ ଅଞ୍ଚଳମାନଙ୍କରେ ଏହା ବ୍ୟବହାର କରାଯାଉଛି । ଜଳପଥରେ ବୋଟ କିମ୍ବା ଟ୍ରଲର ସାହାଯ୍ୟରେ ସତର୍କ ରହି ଦୈନିକ ୮ ଘଣ୍ଟା ଯାଏଁ ମେରାଇନ ପୋଲିସ ପାଟ୍ରୋଲିଂ କଡା କଡି ଭାବରେ କରାଯାଉଥିବା ସାମୁଦ୍ରିକ ଥାନା ଅଧିକାରିଣୀ ପ୍ରିୟ ଦର୍ଶନୀ ଖଟୁଆ ସୂଚନା ଦେଇଛନ୍ତି ।

## ନୂଆପଡ଼ା ଭୋଟରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅପିଲ୍

# ଆପଣଙ୍କ ସେବା କରିବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଛି

**ଭୁବନେଶ୍ୱର ୯ ।୧୧**
**ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଭୋଟରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅପିଲ୍। ନୂଆପଡ଼ା ଖରିଆର କୋମନାରେ ନବୀନଙ୍କ ସଭାରେ ସାମିଲ ହୋଇଥିବାରୁ ଦେଲେ ଧନ୍ୟବାଦ । ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନୂଆପଡ଼ାରେ ପ୍ରାର୍ଥୀ କରିଛି। ଆପଣଙ୍କ ସେବା କରିବା ପାଇଁ ନିର୍ଦ୍ଦେଶ ଦେଇଛି । ସୁଖ ଦୁଃଖର ସାଥୀ ହୋଇ ରହିବେ । ବିଜେପି ସରକାର ଆସିବା ପରଠାରୁ ମା'ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଓଡ଼ିଶାର ସୁନାମ ନଷ୍ଟ ହେଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିଦେଲେ, ରୋଗୀ ହଇରାଣ ହେଉଛନ୍ତି। ଏ ସରକାର ମହିଳା ବିରୋଧୀ, ଆଦିବାସୀ ବିରୋଧୀ ଓ ବିକାଶ ବିରୋଧୀ । ଆପଣମାନଙ୍କ ସହଯୋଗରେ ବିଜେପିର ପରାଜୟ ନୂଆପଡ଼ାରୁ ଆରମ୍ଭ ହେବ । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରିଛନ୍ତି ନବୀନ ପଟ୍ଟନାୟକ ।



# ସ୍ୱପ୍ନ ଦେଖ, ନମ୍ର ରୁହ, ସଫଳତା ପାଅ: ଏସ୍.ଏନ୍.ସୁବ୍ରମଣ୍ୟମ୍

**ଭୁବନେଶ୍ୱର, ୯।୧୧**
**ନ୍ୟୁଜ ବ୍ୟୁରୋ**

ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି କର୍ପୋରେଟ୍ ଇଣ୍ଡିଆର ଅନ୍ୟତମ ପ୍ରମୁଖ ବ୍ୟକ୍ତି, ଲାର୍ସନ୍ ଆଣ୍ଡ୍ ଟୁବ୍ରୋ (ଏଲଆଣ୍ଡଟି) ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ୍। କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ଦ୍ୱାରା ଆୟୋଜିତ 'ଶିକ୍ଷ ସିମ୍ପୋଜିମ୍ ୫.୦'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବ୍ରମଣ୍ୟମ୍ ସବୁଜ ହାଇଡ୍ରୋଜେନ୍ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକୁ ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିକ୍ଷ ଦୃଶ୍ୟପଟ୍ଟ ଉପରେ ସେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଶିକ୍ଷା ପାଇଁ ତୁମେମାନେ ତୁମ ପିତାମାତା ଏବଂ ଶିକ୍ଷକଙ୍କ ବଳିଦାନକୁ କେବେ ଭୁଲିଯାଅ ନାହିଁ। ନିଜର ଜିଜ୍ଞାସାକୁ ଆହୁରି ବଢ଼ାଇବା ସହ କରିପାରିବି, କରିବି ଓ ଏହାକୁ ସାକାର କରିବି ମନୋଭାବରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ୍ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସଂପୂର୍ଣ୍ଣ ଶକ୍ତି ବ୍ୟାଟେରୀ ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖା ଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ୍ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ଶ୍ରୀ ସୁବ୍ରମଣ୍ୟମ୍ ଛାତ୍ରଛାତ୍ରୀଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ୍ ଜରିଆରେ ହଜାର ହଜାର ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ।

# ପ୍ରମୋଦ ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

## ୩୫ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ଓ ୮ଜଣଙ୍କୁ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ

**ଭୁବନେଶ୍ୱର,୯/୧୧**
**ନ୍ୟୁଜ ବ୍ୟୁରୋ**

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଚଳିତ ମାସ ୧୬ ତାରିଖ ରବିବାର ଅପରାହ୍ନ ୩ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ 'ଜାତୀୟ ପ୍ରେସ୍ ଦିବସ-୨୦୨୫' ପାଳନ କରାଯିବ। ଏହି ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଦୈନିକ ସମ୍ବାଦପତ୍ର 'ସମାଜ'ର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଏଥିସହିତ ରାଜ୍ୟର ୩୫ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯିବ ଏବଂ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଅଧିନରେ ରାଜ୍ୟରେ ଥିବା ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି), ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ସହଯୋଗରେ 'ଜାତୀୟ ପ୍ରେସ୍ ଦିବସ-୨୦୨୫' ପାଳନ କରାଯିବ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧକ୍ଷ ଦୀପକ ମାଲବ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ନ୍ୟାୟମୂର୍ତ୍ତି, ରାଜନେତା, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ, ପ୍ରଶାସକ ଓ ବରିଷ୍ଠ ସାମ୍ବାଦିକମାନେ ଯୋଗଦେବେ। ରାଜ୍ୟ ବାହାର କୋଲକତା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ, ଦିଲ୍ଲୀ ଓ ମୁମ୍ବାଇ ଆଦିରୁ ପ୍ରକାଶିତ ବିଭିନ୍ନ ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ସମ୍ବିତ କୁମାର ସେଠୀଙ୍କୁ କର୍ପୋରେଟ କମ୍ୟୁନିକେସନ ଆଣ୍ଡ ପବ୍ଲିକ ରିଲେସନ୍ସ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ। ଗତବର୍ଷ ତଥା ୨୦୨୪ ମସିହାରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିବିହାର ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁସ୍ଥିତ ବେଲପଦା ରୋଡ଼ର ଛାତ୍ରୀ ଆରତୀ ଲେଙ୍କାଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୫', ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ତଥା ଭୁବନେଶ୍ୱରର ସୁନ୍ଦରପଦାସ୍ଥିତ କଲ୍ୟାଣ ପ୍ଲାଜା ଆପାର୍ଟମେଣ୍ଟ-୨ର ଛାତ୍ରୀ କୁମାରୀ ପ୍ରତିଭା ବିଶ୍ୱାଳଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ-୨୦୨୫', ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକର ପୁରୁଣା ଭୁବନେଶ୍ୱରସ୍ଥିତ ସାମନ୍ତରାପୁରର ଛାତ୍ରୀ ସୋନାଲି ପାଣିଗ୍ରାହୀଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୫', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ବ୍ରହ୍ମପୁରସ୍ଥିତ ଜୟପ୍ରକାଶ ନଗରର ଛାତ୍ରୀ ସୁସ୍ମି ମିଶ୍ରଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ-୨୦୨୫', ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ଏସ୍)ର ଓଡ଼ିଆ ସାମ୍ବାଦିକତା ଛାତ୍ରୀ କୁମାରୀ ଦେବଲିନ ବେହେରାଙ୍କୁ 'ଦିଲ୍ଲୀପ ଶତପଥୀ ସ୍ମାରକୀ ସମ୍ମାନ-୨୦୨୫', ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱରର ଲିଙ୍ଗରାଜନଗରର ଛାତ୍ରୀ ତପସ୍ୟା ପତିଙ୍କୁ 'ଅରିନ୍ଦମ ଦାଶ ସ୍ମାରକୀ ସମ୍ମାନ-୨୦୨୫', ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସମ୍ବାଦ ସ୍କୁଲ୍ ଅଫ୍ ମିଡ଼ିଆ ଆଣ୍ଡ କଲଚର, ଭୁବନେଶ୍ୱରର ଛାତ୍ର ସୁଶାନ୍ତ କୁମାର ମହାପାତ୍ରଙ୍କୁ 'ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ-୨୦୨୫' ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱରର ଛାତ୍ର ରାମଚନ୍ଦ୍ର କାମିଲାଙ୍କୁ 'ଅରୁଣ ପଣ୍ଡା ସ୍ମାରକୀ ସମ୍ମାନ-୨୦୨୫' ପ୍ରଦାନ କରାଯିବ ବୋଲି ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।



## ସୃଜନୀ ଆୟୋଜିତ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ

# ନାଟକ ରୀନାର ସ୍ୱପ୍ନ ଓ ହଂସ ଶିକାର ମଞ୍ଚସ୍ଥ

**ଭୁବନେଶ୍ୱର, ୯/୧୧**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଅଗ୍ରଣୀ ସାହିତ୍ୟ, ସଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୃଜନୀ ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ଶିଶୁ ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ବାଲେଶ୍ୱର ଜିଲ୍ଲାର କଳାକାର ଅନୁଷ୍ଠାନ ତରଫରୁ ପରିବେଷଣ କରାଯାଇଥିଲା ଶିଶୁନାଟକ 'ରୀନାର ସ୍ୱପ୍ନ'। ଯାହାର ନାଟ୍ୟକାର ଥିଲେ ଇଂ. ଚିନ୍ମୟୀ ରକ୍ଷିତ୍ ଏବଂ ନିର୍ଦ୍ଦେଶନା ଦେଇଥିଲେ ଇଂ-ଶ୍ରୀତମ କୁମାର ସିଂହ। ନାଟକର ବିଷୟବସ୍ତୁ ଅନୁଯାୟୀ ଆଜିର ଶିଶୁ କାଲିର ଭବିଷ୍ୟତ ଆଉ ଅତିତ, ଯେଉଁ ଶିଶୁମାନେ ଭବିଷ୍ୟତ ପାଇଁ ବାଟ ଦେଖାଇଛନ୍ତି, ଯେଉଁମାନେ ଆସନ୍ତା ପିଢ଼ୀର ଶିଶୁମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି, କ'ଣ ସତରେ ସେମାନେ ଉପଯୁକ୍ତ ନ୍ୟାୟ ଓ ସମ୍ମାନ ପାଇଛନ୍ତି, ନା ଉପରୋକ୍ତ ପଂକ୍ତିଟି କେବଳ ବଡ଼ବଡ଼ିଆଙ୍କ ଭାଷଣରେ ସିମିତ ରହିଛି ? ଏହାର ନିଛକ ଉଦାହରଣ ଦେଇ ଅଭିନୟ ମାଧ୍ୟମରେ ଉତ୍ତର ରଖିଥିଲେ- ଏହି ନାଟକର କଳାକାରମାନେ। ଏକ ଶିଶୁ ମନୋସ୍ତତ୍ୱ ଭିତ୍ତିକ ନାଟକ 'ରୀନାର ସପ୍ନ'କୁ ଅତି ନିଖୁଣ ଭାବେ ପରିବେଷଣ କରିଥିଲେ ବାଲେଶ୍ୱରରୁ ଆସିଥିବା କଳାକାର ଅନୁଷ୍ଠାନର ଶିଶୁ କଳାକାରମାନେ ଏବଂ ରବିବାର ନାଟକର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଗୌତମ୍ ଡ୍ରାମା ଏକାଡ଼େମୀର କଳାକାରମାନେ ପରିବେଷଣ କରିଥିଲେ 'ହଂସ ଶିକାର'। ଏହାର ନାଟ୍ୟକାର ଥିଲେ ରତି ରଂଜନ ମିଶ୍ର ଓ ନିର୍ଦ୍ଦେଶନା ଦେଇଥିଲେ ହର ପ୍ରସାଦ ପଟ୍ଟନାୟକ । ନାଟକର ବିଷୟବସ୍ତୁ ଅନୁଯାୟୀ ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏହା କାହିଁ କେବେଠାରୁ ଶୁଣି ଆସୁଛେ, ହେଲେ ଏହାର ଯଥାର୍ଥତା କ'ଣ ଆମେ ଉପଲବ୍ଧି କରିପାରିଛେ କି? ନାଟକ ମାଧ୍ୟମରେ ଶିଶୁକଳାକାରମାନେ ଦର୍ଶକଙ୍କୁ ଏହି ପ୍ରଶ୍ନ ପଚାରିଛନ୍ତି। ଖାଲି ଛୁଆଟି ନିଜର ହେଲେ ଯାଇ ଆମେ ସଜାଗ୍ ହେବା ଓ ଆମ ଭାବପ୍ରବଣତା ଜାହିର୍ କରିବା ଠିକ୍ କି? କାରଣ ଏ ଭୁଲ ହେଉଛି ଏ ସମାଜର, ଆମ ନିଜ ଢୋଲ ନିଜକୁ ହିଁ ପିଟିବାକୁ ପଡିବ। ଏକ ଅତ୍ୟାଚାର ଆଉ ଦୁର୍ବିଂଷରର ବିଷୟବସ୍ତୁ ଓ ଛୋଟପିଲା ବୁଦ୍ଧିକୁ ନେଇ ନାଟକ ପରିବେଷଣ କରିଥିଲେ ଅନୁଷ୍ଠାନର ଶିଶୁ କଳାକାରମାନେ।

ମଣ୍ଡପର ଭରପୁର ଦର୍ଶକଙ୍କୁ ନେଇ ଆଜିର ସନ୍ଧ୍ୟା ଆକର୍ଷଣୀୟ ହେବା ସହିତ ଆଗାମୀ ଦିନରେ ଏହିପରି ଶିଶୁ ନାଟକ ପରିବେଷଣ ଦର୍ଶକ ଓ ନାଟ୍ୟ ଅନୁଷ୍ଠାନମାନେ ଅନୁରୋଧ କରିଥିଲେ। ଆଜିର ସମାଜରେ ଶିଶୁମାନଙ୍କୁ ଓଡ଼ିଶା କଳା ସଂସ୍କୃତି ପ୍ରତି ଆଗ୍ରହ ବଢ଼ାଇବା ସହିତ ସଂସ୍କୃତି ପ୍ରତି ଓତଃପ୍ରୋତ ଭାବେ ଜଡ଼ିତ କରିବା ପାଇଁ ଏହା ଏକ ନୂତନ ପଦକ୍ଷେପ। ଶିଶୁମାନଙ୍କୁ ସଂସ୍କୃତି କ୍ଷେତ୍ରରେ ଏକ ନୂତନ ପରିଚୟ ଦେବା ସହିତ ସେମାନଙ୍କୁ ନାଟ୍ୟ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ଦେଇ ଆଗାମୀ ଭବିଷ୍ୟତକୁ ଓଡ଼ିଶାର ସଂସ୍କୃତିରେ ନିବିଡ଼ଭାବେ ଜଡ଼ିତ କରିବାକୁ ସୃଜନୀର ଏହା ଏକ ପ୍ରୟାସ।



ସୃଜନୀ ଅନୁଷ୍ଠାନ ତରଫରୁ ଆସନ୍ତା ୧୧ତାରିଖ ଦିନ ଏହି ନାଟ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗିତାମାନଙ୍କୁ ଶ୍ରେଷ୍ଠ ପ୍ରଯୋଜନା, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ପାଣ୍ଡୁଲିପୀ, ଶ୍ରେଷ୍ଠ ଅଭିନେତା-ଅଭିନେତ୍ରୀ, ସ୍ୱତନ୍ତ୍ର ପୁରସ୍କାର, ବିଚାରପତି ପୁରସ୍କାର ପରି ଅନେକ ବିଭାଗରେ ଶିଶୁ କଳାକାର ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରାଯିବ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଡ.ବନବିହାରୀ ମହାପାତ୍ର ଓ ଇଂ.ପ୍ରିତିରଞ୍ଜନ ମିଶ୍ର ଏହି ନାଟ୍ୟ ମହୋତ୍ସବ ପ୍ରତିଯୋଗୀତାର ବିଚାରପତି ରହିଛନ୍ତି।

ବିଶିଷ୍ଟ ନାଟ୍ୟକାର, କବି, କଳାକାର, ନିର୍ଦ୍ଦେଶକ ଓ ସଂଗଠକ, ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଶିଶୁ ନାଟ୍ୟ ମହୋତ୍ସବକୁ ଅତିଥି ତଥା ଦର୍ଶକମାନେ ଭୂୟସୀ ପ୍ରଶଂସା କରିବା ସହିତ ସୃଜନୀର ଏହି ପ୍ରୟାସକୁ ସ୍ୱାଗତ କରିଥିଲେ ଏବଂ ଆଜିର ଏହି ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇଥିଲେ ନାଟ୍ୟକାର- ଉପେନ୍ଦ୍ର ନାୟକ, ନାଟ୍ୟ ନିର୍ଦ୍ଦେଶକ- ଧିର ମଲ୍ଲିକ, ପ୍ରଶନ୍ନ ମିଶ୍ର, ସତ୍ୟ ଜେନା, ଶତ୍ରୁଘ୍ନ ସାମଲଙ୍କ ସହ ଅନେକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦାନ ଦେଇଥିଲେ । ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତରଞ୍ଜନ ରାୟ ମହାପାତ୍ରଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରଶନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟ ସରଳା ସାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ୍ ଉପସ୍ଥିତ ଥିଲେ।

# ବାଲକୋନି ଭାଙ୍ଗି ମୃତ୍ୟୁ ଘଟଣା : ତଦନ୍ତ ପାଇଁ କମିଟି ଗଠନ, ୨୪ ଘଣ୍ଟାରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କଟକ, ୯/୧୧ ନ୍ୟୁଜ ବ୍ୟୁରୋ**

କଟକ ମଣିସାହୁ ଛକରେ ବାଲକୋନି ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବ ୪ ଜଣିଆ କମିଟି। ଏହି କମିଟି ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ସିଏମ୍‌ସି କମିଶନର ତଥା ସିଡିଏ ଅଧକ୍ଷଙ୍କ ନେତୃତ୍ୱରେ ଏକ ୪ ଜଣିଆ କମିଟି ଗଠନ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଜିଲ୍ଲାପାଳ।

ଏହି କମିଟିରେ ସିଏମସି କମିଶନରଙ୍କ ସହ ଅତିରିକ୍ତ କମିଶନର ଓ ଆରଆଣ୍ଡବି-୧ ଯନ୍ତ୍ରୀ ଓ ସିଏମସି ସିଟି ଇଞ୍ଜିନିୟର ଅଘଟଣର ତଦନ୍ତ କରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବାଲିଯାତ୍ରା ପରେ କଟକ ସହରରେ ଥିବା ଅନ୍ୟ ବିପଦସଙ୍କୁଳ କୋଠାଗୁଡିକ ସମ୍ପର୍କରେ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କହିଛନ୍ତି, 'ବିଲ୍‌ଡିଂ ବାଲକୋନି ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ହୋଇଛି । ଏନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଆପାର୍ଟମେଣ୍ଟ ଅସୁରକ୍ଷିତ ଥିବା ନେଇ ଅଭିଯୋଗ ଆସିଛି। ଏହାର ତଦନ୍ତ ପାଇଁ ଆମେ ସିଏମସିର ଅତିରିକ୍ତ କମିଶନର, ସିଏମ୍‌ସି ସିଟି ଇଞ୍ଜିନିୟର, ଆରଆଣ୍ଡବି-୧ ଇଞ୍ଜିନିୟରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ସେମାନେ ଏହାର ତଦନ୍ତ କରି ଆମକୁ ଏକ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଦେବେ । ରିପୋର୍ଟ ଅନୁସାରେ, ଯାହା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ।' କଟକ ମଣିସାହୁ ଛକ ଆପାର୍ଟମେଣ୍ଟ ବାଲକୋନି ଖସିପଡି ୩ ଜଣ ବସ୍ତିବାସିନ୍ଦାଙ୍କ ମୃତ୍ୟୁ ହୋଇଥିଲା। ଗୋଟିଏ ପରିବାରର ବାପ ପୁଅ ଓ ୩ ବର୍ଷର ନାତିର ମୃତ୍ୟୁ ଘଟିଥିଲା। ଏସ୍‌ସିବିରେ ମୃତଦେହ ବ୍ୟବଚ୍ଛେଦ ସରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ମୃତଦେହ ମଣିସାହୁ ଛକ ନିକଟରେ ପହଞ୍ଚିଥିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବେଆଇନ ଭାବେ ଏହି ୫ ମହଲା ବିଶିଷ୍ଟ ବିପଦ ସଙ୍କୁଳ ଆପାର୍ଟମେଣ୍ଟଟି ଗଢି ଉଠିଥିବା ବେଳେ ପ୍ରଶାସନ ସବୁଜାଣି ଚୁପ୍ ବସିଥିବା ଅଭିଯୋଗ ହୋଇଛି । କେବଳ ଏହି ବିଲଡିଂ ନୁହେଁ ସହରରେ ମୋଟ ୨୨୧ଟି ବିପଦଶଙ୍କୁଳ ବିଲଡିଂ ଥିବା ଜିଲ୍ଲା ପ୍ରଶାସନ ହାଇକୋର୍ଟରେ ସତ୍ୟପାଠ ଦେଇଥିବାବେଳେ ସେଗୁଡ଼ିକୁ ନଭାଙ୍ଗି କାହିଁକି ଚୁପ୍ ହେଇ ବସିଛି ତାକୁ ନେଇ ପ୍ରଶ୍ନ ଉଠିଛି। ଆପାର୍ଟମେଣ୍ଟଟି ଅତି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏଭଳି ଅସୁରକ୍ଷିତ ଅବସ୍ଥାରେ ରହିଥିଲେ ମଧ ୨୫ରୁ ୩୦ ପରିବାର ଏବେ ବି ଏହି ଆପାର୍ଟମେଣ୍ଟରେ ରହୁଛନ୍ତି । ଶନିବାର ଆପାର୍ଟମେଣ୍ଟର ୫ ମହଲା ବାଲକୋନି ମରାମତି ବେଳେ ସଂପୂର୍ଣ୍ଣ ବାଲକୋନିକୁ ଛାତଟି ଗଳିପଡିଥିଲା। ତେବେ ଆପାର୍ଟମେଣ୍ଟ କଡ଼ରେ ରହୁଥିବା ଆଜବେଷ୍ଟସ ଘର ଉପରେ ପଡିବା ଫଳରେ ଅବଦୁଲ ଜଲିଲ, ଅବଦୁଲ ଜାହିଦ ଏବଂ ତାଙ୍କ ୩ ବର୍ଷର ଶିଶୁପୁତ୍ର ଅବଦୁଲ ମୁଜାହିଦଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଦୀର୍ଘଦିନ ହେବ ଆପାର୍ଟମେଣ୍ଟର ମରାମତି ଓ ରକ୍ଷଣାବେକ୍ଷଣ ହେଉନାହିଁ । ବେଆଇନ ଭାବେ ଗୋଟିଏ ପରେ ଗୋଟିଏ ମହଲା ଏହି ଆପାର୍ଟମେଣ୍ଟର ନିର୍ମାଣ କରାଯାଇଛି। ପ୍ରଶାସନ ଯଦି ବିପଦଶଙ୍କୁଳ ଥିବା ଏହି ଆପାର୍ଟମେଣ୍ଟକୁ ଭାଙ୍ଗି ଦେଇଥାନ୍ତା ତେବେ ଏଭଳି ନିରୀହ ଲୋକଙ୍କ ଜୀବନ ଯାଇନଥାନ୍ତା ବୋଲି ଅଭିଯୋଗ ହୋଇଛି ।



## ସୋମବାରଠୁ ପୋଲିଂ ସେଣ୍ଟରକୁ ଯିବେ ପୋଲିଂ ଅଧିକାରୀ

# ସୁନାବେଡ଼ାର ଅପହଞ୍ଚ ୮ ବୁଥ୍ ପାଇଁ ହେଲିକପ୍ଟର ବ୍ୟବସ୍ଥା

**ନୂଆପଡ଼ା ୯ ।୧୧ ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ଶେଷ ହୋଇଛି ପ୍ରଚାର। ଏହାପରେ ବାହାରୁ ଆସିଥିବା ବିଭିନ୍ନ ଦଳର ନେତା ଓ କର୍ମୀମାନେ ନୂଆପଡ଼ା ଛାଡ଼ି ଚାଲିଯିବାକୁ ପ୍ରଶାସନ ପକ୍ଷରୁ ଆଗୁଆ ପରାମର୍ଶ ଦିଆଯାଇଥିବା ବେଳେ ନୂଆପଡ଼ା ଉପନିର୍ବାଚନ ପାଇଁ ଡିସ୍ପୋଜାଲ ସେଣ୍ଟରରେ ପହଞ୍ଚିଲା ଇଭିଏମ୍ ମେସିନ୍ । ସୋମବାର ଠାରୁ ଏଠାରୁ ପୋଲିଂ ସେଣ୍ଟରକୁ ପୋଲିଂ ଅଧିକାରୀ ଯିବେ ବୋଲି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ସୂଚନା ଦେଇଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସବୁ ପୋଲିଂ ଅଧିକାରୀ ସୋମବାର ପ୍ରଥମାର୍ଦ୍ଧରେ ବୁଥିରେ ପହଞ୍ଚିବେ । ଏଠାରେ ଗାଡ଼ିର ବ୍ୟବସ୍ଥା ପାଇଁ ମାଇକ୍ରୋ ପ୍ଲାନ୍ କରାଯାଇଛି । ସୁନାବେଡ଼ାର ଅପହଞ୍ଚ ୮ଟି ବୁଥ୍ ପାଇଁ ହେଲିକପ୍ଟରର ବ୍ୟବସ୍ଥା କରାଯାଇଛି । ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ନୂଆପଡ଼ା ଜିଲ୍ଲାପାଳ ଶ୍ରୀ ଦାସ କହିଛନ୍ତି।

